Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୪୫ ଭାଗ ଓ
୩୬ ଶ ସଂଖ୍ୟା
ତା ୧ ରଖ ମାହେ ସେପ୍ଟେମ୍ବର ସନ ୧୯୧୦ ମସିହା । ମା । ଭ ୧୮ ନ ଭାଦ୍ର ସନ ୧୩୦୭ ସାଲ ଶନିବାର
ଅଗ୍ରିମ ଟ ୩୧
ପଶ୍ଚାଦ୍ଦେୟ ଟ ୨୧

କଲିକତାରେ ପେଲେଗ ରୋଗ ମାତ ଥିବାରୁ ରେଲବେ ଯୋଗେ ଦକ୍ଷିଣରୁ ଉତ୍ତର ଗତ ନିବାରଣ ଅଭିପ୍ରାୟରେ ଖଡ଼୍ଗପୁରଠାରେ ଗୋଟିଏ ପରଦର୍ଶନର ଅଡ୍ଡା ହୋଇଥିଲା । ବର୍ତ୍ତମାନ କଲିକତାରେ ରୋଗ ଊଣା ପଡ଼ିବା ଏବଂ କଟକ ଓ ଖୋରଧାରେ ପରଦର୍ଶନ ଅଡ୍ଡାମାନ ଥିବାରୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଖଲକୋଟର ଅଡ୍ଡା ଉଠାଇ ଦେଇଅଛନ୍ତି ସୁଖର ବିଷୟ ଅଟେ ।

— — —

ଭାରତରୁ ଚୀନସାମ୍ରାଜ୍ୟକୁ ଗତମାସ ତା ୨୧ ରଖ ପର୍ଯ୍ୟନ୍ତ ନିମ୍ନଲିଖିତ ସୈନ୍ୟ ଏବଂ ଆନୁଷଙ୍ଗିକ ଲୋକ ପଠାଯାଇଥିଲେ । ଯଥା — ଇଂରାଜ ଅଫିସର ଓ ଅଫିସର କର୍ମଚାରୀ ୧୬୭, ଦେଶୀୟ ଅଫିସର ଓ ସୈନ୍ୟ ୧୩୪୦୦, ଖଟଣିଆ ଲୋକ ୭୧୮୬, ଘୋଡ଼ା ୪୨୬୪, ଗାଈ ୨୫୭୮୩ । ଯେପରି ସ୍ଥଳଯାନ ଜଳ ଏବଂ ଦୃଢ଼ମଣ୍ଡଳୀ ଦ୍ୱାର ହୋଇଥିବା ସ୍ଥଳେ ଆଉ ସେନା ପଠାଇବାର ଆବଶ୍ୟକ କି ନା ଜଣାଯାଇ ନାହିଁ ।

— — —

ଜାନପୁରର ପେଲେଗଖାନା ଦଙ୍ଗାହଙ୍ଗାମା ସଂକ୍ରାନ୍ତ ମୋକଦ୍ଦମାରେ ଜ ୨୫ ଣ ଆସାମୀ ନରହତ୍ୟା ଅଭିଯୋଗରେ ଧୃତ ହୋଇଥିଲେ, ତହିଁ ମଧ୍ୟରୁ ଏକଜଣ ଜାବଜ୍ଜୀବନ ଦ୍ୱୀପାନ୍ତର ଏବଂ ଜ ୨୦ ଣ ଫାଶିଦଣ୍ଡ ପାଇଲେ । ଏତେ ଲୋକର ପ୍ରାଣଦଣ୍ଡ ଆଦେଶ ଶୁଣି ଲୋକେ ଚମକି ଉଠିଲେ । ଆସାମୀ ଏବଂ ସେମାନଙ୍କ ବନ୍ଧୁ କୁଟୁମ୍ବର କାନ୍ଦ କୋବାଳରେ କଚେରୀଠାରୁ ଜେଲଖାନା ପର୍ଯ୍ୟନ୍ତ ସମସ୍ତ ବାଟ ଉଛୁଳି ପଡ଼ିଥିଲା ଏବଂ ଜନତା ସମ୍ଭାଳିବା କଠିନ ହୋଇଥିଲା । ଦଉରଗ ଜଜସାହେବଙ୍କ ବିଚାରରେ ଜ ୪ ଣ ଖଲାସ ପାଇଲେ ଏବଂ ଜ ୨୧ ଣ ଦୋଷୀ ସାବ୍ୟସ୍ତ

———

ଅତ୍ୟନ୍ତ ଦୁଃଖର ସହିତ ଗଞ୍ଜାମ ନିୟୁଆରେ ପାଠ କଲୁଁ କି ପାରଲାଖେମୁଣ୍ଡିର ଯୁବରାଜକୁମାର ଶ୍ରୀଯୁକ୍ତ ପଦ୍ମନାଭ ନାରାୟଣ ଦେବ ମହୋଦୟଙ୍କର ପତ୍ନୀ ବିୟୋଗ ହୋଇଅଛନ୍ତି । ଏହି ଶୋକାବହ ଘଟଣା ଗତ ମାସ ତା ୧୦ ରଖରେ ଘଟିଲା । ସେ ଗୋଟିଏ ପୁତ୍ର ସନ୍ତାନ ପ୍ରସବ କରି ସୂତିକା ରୋଗରେ ମରି ପଡ଼ିଲେ ଏବଂ ସନ୍ତାନଟି ମଧ୍ୟ ତାହାଙ୍କ ପଛେ ପଛେ ପ୍ରସ୍ଥାନ କଲେ । କୁମାର ପଦ୍ମନାଭ ନାରାୟଣ ଜଣେ ଶ୍ରେଷ୍ଠ ଶ୍ରେଣୀର ସ୍ୱଦେଶାନୁରାଗୀ ସତ୍‌ସାହସୀ, ପରୋପକାରୀ ବିଚକ୍ଷଣ ବ୍ୟକ୍ତି ଅଟନ୍ତି । ସୁତରାଂ ତାହାଙ୍କର ବର୍ତ୍ତମାନର ଦାରୁଣ ଶୋକ ସାଧାରଣ ଦୁଃଖର ବିଷୟ ବୋଲିବାକୁ ହେବ । ପରମେଶ୍ୱର ତାହାଙ୍କୁ ଏ ଦୁଃଖ ସହିବାର ଉପଯୁକ୍ତ ବଳ ଓ ଶାନ୍ତନା ପ୍ରଦାନ କରନ୍ତୁ ଓ ମୃତ ପତ୍ନୀର ଆତ୍ମାର ମଙ୍ଗଳ ବିଧାନ କରନ୍ତୁ ।

— — —

କାଶୀରେ ଗୋଲାମନାମକ ଏକଜଣ ପ୍ରସିଦ୍ଧ ପହଲବାନ୍ ଥିଲେ । ତାହାଙ୍କପର ବଳବାନ୍ ଏବଂ ମଲ୍ଲବିଦ୍ୟାରେ ସୁଦକ୍ଷ କେହି ଦେଖାଯାଉ ନ ଥିଲେ । ଅସାଧାରଣ ଦୈହିକ ବଳ ଓ ମଲ୍ଲ କୌଶଳ ହେତୁ ସେ ଗବର୍ଣ୍ଣମେଣ୍ଟରୁ 'ରୁସ୍ତମେହିନ୍ଦ' ପଦ ପାଇଥିଲେ । ପଞ୍ଜାବର ରାଜଧାନୀ ଲାହୋରନଗରରେ ବର୍ତ୍ତମାନ ଯେଉଁ ମହାପ୍ରଦର୍ଶନୀ ବସିଅଛି ଗୋଲାମରୁସ୍ତମେହିନ୍ଦ ଆପଣାର ଗୁଣ ଦେଖାଇବା କାରଣ ସେଠାକୁ ଯାଇଥିଲେ ଏବଂ ଯେତେ ସ୍ଥାନରୁ ଯେତେ ମଲ୍ଲବୀର ଆସିଥିଲେ ସେ ସମସ୍ତଙ୍କୁ ସେ ପରାସ୍ତ କରିଥିଲେ । ବଡ଼ ବଡ଼ ପହଲବାନମାନେ କୁସ୍ତିରେ ତାହାଙ୍କଠାରେ ପରାଜୟ ପାଇଲେ । ଦୁଃଖର ସହିତ ଅବଗତ ହେଲୁଁ ଯେ ଲାହୋରନଗରରେ ଗୋଲାମରୁସ୍ତମେହିନ୍ଦ ହତ୍ୟା ହୋଇଅଛନ୍ତି । ସମ୍ଭବତଃ ତାହାଙ୍କ ସହିତ କୁସ୍ତିରେ ହାରିଯାଇଥିବା କେହି ନରାଧମ ମଲ୍ଲ ପିସ୍ତଲଦ୍ୱାରା ତାହାଙ୍କୁ ବଧ କରିଅଛି । ସୁସଭ୍ୟ ଦେଶରେ ଏମନ୍ତ ଘଟଣା ବଡ଼ ଅନ୍ୟାୟ ଅଟେ ।

———

ଗତ ମାସ ତା ୨୭ ରଖ ରାତ୍ରି ଘ ୮ ଘଣ୍ଟା ସମୟରେ ଜ ୧୭ ଣ ଆସାମୀ ଏଠା କଲେକ୍ଟରୀ କଚେରୀଠାରୁ ଜେଲଖାନାକୁ ନୀତ ହେଉଥିଲେ । କେବଳ ଗୋ ୪ ଟା ହାତକଡ଼ି ଯୋଡ଼ି ଯୋଡ଼ି ହୋଇ ଜ ୮ ଣଙ୍କ ହାତରେ ପଡ଼ିଥିଲା ଅବଶିଷ୍ଟ ନଅ ଜଣ ମଧ୍ୟରୁ ଜ ୮ ଣ

Digitized by srujanika@gmail.com

ଦଉଡ଼ାରେ ଯୋଡ଼ ହୋଇ ବନ୍ଧା ହୋଇଥିଲେ ଓ ନ ୧ ଣ ଦଉଡ଼ାରେ ବନ୍ଧା ହୋଇ ନରେଣ କନଷ୍ଟେବଲଙ୍କଦ୍ୱାରା ଧୃତ ହୋଇ ଥିଲେ। ଦଉଡ଼ ବନ୍ଧା ଯୋଡ଼ା ଅସାମୀ ମଧ୍ୟରୁ ଏକ ଅସାମୀ ବାଟରେ ଦଉଡ଼ ଫେସେଇ ଆସୁଥିଲା ଜେଲଖାନା ଫାଟକ ନିକଟରେ ସେ ଫଲ ଦେଇ କନଷ୍ଟେବଲ ଏକ ଜଣ ତାହା ପଛରେ ଦୌଡ଼ ଥିଲା ସତ୍ୟ କିନ୍ତୁ ଅସାମୀକୁ ଗୋଟିଏ ଏକ ଜଣ ବାଟୋଇ ଧରି ପକାଇବାରୁ କନଷ୍ଟେବଲ ଆସି ଜିମ୍ମା କରି ନେଇଥିଲା। ଧରିବା ସମୟରେ ପଳାତକ ଅସାମୀ ଏକ ଜଣର ଅଙ୍ଗୁଳିକୁ କାମୋଡ଼ ଦେଇଥିଲା। ଏହାହେତୁ କନଷ୍ଟେବଲ ଦ୍ୱୟଙ୍କ ଅସାବଧାନତା ଅପରାଧରୁ ଦଣ୍ଡ ପାଇ-ଗଲେ। କିନ୍ତୁ ଏତ ପର୍ଯ୍ୟନ୍ତ ଅସାମୀମାନଙ୍କୁ ହାତେଶୀରେ ରଖିବା ଅନ୍ୟାୟ ନୁହେ କି? ହାକିମମାନେ ସ୍ୱୟଂ ପର୍ଯ୍ୟନ୍ତ ହାତେଶୀ କଲେ ଏହୁପରି ଫଳ ହେବାର ସମ୍ଭାବନା।

---

ବାଲେଶ୍ୱରର ମା ୫ ଲଲ ଜ୍ୱରରେ ଗତ ମାସ ତା ୨୦ ଖରେ ଯେଉଁ ଭୟଙ୍କର ରେଲ ଦୁର୍ଘଟନା ଘଟିଥିବାର ଗତ ସପ୍ତାହରେ ପାଠକ ମାନଙ୍କୁ ଜଣାଇଥିଲୁଁ ତହିଁରେ ନ ୧୧ ଣ ହତ ଏବଂ ନ ୨୨ ଣ ଆହତ ହେବାର ପ୍ରକାଶ ହୋଇଅଛି। ସେହି ନ ୧୧ ଣ ମଧ୍ୟରେ ଉକ୍ତ ସାହେବ ନାମରେ ଏକମାତ୍ର ଇଉରୋପୀୟ ଥିଲେ, ସେ ବଙ୍ଗାଳେଲର ଏକ ହାଇସ୍କୁଲର ହେଡ୍‌ମାଷ୍ଟର ଥିଲେ ଏବଂ କଲିକତା ପ୍ରିଡର୍ଚ୍ଚ ସ୍କୁଲର ହେଡ୍‌ମାଷ୍ଟର ନିଯୁକ୍ତ ହୋଇ ଯାଉଥିଲେ। ସମ୍ପ୍ରତି ପୁଲିସ ସେହିଟି ମୃତଦେହ ପାଇଅଛନ୍ତି ଏବଂ ଅନେକବ୍ୟକ୍ତି ଦେଖିଅଛନ୍ତି ତଦନ୍ତରେ ରିପୋର୍ଟ ଦେଇଅଛନ୍ତି। କଲୁବା ଖର୍ଗ୍ର ରେଲ ଖଣ୍ଡ ଏକ ଅନ୍ୟ ଉପରେ ପଡ଼ ବୃଷ୍ଟି ହୋଇ ଅନ୍ଧକାର ରାତିରେ ଅନେକବେଲ ପର୍ଯ୍ୟନ୍ତ ଜଳ ସ୍ରୋତରେ ପଡ଼ିରହିବା ସ୍ଥଳେ ଅଧିକଲୋକ ମରି ପଡ଼ିବାର ଓ ଶବ ଭସି ଯିବାର ଅନୁମାନ ହେଉ ଅଛି। ଦୈବାତ୍ ଦୁର୍ଘଟନା ସ୍ୱରୂପରେ ତାହାର କଲ ନ ଥିଲେ ଏହି ନୂତନ ରେଲବାଟ ପାଇବା ଓଡ଼ିଆମାନଙ୍କ ମନରେ ଭୟ ଭୟ ହୋଇଅଛି। ରେଲକର୍ମଚାରୀମାନେ ଶୀଘ୍ର ବାଟ ମରାମତ କରିବା କାରଣ ଯଥେଷ୍ଟ ଚେଷ୍ଟା କରୁଅଛନ୍ତି। ୧୨୦ନ. ରେ ବାଟ ଠିକ ହେବ ବୋଲି ଆଶା କରି ଥିଲେ। ମାଏ ଗତ କାଲିପର୍ଯ୍ୟନ୍ତ ଟ୍ରେନ ଚଲାଚଳ ତାହା ସେଥି ସମୟରେ ଆସି ପାରି ନ ଥିଲା।

---

ବଙ୍ଗପ୍ରଦେଶର ଦାତବ୍ୟଚିକିତ୍ସାଳୟ ସଂଖ୍ୟା ୧୮୯୯ ସାଲରେ ୪୮୮ ରୁ ୫୧୦ କୁ ବୃଦ୍ଧି ହୋଇଥିଲା ଏବଂ ରୋଗୀଙ୍କ ସଂଖ୍ୟା ୨୯ ଲକ୍ଷରୁ ୩୦ ଲକ୍ଷକୁ ଉଠିଥିଲା। ଏଥିପୂର୍ବେ କୌଣସି ବର୍ଷ ଏତେ ଲୋକ ଚିକିତ୍ସାଳୟକୁ ଡାକ୍ତରଖାନାକୁ ଆସି ନ ଥିଲେ ଏତ ସନ ୧୮୯୯ ସାଲର ମୃତ୍ୟୁସଂଖ୍ୟା ତହିଁ ପୂର୍ବବର୍ଷଠାରୁ ଅଧିକ ଥିଲେହେଁ ପୂର୍ବଗତବର୍ଷଠାରୁ ଊଣା ଥିବା ପ୍ରତ୍ୟକ୍ଷ ଏତେ ଅଧିକ ରୋଗୀ ଡାକ୍ତରଖାନାର ଆଶ୍ରୟ ନେବା-ଦ୍ୱାରା ଡାକ୍ତରଖାନାର ଉପରେ ଲୋକଙ୍କର ଆଦର ବଢ଼ିବାର ସ୍ପଷ୍ଟ ଜଣା ଯାଉଅଛି। ସର୍ବାପେକ୍ଷା ଜ୍ୱରରୋଗୀ ଅଧିକ ଥିଲେ ତହିଁଉଲେ ଅତିସାର ଓ ରକ୍ତାମାଶାର। ଦାତବ୍ୟଚିକିତ୍ସା-ଳୟର ମୋଟ ଆୟ ଗତବର୍ଷରେ ପ୍ରାୟ ୧୦ ଲକ୍ଷ ଟଙ୍କା ହୋଇଥିଲା। ତାହା ପୂର୍ବବର୍ଷର ଆୟରୁ ୮୭ ହଜାର ଟଙ୍କା ଅଧିକ ଅଟେ। ଉକ୍ତ ଆୟର ଅଧିକାଂଶ ମିଉନିସିପାଲଟୀ, ଡିଷ୍ଟ୍ରିକ୍ଟ ବୋର୍ଡ ପ୍ରଭୃତ ପ୍ରଦାନ କରିଥିଲେ ଏବଂ ଗବର୍ଣ୍ଣମେଣ୍ଟ ମଧ୍ୟ ପ୍ରାୟ ୧୦ ହଜାର ଟଙ୍କା ଅଧିକା ଦେଇଥିଲେ। ମାଏ ବ୍ୟକ୍ତିବିଶେଷଙ୍କ ପ୍ରଦତ୍ତ ଦେବା ପ୍ରାୟ ଶତକଡ଼ା ୫ ୨୫ ଙ୍କା ଊଣା ପଡ଼ିଅଛି ଏବଂ ତହିଁର ପ୍ରତିକାର ନିମନ୍ତେ ପ୍ରତ୍ୟେକ ଚିକିତ୍ସାଳୟର ଗୋଟିଏ ଲେଖାଏଁ ସ୍ୱତନ୍ତ୍ର କମିଟି ନିଯୁକ୍ତ ହୋଇଅଛନ୍ତି। କମିଟି ଚେଷ୍ଟା କଲେ ସାଧାରଣ ଦେବା ଅବଶ୍ୟ ବୃଦ୍ଧି ହେବ।

---

ଗତ ୧୮୯୯।୧୯୦୦ ସାଲର ବଙ୍ଗପ୍ରଦେ-ଶର ସରକାରୀ ଦେବାନୀ ମୋକଦ୍ଦମାର ବିବରଣୀରୁ ପ୍ରକାଶ ଯେ ସରକାରଙ୍କ ପକ୍ଷରୁ ଏବଂ ସରକାରଙ୍କ ନାମରେ ଦାଏର ହୋଇଥିବା ମୋକଦ୍ଦମାର ସଂଖ୍ୟା ୪୫୮ ଥିଲା। ତହିଁ ପୂର୍ବବର୍ଷରେ ସେହିସଂଖ୍ୟା ୩୮୧ ମୋକଦ୍ଦମା ହୋଇଥିଲା। ମୋକଦ୍ଦମାର ସଂଖ୍ୟା ବୃଦ୍ଧିସଙ୍ଗେ ଫଲାଫଲର ଅନୁପାତ ବୃଦ୍ଧି ହୋଇଅଛି ସୁଖର ବିଷୟ ଅଟେ। ଅର୍ଥାତ୍ ସରକାର ଡିକ୍ରୀ ପାଇ-ବାର ଅନୁପାତ ଗତବର୍ଷ ଶତକଡ଼ା ୭୧.୭ ଥିଲା ମାଏ ଏବର୍ଷ ୭୧.୪ ହୋଇଅଛି। ପୁଣି ସର-କାରୀ କାର୍ଯ୍ୟ ନିମନ୍ତେ ଜମି ଖରିଦ ସମ୍ବନ୍ଧୀୟ ମୋ-କଦ୍ଦମା ର ଯହିଁର ପ୍ରାୟ ଅର୍ଦ୍ଧେ ମାମଲାରେ ସରକାର ହାରି ଯାଇଅଛନ୍ତି ସେ ସବୁ ଛାଡ଼ିଦେଲେ ଶତକଡ଼ା ୮୪.୨ ପଡ଼ିଅଛି। ଏହା ଅବଶ୍ୟ ସନ୍ତୋଷଜନକ ଅଟେ। ମାଏ ଡିକ୍ରୀଜାରୀର ଫଳ ଅତ୍ୟନ୍ତ ମନ୍ଦ ଅଟେ। ଡିକ୍ରୀକ୍ରମେ ମୋଟ ପା-ଉଣା ଟ ୬୭,୬୮୧ ଙ୍କା ମଧ୍ୟରୁ ଡିକ୍ରୀଜାରୀରେ କେବଳ ଟ ୧୫,୩୯୬୧ ଙ୍କା ଅର୍ଥାତ୍ ଶତକଡ଼ା ଟ ୨୨୷ ଆଦାୟ ହୋଇଅଛି। ଗତବର୍ଷ ଶତ-କଡ଼ା ଟ ୨୭୷ ଆଦାୟ ହୋଇଥିଲା। ଲୋକେ ଯାହା କହନ୍ତି କ ଅଦାଲତରୁ ଡିକ୍ରୀ ପାଇବା ବରଂ ସହଜ ମାତ୍ର ଡିକ୍ରୀ ଜାରୀରେ ସଫଳ-ହେବା ଅତ୍ୟନ୍ତ କଷ୍ଟକର ତାହା ସରକାର ବାହାଦୁର ନିଜେ ଅନୁଭବଦ୍ୱାରା ବୁଝୁଅଛନ୍ତି। ମାତ୍ର ଦୁଃଖର ବିଷୟ ଯେ ସେ କଷ୍ଟ ନିବାରଣ ର ବହୁତ ବ୍ୟବସ୍ଥା ହୋଇପାରୁ ନାହିଁ।

---

ରାଜପୁତାନା ପ୍ରଦେଶରେ ରାଜପୁତମାନଙ୍କର ଗୋଟିଏ ସମାଜ ସଂସ୍କାର ସଭା ଅଛି। ତାହାର ନାମ "ଓ୍ୱାଲଟରକୃତ ରାଜପୁତ ହିତକାରିଣୀ ସଭା"। ରାଜପୁତ ଜାତିମଧ୍ୟରେ କନ୍ୟା ବିବାହ ଏମନ୍ତ ବ୍ୟୟସାଧ୍ୟ ଯେ ସେହି ଦାୟରୁ ରକ୍ଷା ପାଇବା କାରଣ କନ୍ୟା ବଧ ପ୍ରଥା ସେ ଜାତି ମଧ୍ୟରେ ପ୍ରଚଳିତ ହୋଇଥିଲା ଏବଂ ତାହା ନିବାରଣ ନିମନ୍ତେ ଗବର୍ଣ୍ଣମେଣ୍ଟ ଏକ ସ୍ୱତନ୍ତ୍ର ଆଇନ ଜାରି କରିଅଛନ୍ତି। ବିବାହର ବ୍ୟୟ ଏବଂ ତହିଁସଙ୍ଗେ ମୃତ୍ୟୁ କ୍ରିୟାଦିର ବ୍ୟୟ ଲାଘବ କରିବା ସଭାର ପ୍ରଧାନ ଉଦ୍ଦେଶ୍ୟ। କନ୍ୟା ବିବାହ ସମ୍ବନ୍ଧରେ ସଭାର ନିୟମ ଏହି କି ଯାହାର ବାର୍ଷିକ ଆୟ ଏକହଜାର ଟଙ୍କାରୁ ଊଣା ସେ ତହିଁର ଦୁଇ ତୃତୀୟାଂଶ ଏବଂ ଯାହାର ଆୟ ୨୦ ହଜାରରୁ ଅଧିକ ସେ ତହିଁର ଏକଚତୁର୍ଥାଂଶ ମାତ୍ର କନ୍ୟା ବିବାହରେ ଖରଚ କରିବ। ଅର୍ଥାତ୍ କନ୍ୟାକର୍ତ୍ତା ନିଜର ଆୟ ଅନୁସାରେ ବ୍ୟୟ କରିବ, ବରପକ୍ଷ ତାହାକୁ ବାଧ କରି ଅଧିକ ଦାବି କରି ପାରିବ ନାହିଁ। ଏମନ୍ତ ରାଜପୁତ-ମାନଙ୍କର ଜ୍ୟୋତିଷ୍ଟୋମ, ରଣ୍ଡୀ ଏବଂ କନ୍ୟା ବିଦ-ନ୍ତ୍ରେ ଉପଲକ୍ଷିତ ନିର୍ଦ୍ଧାରିତ ହୋଇଅଛି; ଅନ୍ୟାନ୍ୟ ସନ୍ତାନ ଜନ୍ମ ଅନ୍ତିମ ବିବାହପ୍ରଭୃତି ବାର୍ଷିକ ଆୟ ଏକ ଦଶମାଂଶରୁ ଅଧିକ ବ୍ୟୟ ହେବ ନାହିଁ। ବିବାହର ବୟସ ସମ୍ବନ୍ଧରେ ନିୟମ ଏହି ଯେ ବରର ବୟସ ନ ୧୮ ବର୍ଷ ଏବଂ କନ୍ୟାର ବୟସ ନ ୧୪ ବର୍ଷରୁ ଊଣା ହେଲେ ବିବାହ ହେବ ନାହିଁ। ଯେଉଁ ମୃତ ପୁରୁଷର ବୟସ ନ ୪୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଗୋଟିଏ ପୁତ୍ର ସନ୍ତାନ ଜୀବିତ ଅଛି ସେ ଆଉ ବିବାହ କରିପାରିବ ନାହିଁ। ସମ୍ପ୍ରତି ଏହି ସଭାର ଯେଉଁ [illegible] ବିବରଣ ପ୍ରକାଶିତ ହୋଇଅଛି ତହିଁରୁ ପ୍ରକାଶ ଯେ ସେହି ବର୍ଷରେ ଘଟିଥିବା ୪,[illegible] ବିବାହ ଏବଂ ୧,୪୭୦ ମୃତ୍ୟୁ ସଭାର ନିର୍ଦ୍ଧାରିତ ନିୟମାନୁ-ସାରେ ୪,[illegible] ବିବାହ ଏବଂ ୧,[illegible] ମୃତ୍ୟୁ

Split by PDF Splitter
Digitized by srujanika@gmail.com

ଲିପ୍ତ ସମ୍ପନ୍ନ ହୋଇଥିଲା । ଅର୍ଥାତ୍ ବ୍ୟୟ ସମ୍ପର୍କରେ ଶତକଡ଼ା ୮ ଏବଂ ବୟସ ସମ୍ପର୍କରେ ଶତକଡ଼ା ୬ ସ୍ଥଳରେ ନିୟମ ଲଙ୍ଘନ ହୋଇଥିଲା । ସଭାର ହିତକାରିତା ଏବଂ ରାଜପୁତମାନଙ୍କ ସମାଜ ବନ୍ଧନର ଦୃଢ଼ତାର ଏଥିରୁ ଅଧିକ ପ୍ରମାଣ ଆଉ କି ହୋଇପାରେ ? ଅମ୍ଭେମାନେ ଆଶା କରୁଁ କି ଅନ୍ୟାନ୍ୟ ସ୍ଥାନର ଯେ ଯେ ଜାତି ଉକ୍ତ ବ୍ୟୟାଧିକ୍ୟ ହେତୁ କାତର ସେମାନେ ସମାଜବଦ୍ଧ ହୋଇ ଏହିପରି ନିୟମ କରି ଦୃଢ଼ରୂପେ ପାଳିବାକୁ ଏକାନ୍ତ ଚେଷ୍ଟା କଲେ ଅବଶ୍ୟ ସଫଳକାମ ହେବେ ।

ଯୁଦ୍ଧସମାଚାର

ରୁଷିୟାର ପୂର୍ବବତ୍ ଚାଲିଅଛି । ଜର୍ଣ୍ଣେଲ କୁଁସି ସ୍ତ୍ରୋଟେରମ୍ବୁ ପରିତ୍ୟାଗ କରି ରୁଷିୟମାନଙ୍କ ଗତି ପର୍ଯ୍ୟବେକ୍ଷଣାର୍ଥେ ଭିନ୍ନସ୍ଥାନକୁ ଗମନ କରୁଅଛନ୍ତି ବର୍ତ୍ତମାନ ବେଲଫାଷ୍ଟଠାରେ ସୈନ୍ୟାଧ୍ୟକ୍ଷ ବୁଲର ପୋଲିକେରୁ ଓ ଫ୍ରେଞ୍ଚଙ୍କ ସହିତ ମିଳିତ ହୋଇଅଛନ୍ତି । ସବୁ ସେନାପତି ଏକ ସ୍ଥାନରେ ଏକ ହୋଇ ବୋଧହୁଏ କିଛି ଗୋଟାଏ ଗୁରୁତର କାର୍ଯ୍ୟ କରିବା ମତଲବରେ ଅଛନ୍ତି । ବୁଅର ସେନାପତି ଡି, ଉଏଟ୍ ଅରେଞ୍ଜ ରିଭରକଲୋନି ମଧ୍ୟକୁ ଗତି କରୁଅଛନ୍ତି ।

ଟୀଏନ୍‌ସିନ୍‌ଟିକୁ ଜାପାନମାନେ ଧ୍ୱଂସ କରିଥିବାର ଜନରବ ଉଠିଅଛି । ସେହିପରି ଅବସ୍ଥା କେତେଦୂର ସ୍ଥଳ ହୋଇ ନାହିଁ । ବକ୍ସାରମାନେ ଚୀନର ଦକ୍ଷିଣାଂଶରେ ଅଧିକ ବଳ ସଞ୍ଚିତ ଥିବାର ଅନୁମିତ ହୋଇଅଛି । ଜାପାନୀମାନେ ସ୍ୱାଧୀନ ହର୍ଷ୍ୟର ଚତୁଃପାର୍ଶ୍ୱରେ ଯୋଗ ଦେଇଅଛନ୍ତି । ଟିଏନସିନ ନିକଟରେ ଏକ ଯୁଦ୍ଧ ହୋଇଥିଲା । ବ୍ରିଗେଡିୟର ଗେଜେଲଙ୍କ ଅଧୀନସ୍ଥ ସୈନ୍ୟ ଓ ଜାପାନୀ ସ୍ୱେଚ୍ଛାଦଳ ଅନେକଙ୍କ ଅଶ୍ୱାରୋହୀ ସୈନିକଙ୍କୁ ମୁକ୍ତି କରିବାରେ ବିଶେଷ ସାହସ ଦେଖାଇ ଥିଲେ ।

ଭରତପୁରର ମହାରାଜା ।

ଭରତପୁର ରାଜ୍ୟ ସମ୍ବନ୍ଧରେ ନିମ୍ନଲିଖିତ ସରକାରୀ ସମ୍ବାଦ ବାହାରିଅଛି । ଯଥା—

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଅତ୍ୟନ୍ତ ଦୁଃଖର ସହିତ ଭରତପୁର ରାଜ୍ୟସମ୍ବନ୍ଧରେ କଠିନ ବ୍ୟବସ୍ଥା କରିବାକୁ ବାଧ୍ୟ ହୋଇଅଛନ୍ତି । ସନ ୧୮୯୩ ସାଲରେ ମହାରାଜା ଯଶବନ୍ତ ସିଂହ ପରଲୋକ ଗମନର ପୂର୍ବେ କୁମାର ରାମ ସିଂହଙ୍କର ମନ୍ଦ ଚରିତ୍ର ହେତୁ ତାହାଙ୍କୁ ଗାଦି ନ ଦେବା ବିଷୟରେ ସେ ସମୟର ଗବର୍ଣ୍ଣର ଜେନେରଲ ଲର୍ଡ଼ ଲାନ୍ସଡାଉନଙ୍କ ନିକଟକୁ ଲେଖିଥିଲେ । ରାଜ୍ୟ ହେବାବେଳେ ସେଠାର ପଲିଟିକାଲ ଏଜେଣ୍ଟ ରାମସିଂହଙ୍କୁ ଗାଦି ପ୍ରଦାନ କରିବାକୁ ଅନୁରୋଧ କରି ଲେଖିଲେ କି ବାଲ୍ୟକାଳର ଶିକ୍ଷାରେ ତ୍ରୁଟି ହୋଇଥିଲେ ମଧ୍ୟ ଉତ୍ତମ ବନ୍ଧୁଦର୍ଶିତାଦ୍ୱାରା ସେ ଶାସନକାର୍ଯ୍ୟ ନିର୍ବାହ କରିପାରିବେ । ସେହି ଆଶାରେ ଏବଂ ସେ ପ୍ରକାର ଉତ୍ତରାଧିକାରିତ୍ୱ ନିୟମ ପ୍ରତିପାଳନ କରିବାର ସ୍ୱାଭାବିକ ଇଚ୍ଛାବଶତଃ ଗବର୍ଣ୍ଣର ଜେନେରଲ କୁମାର ରାମ ସିଂହଙ୍କୁ ଗାଦିରେ ବସାଇଲେ । ତୃତୀୟ ବର୍ଷ ପୂର୍ଣ୍ଣ ନ ହୁଅନ୍ତେ ମହାରାଜା ରାମସିଂହଙ୍କର ଅପରିମିତାଚାର ଏବଂ ଅପବ୍ୟୟ ଏତେ ବୃଦ୍ଧି ହେଲା ଯେ ଗବର୍ଣ୍ଣମେଣ୍ଟ ଆପଣାର ପୂର୍ବଭ୍ରମ ସ୍ୱୀକାର କରିବାକୁ ବାଧ୍ୟ ହୋଇ ରାଜକାର୍ଯ୍ୟ ନିର୍ବାହର ଭାର ଜଣେ ଦେୱାନଙ୍କ ହସ୍ତରେ ଅର୍ପଣ କରି ମହାରାଜାଙ୍କୁ ଜଣେ ଡାକ୍ତରର ତତ୍ତ୍ୱାବଧାନରେ ରଖିଲେ ଏବଂ ଆଶା ଥିଲା ଯେ ତାହାଙ୍କ ଚରିତ୍ର ସଂଶୋଧନ ହେଲେ କ୍ରମେ ତାହାଙ୍କୁ ରାଜ୍ୟ ଫେର ଦିଆଯାନ୍ତା, ମାତ୍ର ଗତ ଜୁନମାସ ତା ୬ ରିଖରେ ମହାରାଜା ଆପଣାର ଏକ ଚାକରକୁ ବନ୍ଧୁକ ଗୁଳିଦ୍ୱାରା ବଧ କରି ସକଳ ଆଶା ବିଫଳ କରିଅଛନ୍ତି । ମହାରାଜାଙ୍କର ଜବାବ ଏହି କି ସେ ଚାକରକୁ ବନ୍ଧୁକଦ୍ୱାରା ଭୟ ଦେଖାଉଥିଲେ ଦୈବାତ୍ ବନ୍ଧୁକ ଫାଏର ହୋଇଗଲା । ମାତ୍ର ଡାକ୍ତର ନଳର ଗୁଳି ଯେତେ ଅନ୍ତରରେ ଫାଏର ହୋଇ ଯେପରି ଭାବରେ ଆଘାତ ହୋଇ ଅଛି ତହିଁରୁ ଦୈବାତ୍ ଘଟଣା ପ୍ରମାଣ ହେଉ ନାହିଁ । ଏମନ୍ତ ଦୁର୍ଘଟଣା ଉତ୍ତାରୁ ମହାରାଜା ରାମସିଂହଙ୍କୁ କେବେ ହେଲେ ଭରତପୁରର ଶାସନକର୍ତ୍ତା ପଦରେ ରଖିବା ଅସମ୍ଭବ । କେବଳ ସେ ରାଜବଂଶ ଥାଇଥିଲେ ବୋଲି ବର୍ତ୍ତମାନ ଅଦାଲତରେ ଜୀବନ ନିମନ୍ତେ ବିଚାର ହେବା ଦାୟରୁ ରକ୍ଷା ପାଇଲେ । ଅତଏବ ମହାରାଜା ରାମସିଂହ ଚିରକାଳ ନିମନ୍ତେ ଗଦିଚ୍ୟୁତ ହେଲେ, ସେ ଉପଯୁକ୍ତ ଖୋରାକ ପାଇ ଇଣ୍ଡିଆର ଏକ ସ୍ଥାନରେ ନଜରବନ୍ଦିରେ ରହିବେ ଏବଂ ତାହାଙ୍କର ନାବାଳଗ ପୁତ୍ର ତାହାଙ୍କର ଉତ୍ତରାଧିକାରୀ ହେବେ । ଗତ ପାଞ୍ଚବର୍ଷରୁ ରାଜକାର୍ଯ୍ୟ ଯେଉଁ ବନ୍ଦୋବସ୍ତରେ ନିର୍ବାହ ହୋଇ ଆସୁଅଛି ସେହିପରି ଚାଲୁଥିବ ।

ରାଜା ଯେମନ୍ତ ଦୁଷ୍କର୍ମ କଲେ ତେମନ୍ତ ଫଳ ଭୋଗୀ ହେଲେ ତହିଁରେ କିଛି କହିବାର ବାଟ ନାହିଁ । ରାଜା ହେବା କେବଳ ଭୋଗ ନିମନ୍ତେ ନୁହେ ତହିଁର ଦାୟିତ୍ୱ ଅତ୍ୟନ୍ତ ଗୁରୁ । ଯେଉଁ ରାଜାମାନେ ତାହା ନ ବୁଝି ଭୋଗ ବିଳାସରେ କାଳ କଟାନ୍ତି ସେମାନେ ସାବଧାନ ହେବେ ।

ନଦୀପାରର କଷ୍ଟ ।

ନଦୀପାରର କଷ୍ଟ ସମ୍ବନ୍ଧରେ ଅମ୍ଭେମାନେ ଦୁଇଖଣ୍ଡ ପତ୍ର ପାଇଅଛୁଁ । ଏକ ଖଣ୍ଡ ଏ ନଗରର କଟକ ଫେରିଘାଟ ଏବଂ ଅନ୍ୟ ଖଣ୍ଡ ଅଣ୍ଟେଶ୍ୱର ଲୁଣନଦୀର ପ୍ରବନ୍ଧଂସଘାଟ ବିଷୟରେ ଅଟେ । ଉଭୟ ପତ୍ରର ଗୂଢ଼ାର୍ଥ ପ୍ରାୟ ଏକପ୍ରକାର, ତାରତମ୍ୟ କେବଳ ପରିମାଣରେ । ଫେରିଘାଟ ଏ ସହର ନିକଟରେ ହେବାରୁ ବେପାରୀ, ମହାଜନ ଓ ଅନ୍ୟଲୋକ ଛଡ଼ା ଅନେକ ମାମଲତକାର ଓ ସରକାରୀଗୃହର ପ୍ରଭେଦ ପାର ହୁଅନ୍ତି । ମାଝି ଇଜାରଦାର କେତେ ଏ ମାଝି ସାମାନ୍ୟ ନୌକା ରଖିଅଛି । ଯହିଁରେ ୪୦।୫୦ ଜଣ ଏକଥରରେ ପାର ହୋଇ ପାରନ୍ତି । ଅଥଚ ତହିଁର ୩।୮ ଗୁଣ ଲୋକ ଘାଟରେ ଉପସ୍ଥିତ ହେବାର ଦେଖା ଯାଇଅଛି । ବିଶେଷତଃ ସରକାରୀ ଚାକର ଓ ମାମଲତକାରମାନେ ଯଥାସମୟରେ କଚେରୀରେ ଉପସ୍ଥିତ ହେବା ଲାଗି ଶୀଘ୍ର ପାର ହେବାର ଚେଷ୍ଟା କରନ୍ତି ଏବଂ ଅପରଲୋକମାନେ ମଧ୍ୟ ଘାଟରେ ପଡ଼ି ରହିବାକୁ ଚାହାନ୍ତି ନାହିଁ । ସୁତରାଂ ଧସ୍ତପସ୍ତ ହୋଇ ଅଧିକ ଲୋକ ଚଢ଼ିବାରେ ନୌକା ଅତିରିକ୍ତ ବୋଝାଇ ହୁଏ ଓ ମାଝିର ଅଧିକା ମାସୁଲ ନେବାର ଓ ଗାଳି ଦେବାର ସୁଯୋଗ ଘଟେ । ଅଧିକ ମାସୁଲ ଦେଇ ଓ ଅପମାନ ସହି ମଧ୍ୟ କେତେ ଲୋକ ଘାଟରେ ପଡ଼ିରହି ଖରା ବର୍ଷା ଭୋଗ କରନ୍ତି । ପ୍ରବନ୍ଧଂସଘାଟରେ ମଧ୍ୟ ୧୫।୨୦ ଜଣ ବସିବା ଭଳି ଖଣ୍ଡିଏ କ୍ଷୁଦ୍ର ନୌକାରେ ୩୦।୩୫ ଜଣ ବୋଝାଇ ହୋଇ ଭରା ନଦୀରେ ପାର ହେବାର ଦେଖା ଯାଇଅଛି ଏବଂ ସେଠାରେ ପଟ୍ଟତନ ନୌକା ନାହିଁ କି ଅନଡ଼ାପାଖରେ ନୌକାରେ ଚଢ଼ିବା ସକାଶେ ମାଝି ସିଡ଼ି ପକାଇବାର ଦେଖା ନାହିଁ । ନୌକା ନ ପାଇ ରାତ୍ରି ୩ ଘଡ଼ି ଲୋକେ ନଦୀକୂଳରେ ଖରା ବର୍ଷାରେ ପଡ଼ି ରହିବାର ଦେଖା ଯାଇଅଛି ।

ଅମ୍ଭେମାନେ ଉପରଲିଖିତ ଗୁହାରିମାନ ପ୍ରକାଶ କରି ଜିଲା ବୋର୍ଡର ମେମ୍ବରମାନଙ୍କ

Split by PDF Splitter
Digitized by srujanika@gmail.com

ପ୍ରାର୍ଥନା କରୁଅଛୁଁ କି ସେହି ଇନସ୍ପେକ୍ଟରଙ୍କ ଦ୍ୱାରା ବର୍ତ୍ତମାନେ ତଦନ୍ତ କରାଇ ଉଚିତ ପ୍ରତିକାର ପ୍ରଦାନର ଆଦେଶ ଦେବେ । ପକ୍ଷାନ୍ତରେ ଆମ୍ଭେମାନେ ମଧ୍ୟ ଜିଲା ବୋର୍ଡରେ ଆବେଦନ କରିବାକୁ ଅନୁରୋଧ କରୁଅଛୁଁ । ଜିଲା ବୋର୍ଡ ଯାଉ ଘାଟର ତତ୍ତ୍ୱାବଧାନ ନିମନ୍ତେ ସ୍ୱତନ୍ତ୍ର ଜଣେ ଇନସ୍ପେକ୍ଟର ନିଯୁକ୍ତ କରି ରଖି ଅଛନ୍ତି ଏବଂ ଇନସ୍ପେକ୍ଟର ପରିଶ୍ରମ ଓ ମନୋଯୋଗ ପୂର୍ବକ କାର୍ଯ୍ୟ କଲେ ଏବଂ ଇଜାରାଦାରର କିଛି ତ୍ରୁଟି ଦେଖିଲେ ଜେଥାରମାନଙ୍କ ନିକଟକୁ ରିପୋର୍ଟ କଲେ ଲୋକଙ୍କର କଷ୍ଟ ପାଇବାର କୌଣସି କାରଣ ହୋଇ ନ ପାରେ । ସମ୍ଭବତଃ ଇନସ୍ପେକ୍ଟର ଉପସ୍ଥିତ ଥିବା ବେଳେ ଇଜାରାଦାର ତତ୍ପର ହୋଇ କାର୍ଯ୍ୟ କରେ ଓ ସେ ତାହା ଦେଖି ସନ୍ତୁଷ୍ଟ ହୋଇ ଆସନ୍ତି ଏବଂ କେହି ତାହାଙ୍କ ନିକଟରେ କିଛି ଫେରାଦ କରନ୍ତି ନାହିଁ । ମାତ୍ର ଆମ୍ଭେମାନେ ଆଶା କରୁଁ କି କେଉଁ ଘାଟରେ ଯୁଦ୍ଧବଳ କମେଇ ତାଙ୍କ ହାଟପାଳ ହୁଡ଼ କେତେ ଲୋକ ପାର ହୁଅନ୍ତି କେତେ ଅନ୍ତରରେ କେତେ ଖେପ ହୁଏ, ପ୍ରକୃତରେ କେତେଖଣ୍ଡ ନୌକା ଇଜାରଦାର ରଖିଅଛି ତହିଁରେ କେତେ ଜଣ ମନୁଷ୍ୟ ବୋଝାଇ ହୁଅନ୍ତି ଇତ୍ୟାଦି ବିଷୟ ସମସ୍ତ ସମୟରେ ଏକାଥିଲେ ବା ଏହିପରି ଏକ ଘାଟରେ ଅବସ୍ଥାନ ପୂର୍ବକ ପ୍ରତ୍ୟକ୍ଷ କଲେ ଏବଂ ପଥିକମାନଙ୍କଠାରୁ ବୁଝିବାରେ ଏବଂ ସେ ସବୁ ଆପଣା ଡାଏରୀରେ ଲେଖିବାରେ ବିଶେଷ ମନୋଯୋଗ ଦେବେ ଏବଂ ଇଜାରାଦାର ଅଧିକ ଲୋକର ଭଡ଼ାକୁ ଘାଟଭଡ଼ା ବୋଲି ଦେଖାଇ ଦେଇ ଯେମନ୍ତ ଠକାଇ ନ ଦେବେ ତହିଁ ପ୍ରତି ସାବଧାନ ହେବେ । ତାହା ହେଲେ କଣ୍ଟାଭିତର ଦୁଃଖ ରହିବ ନାହିଁ । ମୋଫସଲର ଯେଉଁସବୁ ଘାଟ ଘାଟଅଧିକାର ଅଧୀନ ନୁହେ ସେ ସମ୍ବନ୍ଧରେ ଆମ୍ଭେ କୌଣସି ଫେରାଦ ଜାଣୁ ନାହିଁ । କାରଣ ସେଠାରେ ପାରିବା ଆଶାରେ ଲୋକମାନଙ୍କୁ ଭୁଲାଇ ଭୁଲାଇ ସାମାନ୍ୟ ଅର୍ଥାତ୍ ସରକାରୀ ହାରଠାରୁ ଊଣାରେ ପାର କରୁଅଛନ୍ତି । ସାଧାରଣଙ୍କର ଜୀବନ ଏବଂ ଅସୁବିଧା ନିବାରଣ ନିମନ୍ତେ ଘାଟ ଆଇନର ସୃଷ୍ଟି ହୋଇଅଛି ମାତ୍ର ଯେବେ କାର୍ଯ୍ୟତଃ ତହିଁର ବିପରୀତ ଫଳ ହେଉଅଛି ବା ହେବାର ସମ୍ଭାବନା ହେଉଅଛି ତେବେ ତାହା କାର୍ଯ୍ୟକାରକଙ୍କର ଦୋଷରୁ ଘଟୁଅଛି ଏଥିପ୍ରତି ଅସ୍ୱୀକାର କରିବାର କାହିଁ ନାହିଁ । ଆମ୍ଭେମାନେ ଜାଣୁ ନାହିଁ କେତେ ସ୍ଥଳେ ସନ୍ତୁକ ପନ୍ଥା ହେବା ଏବଂ ତାହା ସଙ୍କୁଚିତ ରୂପେ ଗମନାଗମନର ଯୋଗ୍ୟ ହେବା ପୂର୍ବେ ଜିଲା ବୋର୍ଡ ଇଜାରର ହୋଇ କେବଳ ଅର୍ଥ ଆଶାରେ ସେ ସବୁ ନଦୀଘାଟରେ ଅଧିକ ଭଡ଼ା ଜାରି କରିଅଛନ୍ତି କି ଯହିଁରେ ଦର୍ଶକମାନଙ୍କରେ ସେସବୁ କା ସ୍ୱଅଧିକ ଇତ୍ୟାଦି ଅଦେୟ ଯାଉ ହୁଏ କି ନା ସନ୍ଦେହ । ସାମାନ୍ୟ ଅର୍ଥ ନିମନ୍ତେ ଇଜାରଦାରକୁ ପୋଷିବା ଏବଂ ଲୋକଙ୍କୁ କଷ୍ଟ ଦେବା ଭଲ ନୁହେ । ଯେବେ ତାହା କରିବାକୁ ହେଲା ତେବେ ଲୋକଙ୍କର ସୁବିଧା ଓ ଧନ, ମାନ, ପ୍ରାଣ ରକ୍ଷାର ଉଚିତ ଉପାୟ କରିବା ଏକାନ୍ତ ଆବଶ୍ୟକ ଏବଂ ସେ ବିଷୟରେ ନିଶ୍ଚିନ୍ତ ରହି ଶିଥିଳ ହେବା ଉଚିତ ନୁହେ ।

---

## ସାପ୍ତାହିକ ସମ୍ବାଦ

### କଲିକତା ଗେଜେଟ ।

କଟକ ରେଭେନ୍ସା କଲେଜର ପ୍ରୋଫେସର ବାବୁ ସୁଭାଷଚନ୍ଦ୍ର ବସୁ ହୁଗଲି କଲେଜର ପ୍ରୋଫେସର ପଦରେ ନିଯୁକ୍ତ ହୋଇଅଛନ୍ତି । ହୁଗଲି କଲେଜର ପ୍ରୋଫେସର ବାବୁ ଅଘୋରନାଥ ଭାଦୁଡ଼ୀ କଟକ ରେଭେନ୍ସା କଲେଜର ପ୍ରୋଫେସର ପଦରେ ନିଯୁକ୍ତ ହୋଇଅଛନ୍ତି ।

ଓଡ଼ିଶାର ସାର୍ଜେଣ୍ଟ ଇଞ୍ଜିନିୟର ମି ଏଚ, ଜ, ରିଚ-ଶ୍ରଙ୍ଗ ଗତ ଇଣ୍ଟମାସ ତା ୧୧ ଏଣ୍ଟଠାରୁ କାର୍ଯ୍ୟରୁ ଅବସର ଗ୍ରହଣ କରିଅଛନ୍ତି ।

---

ଏ ସପ୍ତାହରେ ଏ ଅଞ୍ଚଳର ପ୍ରେମାନ ସୁବର୍ଷାର ହେଉ ଅଛି । ଗଣେଶଚତୁର୍ଥୀଦିନ ସକାଳୁ ପାଣିଏ ବଢ଼ି ବର୍ଷା-ଯାଏ ଲଗାଲଗି ବର୍ଷିଥିଲା । କାଠଯୋଡ଼ିରେ ସେ-ଦିନ ସକାଳେ ଫୁ ୮୮ ଃ ପାଣି ଥିଲା ମାତ୍ର ସନ୍ଧ୍ୟାବେଳକୁ ପାଣି ହେଲା ଫୁ ୧୬ ଃ । ମହାନଦୀରେ ଫୁ ୨-୫ ପାଣି ଉଠିଥିଲା । ଗଡ଼ ବାଗିଚା ରୁ ଜଳ ଛଡ଼ାଯାଇ ।

ଗତ ଏଥର ସବୁକାଳ ବିଶେଷ ବର୍ଷା ହୋଇଥିଲା । ଏ ସପ୍ତାହରେ କେବଳ ୭ ଦିନ ମାତ୍ର ବାଦଳ ବର୍ଷା ହୋଇ ଗତ ଶୁକ୍ରବାରଠାରୁ ଅଧିକ ମେଘ ହୁଏ ହୋଇ ରହିଅଛି ଏବଂ ସୁପ୍ରସିଦ୍ଧ ଶ୍ରୀ ଗଣେଶପର୍ବ ଜଣା ଯାଉଅଛି । ଯେମନ୍ତ ଶ୍ରୀ ଠାକୁରଙ୍କ ଚନ୍ଦ୍ରଭୋଗ ତହିଁରୁ ବିଶେଷ ବୃଷ୍ଟିର ସମ୍ଭାବନା ।

କଟକ କଲେକ୍ଟର ମହିମୂନାଇ ମୋହନ ବାବୁ ଦତ୍ତ-ବାନନ୍ଦ ଦାସ ହାଇକୋର୍ଟରେ ଯେଉଁ ଲିଖିଲେ ଦାଖଲ କରିଥିଲେ ସେଥିର ଶୁଣାଣି ହିସାବ କାରଣରୁ ଥିଅଛି । ହାଇକୋର୍ଟ ଜଜଙ୍କ ବିଚାରରେ ଉଭୟଙ୍କୁ ଦଣ୍ଡ ମୁକ୍ତି ଦେଇ ଅଛନ୍ତି । ଉପରର ଶେଷ ନିଷ୍ପତ୍ତିର ଫଳଫଳ ଏପର୍ଯ୍ୟନ୍ତ ଆମ୍ଭମାନଙ୍କର ଦୃଷ୍ଟିଗତ ହୋଇ ନାହିଁ ।

ଏଠା ବର୍ଦ୍ଧମାନରେ ଏକ ଶ୍ରେଣୀ ହୋଇଥିବା ଘୋଷଣା ପତ୍ରରେ ସକଳ ଯୋଗ ଅପରିଷ୍କାର ଏବଂ ଦୀନ ଦରିଦ୍ର ଲୋକରେ କେତେକ ପ୍ରୋଣ୍ଟକ ବାହାଦରୀକୁ ଦାବି ସ୍ୱତନ୍ତ୍ର ରଖିବାକୁ ତାହା ସ୍ତର ୭ ହତ୍ୟାର ନିଷ୍ପତ୍ତି ଅଣ୍ଡା ହୋଇଅଛି ।

କଟକ ମିଉନିସିପାଲଟୀର ଅଧିକାଂଶ ରାସ୍ତାରେ ଗାଡ଼ି ଯେପରି ମଇ, ପ୍ରୋହମାନେ ନଷ୍ଟ କରୁଅଛନ୍ତି । କେମାନ ଓ ଭଙ୍ଗି ଦେହ ଇଣାଇ ଖାଣ୍ଡ କରାଇବାକୁ ଗଞ୍ଜିଅବ୍ରାହକରେ କେତେକ ଜଣ ଗୃହକ ମୃତ୍ୟୁ ହୋଇଥିଲେ । ଦୋଃ ମାଣ୍ଡିସ୍ଟେଟ ବାବୁ ପରିତାକୁମାରଙ୍କ କେମାନଙ୍କ ପଡ଼ ଖାଡ଼ ବଡ଼ା ହୃଷ୍ଟ ଦବରେ ନଦୀମାନ ବଢ଼ିଗଲାଣି । ଅନ୍ୟ ସାଡ଼ିକାମାନେ ଏଥର ସାଧାରଣ ହେବେ କି ? ମିଉନିସିପାଲଟିର ସଦୃଶ ପ୍ରକୃତ ଶୃଙ୍ଖଳା ପରିଚାଳକ କାର୍ଯ୍ୟରେ ତତ୍ପର ହେଲେ ଘଟନାର ଯୋଗ୍ୟ ଯଶସ୍ୱୀକୁ ଲଭ ଦେଇଥାନ୍ତେ ।

ଓଡ଼ିଶାଠାରେ ଦେଶ ଏ ପର୍ଯ୍ୟନ୍ତ ଏ ଅଞ୍ଚଳରୁ ସମ୍ପୂର୍ଣ୍ଣ ହୋଇ ନାହିଁ । ଗତ ସପ୍ତାହ ମଧ୍ୟରେ ମେଡ଼ିକେଲ କଲେଜରେ ଜଣେ ମେଡ଼ିକେଲ ସ୍କୁଲରେ ୨ ଜଣ ଦରବାରୀମାନଙ୍କରେ ୪ ଜଣ ଓ ବାହାର ସହର ବା ଗ୍ରାମ ବାହାରର ଜଣେ ଏହି କ୍ଷେତ୍ରରେ ମରିଅଛନ୍ତି ।

ବାଙ୍କ ମିଉନିସିପାଲଟୀର ଚଉପାଡ଼ି କର୍ତ୍ତା ବା ଗାଡ଼ ସବୁ ମରାମତି ହେବାର ଉଚିତ । ସ୍ଥାନେ ଗାଡ଼ ସହରରେ ମଧ୍ୟ ପାଣି ଠାଏ ଠାଏ ଜମି ରହୁଅଛି ।

ଗତ ସପ୍ତାହରେ ଯୁବରାଜ ଭେଲଟେଲ ପଢ଼ିବା ପୂର୍ବରୁ ୭ ଦିନ ଶାଳ୍ପ ଶାଳ୍ପ ଗୃହ ୨୬ ୯ ଖଣ୍ଡ ଟଙ୍କାଟି ଦେଇ ବୁଝି ଜଣଙ୍କ ୫ ୪ ଟଙ୍କା ଲେଖାଏଁ ଓ ଅନ୍ୟ ୨ ଜଣଙ୍କୁ ୫ ୧୦ ଲେଖାଏ ଜରିମାନା କରିଅଛନ୍ତି ।

ପୁରୀ ସଂସ୍କୃତ କଲେଜର ପ୍ରଧାନ ଅଧ୍ୟାପକ ମୀ ଶିକ୍ଷକ ପଦର ସେହି କଲେଜରେ ୨ୟ ଶିକ୍ଷକ ପଣ୍ଡିତ ଚନ୍ଦ୍ରନାଥ ମହାପାତ୍ର ଶର୍ମା ନିଯୁକ୍ତ ହୋଇଅଛନ୍ତି ଏହି ଏଥିରେ ଯୋଗ୍ୟତାର ବନ୍ଧନ ପଣ୍ଡିତ କେଶବ ଚନ୍ଦ୍ର ପଣ୍ଡିତଙ୍କ ପଣ୍ଡିତପ୍ରବର ଉତ୍ତର ଅନୁମତି ପ୍ରକାଶ କରାଯାଉଅଛି । ଅଥଚ ଜୁଗଣେ ଏ ମହାଶୟଙ୍କୁ ଅଧିକ ଲାଭ ଗ୍ରହଣ କରିବ ।

ଯୋରର ଏଣ୍ଟ ଇନସ୍ପେକ୍ଟର ରାଜବଳ ବାବୁ ପୂର୍ଣ୍ଣଚନ୍ଦ୍ର କାନୁନ ତେଜାରୀ ଇ କମିଶନର ପଦରେ ନିଯୁକ୍ତ ହୋଇ ଯେଠାକୁ ଗମନ କରିଅଛନ୍ତି ।

ବାବୁ ଜଗନ୍ନୋହନ ଘୋଷ ପ୍ରେସିଡେନ୍ସି କଲେଜ ଅଫିସିଆଲ ଅଫିସରଙ୍କ ପଦରେ ନିଯୁକ୍ତ ହୋଇଅଛନ୍ତି । ମାତ୍ର ପରିବର୍ତ୍ତନ ଧରାକୁ ଛୁଟି ଗ୍ରହଣ କରିବାରୁ ତାଙ୍କ ସ୍ଥାନରେ ବାବୁ ଲକ୍ଷ୍ମୀଧର ସେଠାରେ ନିଯୁକ୍ତ ହୋଇଅଛନ୍ତି ।

ଯୋଗିଙ୍କୁ କଟକର ପାଃ ମାଜିଷ୍ଟ୍ରେଟ ମହିବନାଥଙ୍କ ଅଧିକ ଛନ ଧମନରେ ସମୟ କରିଅଛନ୍ତି । ତହିଁ ଉପରେ କୌଣସି ସ୍ୱାଦ ପ୍ରକାଶ ପାଇ ନାହିଁ ।

ସମ୍ବଲପୁର ଜୁଡ଼ିସିଆଲରେ ଗତ କଲିଁ କ ଗତ ତାଙ୍କର ଗୋଟିଏ ପତ୍ର ମହାଜନରେ ଉପସ୍ଥିତ କରିଛି ବାବୁ ଭଗୀରଥ ଦାସ ପାଙ୍କରେ ପଢ଼ିଥିଲେ । କିନ୍ତୁ ସେ ୬ ଘା କେତେ ଦାରୁଣ ମୂଳକ ତାହାକୁ ଜାଣିବା ଅବଶ୍ୟକ ହେଉ ଯେଉଁଥିପାଇଁ ଜଣେ ଘଟଣାର ତାହାକୁ ଜଣାଇବାରେ ଅତ୍ୟ ଯାଉଅଛି । ପ୍ରକୃତ ମହତ୍ତ୍ୱ ଏଥିପାଇଁ ।

ଅଷ୍ଟକଟ ଗୋଷ୍ଠୀ ଅଞ୍ଚଳମାନଙ୍କରେ ଅନେକ ବ୍ରୁଟ ରୋଗ ହେଉଅଛି । ଏଥି ପଛରେ ଜେଲଖାନାରେ କୋଠରୀରେ ରୋଗମାନ ବଡ଼ ଅଧିକର ସ୍ୱୟଂ ଜରିପ ଗଡ଼ରେ ଘର ହେବୁ ଅନେକ ଲୋକେ ଚେଷ୍ଟା କରିବାକୁ ଲାଗି ହେଉଅଛନ୍ତି ।

ଗୋପାଳପୁର ନଗ ସୁବଁ ଲେ ଭଲକୁଳ ଲୁହାର ପଡ଼ିଥିଲା । ତହିଁରେ ଅନେକ ସମ୍ପତ୍ତି ଓ ଫସଲ ନଷ୍ଟ ହୋଇଅଛି । ଅନେକ ମନୁଷ୍ୟ ନଷ୍ଟ ହେବାର କଥା ଶୁଣାଯାଉ ଅଛି ମାତ୍ର ଏଥିର ସଠିକ ଜଣା ଯାଇ ନାହିଁ । ଏହିଠାରୁ ରେଳ ଲାଇନ ଯେଉଁ ଠାଇ ଯାଇ ହୋଇଅଛି ତାହା ସୁଧାରିବାକୁ ପାଇ ରେଲ କମ୍ପାନୀକୁ ପ୍ରାୟ ୫ ୧୦ ହଜାର ଲାଗିବ ।

ଉତ୍କଳସୁଧାର ମହାରାଜଙ୍କ ମତ ମତ ହୋଇଥିବା ଓ ତହିଁ କାରଣରେ ଆପଣାର ଏକ ଶୁଭଫଳ ରେ ଦାସି ମାଧବ ଦେହ ଅଥବା ଅତଏବରେ ଉତ୍କଳପ୍ରବାସୀମାନଙ୍କ ଶକ୍ତି ଦାନ ପାଇଁ ପ୍ରାର୍ଥିତ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter



Boys, reduced to skeletons and rendered totally incapable of work, by underfeeding! The number of such beggars has been steadily growing; and we know, for every one such wanderer there must be a dozen who have preferred starvation at home. Imagine to yourself whole villages of people, totally deprived of their poor pittances and driven to the extremity of feeding upon inedibles to succumb, after continued fast for some days and nights together; and you have some idea of famine and the ravages it has been committing in the Tributary Mehals.

Famine, in all its grim and hideous features, has raged in Barmba, Dashpala, Bode, and Atmullick. Famine has raged, but adequate relief does not appear to have been vouchsafed. Private endeavours, upon which so much stress was laid by His excellency do not seem to have been made, to the required degree. Aid from without, aid from our Mogulbandi brethren has not been thought of; and it may be safely said that our educated people have given all their attention to the reading of newspaper articles, describing the hard days, which our brethren of Bombay and the North West are having of it. Money is being given away to save those people from death, while handfuls of rice are being withheld from our poor Oriya brethren, suffering a foretaste of death under our own eyes. We cannot bring ourselves to admire such 'telescopic charity.'

But we have very great pleasure in placing, before your readers, an account of benevolence, truly worthy of the name. The Maharajah of Atmullick, who is welknown to be before everything, a benevolent prince has been making strenuous efforts to ward off much of the evil, which a famine brings in its train. The famished people of his own Mehal, surround his residence at all hours of the day and all obtain the help which they look for, without fail. Not only that; even people from the other affected Mehals have been receiving similar kindly treatment at his hands. We have news from reliable source that the Maharajah himself goes about visiting the poor and distributing alms. The Maharajah's income is, comparatively speaking, small; but he has put into requisition all his resources, has almost exhausted them, and has gone the length of taking a loan of some thousands of rupees from Government.

It is a matter of deep regret that such service, in the cause of humanity, whose value can be hardly overestimated, seems to go unrecognised. The Maharajah is a Maharajah in the proper sense of the word and is the model up to our minor Rajahs. We cannot but heartily congratulate the Maharajah on his disinterested efforts to save human lives, sent within an inch of death by the want of sufficient rations. We believe the public will give to the Maharajah his deserts, or at least, thanks, which one great poet calls, 'the easiest and readiest recompense'; and our trust is that you will also use your influence in the same direction.

Cuttack
August 27th 1900 *Vox Populi.*

## ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ସଦାଶିବ ଶତ୍ପଥୀ | ଗଞ୍ଜଗୁଣୀ | ଟ ୩ |
| " ଶ୍ରୀଧର ମହାନ୍ତି ପ୍ରଧାନଶିକ୍ଷକ ମିଡ଼ିଲ୍‌ସ୍କୁଲ | | ଟ ୩ |
| " ଭଗବାନ ପଣ୍ଡା | ନୂଆଗଡ଼ ବୃଥିପାଳ | ଟ ୩ |
| " ସ୍ତମ୍ଭାବାସ ଗାଁର ଗୋପୀନାଥପୁର | କୋଠଦେଶ | ଟ ୩ |
| " ପଦ୍ମନାଭ ଦାସ ୨ୟ କଲମ, ରେଭେନ୍ସା | | ଟ ୩ |
| " ପ ଜାନକୀ ଦେଓଙ୍କର | ପଦମପୁର | ଟ ୩ |
| " ଜାଜାଳିଆ ଜମିଦାର ଝୋଲିକଟ, | କୋଲିଙ୍ଗପୁର, ମାନ୍ଦ୍ରାଜ | ଟ ୩ |
| ମହନ୍ତ ଶ୍ରୀକୃଷ୍ଣ ଦାସ ବାବାଜୀ | ପଣ୍ଡୁଆମଠ | ଟ ୩ |
| ଶ୍ରୀ ବାବୁ ଯଜ୍ଞେଶ୍ବର ବାହିନୀପତି ଶ୍ୟାମସୁନ୍ଦରପୁର | ପୁରୀ | ଟ ୬ |
| " ଯୋଗୀ ବେହେରା | ଜଗତପୁର | ଟ ୩ |
| " ନୀଳକଣ୍ଠ ଦାସ | ରେମୁଣା | ଟ ୩ |
| " ବଇଦ୍ୟ ନାୟକ | ବେଗୁନିଆ | ଟ ୬।୩ |
| " ଭୁଜଙ୍ଗ ଦାସ | ପୋଷ୍ଟମାଷ୍ଟର ପୁରୀ | ଟ ୩ |
| " ବିଶ୍ୱନାଥ ମହାନ୍ତି | ବହଳଡା | ଟ ୩ |
| " ଯୋଗୀ ସ୍ୱାଇଁ | ମାର୍ଷାଘାଇ | ଟ ୩ |
| " ଶ୍ରୀପତି ବେହେରା | ବ୍ରହ୍ମବାଡ଼ | ଟ ୩ |
| " ଚୌଧୁରୀ ଭୂଷଣ ଦାସ | କଟକ | ଟ ୩ |
| " ଜଗନ୍ନାଥ ଦାସ | ଜଗତପୁର | ଟ ୩ |

# ବିଜ୍ଞାପନ ।

## NOTICE.

Tenders are hereby invited for the supply of the undermentioned materials at site of Palace at Ganja, near Chandbali, on the Kanika ward's Estate. Cuttack District.

Intending Tenderers can obtain all information from the District Engineer's office, Collectorate, Cuttack or from the estate sub-overseer at Ganja.

Tenders will be on District Board's Form No. 2 "Collector of Cuttack" being substituted for "District Board."

These forms will be supplied free of charge, on application.

Tenders to be submitted to the District Engineer before the 25th October 1900 in sealed covers superscribed "Tender for Ganja Palace materials."

Rs. 400 in currency notes must accompany each tender.

The general specification of works Orissa Circle, will be in force.

The Collector of Cuttack does not bind himself to accept the lowest or any tender.

| Quantities. | Description of work. | Rate estimated. | Date for commencement of work. | Date for completion. |
|---|---|---|---|---|
| 15,00,000 No. | 1st Class Bricks. | Rs. 10 per 1000. | November, 1900. | 20th March 1901. |
| 1,50,000 No. | 2nd Class Do. | Rs. 5 per 1000. | | |
| 17000 c. f. | Ghooting (clean) for lime burning | Rs. 22 per 100. | | |

Further large quantities of materials will be wanted in the next official year 1901-1902.

Cuttack District Engineer's Office, Dated 25th August 1900.

Sd. Louis E. Desgratoulet, District Engineer, Cuttack.

Digitized by srujanika@gmail.com

Split by PDF Splitter




NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL,
*Agent,*
*Cuttack.*


ଶ୍ରୀ ନନ୍ଦକିଶୋର ବଳ ବି, ଏ ରଚିତ ସମ୍ପ୍ରତି ଓ ସର୍ତ୍ତ ଜନଙ୍କ ପ୍ରଶଂସିତ " ପଲ୍ଲୀଚିତ୍ର " ( ମୂଲ୍ୟ ଟ ୦ ୶ ) ଓ " ଭର୍ତ୍ତ୍ତରୀ " ( ମୂଲ୍ୟ ଟ ୦ । ) କଟକ ପ୍ରିଣ୍ଟିଂ କମ୍ପାନୀ ଓ ବାବୁ ରାମଶ୍ରୟ ମୁଖୋପାଧ୍ୟାୟଙ୍କଠାରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ନୂତନ ପୁସ୍ତକ ।

ଶ୍ରୀ ସଂଶଙ୍କର ରାୟଙ୍କ କୃତ

## ବିଷମୋଦକ ।

ନାଟକ ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଛ ଅଣା ମାତ୍ର ।

## ବିଜ୍ଞାପନ ।

ସଙ୍ଗୀତ ଲହରୀ ବା ଟପ୍ପା ସଙ୍ଗୀତ ପୁସ୍ତକ ।

ଏପରି ପୁସ୍ତକ ଅନ୍ୟ କେବେ ଓଡ଼ିଆ ଅକ୍ଷରରେ ଛପା ହୋଇ ନ ଥିଲା ।

ମୂଲ୍ୟ ଟ ୦ । ଚାରିଅଣା ମାତ୍ର ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## WANTED

A 3rd Pandit on a monthly salary of Rs. 5. for the Charchika Board's Middle School.

Preference will be given to him who has passed the Vernacular Scholarship Examination and has acquired some experience in the teaching line.

Applications will be received by the undersigned up to 14th September next.

Cuttack Dist. Bd. Office, The 29th August 1900. } J. C. Chandar, Vice-Chairman.

## ବିଜ୍ଞାପନ ।

## ଯାଦୁଚି ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଡବା ଟ ୦ ।୵ ଚାରି ଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଚାରି ଅଣା ମାତ୍ର ।

ସର୍ବପ୍ରକାର ଦଦ୍ରୁରୋଗର ଏହାପରି ହଠାତ୍ ପୂର୍ଣ୍ଣ ଜ୍ୱାଳା ଯନ୍ତ୍ରଣା ନିବାରକ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ, ଧାମ, ଡାକଘର, ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାରେ ନାନା ବିଘ୍ନ ଉପସ୍ଥିତ ହୁଏ ।

ପ୍ରାପ୍ତିସ୍ଥାନ
ଶ୍ରୀ ରାମତାରକ ସେନ
ଦେବ କୁଟୀର ପ୍ରେସ, ବାଲେଶ୍ୱର

## ବିଜ୍ଞାପନ ।

ନୂତନ ପୁସ୍ତକ ।

ଗଣିତ ପ୍ରଶ୍ନ ସମାଧାନ ।

ଏଥିରେ ନୂତନ ଧାରରେ ପ୍ରଶ୍ନ ସନ୍ନିବେଶ କରାଯାଇଅଛି, ନିମ୍ନ ପ୍ରାଇମେରୀଠାରୁ ଭର୍ଣ୍ଣାକ୍ୟୁଲର ପର୍ଯ୍ୟନ୍ତ ସକଳ ଶ୍ରେଣୀସ୍ଥ ପରୀକ୍ଷାର୍ଥିମାନଙ୍କର ଏକାନ୍ତ ପ୍ରୟୋଜନୀୟ, ମୂଲ୍ୟ ଟ ୦ ।

ପଣ୍ଡିତ ଶ୍ରୀ ଜୀବନବାବୁ ଅଗ୍ରଣୀଙ୍କ କୃତ ।

## ଶ୍ରୀ ଶ୍ରୀନିବାସ ଦୀପିକା ।

( ଜ୍ୟୋତିଷ ଶାସ୍ତ୍ର ମୂଳଗ୍ରନ୍ଥ )

ଶ୍ରୀ ଭୁବନେଶ୍ୱର ବଡ଼ଜେନାଙ୍କ କୃତ

ନାନା ଛନ୍ଦବନ୍ଧରେ ଅର୍ଥ ରଚିତ ।

ମୂଲ୍ୟ ଟ ୦ ୵୳

ଅଧ୍ୟାତ୍ମ ରାମାୟଣ (ହଳଧରପଟ୍ଟନାୟକକୃତ ) ଟ ୨୧

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ଉଚ୍ଚ ପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପତ୍ରର ପରିମାଣରେ କମିସନ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ସାବଗ୍ରୀସ୍ତ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ଦୋକାନରେ ମିଳଇ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାରକୁ ଟ ୧୨୷୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୳ |
| ୨ ସଭା ପର୍ବ | ଟ ୨୳ |
| ୩ ବନ ପର୍ବ | ଟ ୨୳ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୶ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାର୍ତ୍ତିକା ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୳ |
| ୧୭ ମୂଷଳୀ ପର୍ବ | ଟ ୦।୶ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ADVERTISEMENT,

Wanted a Sub-Inspector for the Mourbhunj Police on Rs. 25 rising to Rs 30.

Candidates must have a fair knowledge in English and Uria, should be of good character, and of requisite height and chest measurement; Preference will be given to those who know Police work well.

Applications with testimonials will be addressed to the Superintendent of Police, Mourbhunj before the 31st August 1900.

Baripada Police office. 29-7-1900. } J. E. Huggins, Inspector in charge

Digitized by srujanika@gmail.com

## ବିଜ୍ଞାପନ

ସୁପ୍ରସିଦ୍ଧ ଡାକ୍ତର ଏମ୍, ଏ, ପାଲଙ୍କର
ଜଗତ୍ ବିଖ୍ୟାତ ପାଗ୍ଳା ଉପକାରକ ଓ ଶତ,
ଚର୍ମ୍ମ ରୋଗ ନାଶକ,

## ଚନ୍ଦ୍ରେଶ୍ୱର-ତୈଳ ।

ସମସ୍ତ ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, ଯେବେ ବ୍ୟବହାର କରନ୍ତି, ଏପରି ଜଟିଳ ଓ କୁଟ୍ଟଶିଅ ରୋଗ-ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଶାଟସ୍ତ ଓ ଅନ୍ତରସ୍ଥ ଘାଆ, ପାଗ୍ଳର ଘା, ଗାଏ ଫଟା, ଖଣ୍ଡି ଓ ଶୋଲସ ଉଠା, ଗାତ୍ରଦାହ, ବେଦନା ଓ ଦାଦ ଏବଂ ସର୍ବପ୍ରକାର ଶତ ଓ ଉପଦଂଶ ଜନିତ ସଗଅିଶ ରୋଗ ସମୂଳେ ନିର୍ମ୍ମୂଳକାରକ ଓ ଦେହ ମସୃଣ ଉଜ୍ଜ୍ୱଳ କାନ୍ତି ପ୍ରଦାୟକ । ମୂଲ୍ୟ ଛୋଟ ଶିଶି ଟ ୧। ଡାକମାସୁଲ ଟ ୦ ।୵ ବଡ଼ଶିଶି ଟ ୬୯ ମାସୁଲ ଟ ୧୵

ସର୍ବପ୍ରକାର ଜଟିଳ ରୋଗ ନାଶକ ।

## ଚକ୍ରପାଣି-ପାଚନ ।

ଏହାର ଗୁଣର ବିଷୟ ଅଧିକ କ କହିବା ଭାରତର ପ୍ରସିଦ୍ଧ ଡାକ୍ତରଗଣ, ରୋଗ ବିଶେଷରେ ଏହି ମହୌଷଧ ପ୍ରିସ୍କ୍ରିପ୍‌ସନରେ ବ୍ୟବସ୍ଥା କରୁଅଛନ୍ତି । ଏହା ଦେଶୀ ଗଛ ବୁଟି-ରେ ପ୍ରସ୍ତୁତ, ଯେବେକେ ବଳ୍ଯା ଅଟ ଛନ୍ଦମ ପାଳନ କରିବାକୁ ହୁଏ ନାହିଁ, ଅଥଚ ଅନ୍ୟ ସବଳଚଳନ ପାଚନ ଅପେକ୍ଷା ଶୀଘ୍ର ଫଳଦାୟକ । ଏବଂ ସର୍ବପ୍ରକାର ଜଟିଳ ଓ ପୁରାତନ ରୋଗର ଧନ୍ୱନ୍ତରି ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁ-କ୍ଷୀଣ, ଅମ୍ଳ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, କାଶ, ସ୍ନାୟବିକ ଦୁର୍ବଳତା, ସ୍ତ୍ରୀଲୋକର ବାଧକ, ପ୍ରଦର ରଜଃଦୋଷ, ବନ୍ଧ୍ୟା, ମୃତବତ୍ସା ଦୋଷ ଆଦି ସମୂଳରେ ନିର୍ମ୍ମୂଳକାରକ ଓ ଦୂଷିତ ରକ୍ତପରିଷ୍କାରକ । ମୂଲ୍ୟ ଏକ ଶିଶି ଟ ୧। ମାସୁଲ ଟ ୦।୵ ଦୁଇ ଶିଶି ଟ ୨। ମାସୁଲ ଟ ।୵ ତିନଶିଶି ଟ ୩। ମାସୁଲ ଟ ।୵, ୧୨ ଶିଶି ଟ ୧୨ ମାସୁଲ ଟ ୩।୵

## ଉତ୍କଟ ଦମା ଓ କାଶ

ରୋଗର ମହୌଷଧ ।

ଏହା ସେବନ କଲେ ସକଳପ୍ରକାର କାଶ, ଦମାକାଶ, କ୍ଷୟକାଶ, ରକ୍ତଉଠା କାଶ, ଶୁଷ୍କକାଶ, ଜୀର୍ଣ୍ଣକାଶ, ଓ ବିବିଧ ଉପସର୍ଗ ଯୁକ୍ତ କାଶ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ତଦ୍ଦ୍ୱାରା ବୁକରେ ଶ୍ଳେଷ୍ମାବଦ୍ଧ, ଗଳା ସାଇଁ ସାଇଁ ଘଡ଼ଘଡ଼, ସ୍ୱରଭଙ୍ଗ, ବେଦନା ଗ୍ରହଣ, ମୁଖରେ କଫ, ଅରୁଚି, କୋଷ୍ଠବଦ୍ଧ, ଅମ୍ଳ, ଅଜୀର୍ଣ୍ଣ, ଶୋଥ ଆଦି ଉପସର୍ଗ ସକଳ ତତ୍‌କ୍ଷଣାତ୍ ଦୂର ହୁଏ । ମୂଲ୍ୟ ଛୋଟ କୌଟା ଟ ୧୯ ବଡ଼ କୌଟା ଟ ୧୵ ମାସୁଲ ଟ ୦।୵ । (ଅସଂଖ୍ୟ ପ୍ରଶଂସାପତ୍ର ଆସିଛି ।)

ନ ୧୨ ମଧ୍ୟ ଦୁର୍ଗାଚରଣ ମିତ୍ରର ଷ୍ଟ୍ରିଟ,
ଦର୍ପନାରାୟଣ, କଲିକତା ।
ଏମ୍, ଏ, ପାଲଙ୍କ ଔଷଧାଳୟରେ ପ୍ରାପ୍ତବ୍ୟ ।




## ସୁଗନ୍ଧି ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧିଦ୍ରବ୍ୟ ପ୍ରସ୍ତୁତକାରୀ ଏଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଗୋଡ଼ି ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମ୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସ୍ୱଳ୍ପ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍‌ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉଭିଦ୍ ପ୍ରକାର ଏସେନ୍‌ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ସୁହେଲି; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ହ୍ୱାଇଟ୍ ରୋଜ୍; ବମସ ରୋଜ୍; ବେଣାଚେର; କୁମୁଦିନୀ; ମିଲିକୁସୁମ; ହେନାକୁସୁମ; ପାରିଜାତ-କୁସୁମ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକ ଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

ବସୁଙ୍କ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁରଭି ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଟିକିଏ ମିଶାଇଦେଲେ ଗୁଣ୍ଡି ମନୋହର ହେବ । ମୂଲ୍ୟ ପ୍ରତି ଶିଶି ଅଠଅଣା ।

### ସରବତ ଅଥବା ସିରପ୍ ।

ଗ୍ରୀଷ୍ମକାଳ ନିମନ୍ତେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଜିଞ୍ଜର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍ଡେନ ସିରପ୍ ଏକଟଙ୍କା ।

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମ-ଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଶର୍ତ୍ତ ଟ ୦ ୵ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଏତିର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

REGISTERED No. C. 51.
Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୪୩ ଶ — ୪ ୩୭ ସଂଖ୍ୟା } ତା ୮ ତାରିଖ ମାହେ ସେପ୍ଟେମ୍ବର ସନ ୧୯୦୮ ମସିହା । ମା । ଭ ୨୪ ତ ... ୧୩୦୮ ସାଲ ଶନିବାର { ଅଗ୍ରୀମ ଟ ୨୯ — ପଶ୍ଚାଦେୟ ଟ ୨୯

କାନପୁରରେ ପେଲେଗ ବିଧି ସମ୍ବନ୍ଧରେ ଯେଉଁ ଦଙ୍ଗାହଙ୍ଗାମା ହୋଇଥିଲା ଏବଂ ଯହିଁରେ ନ ୩୫ ଜଣ ଜଖମ ହୋଇଥିଲେ ତହିଁର ବିଚାର ଶେଷ ହୋଇଅଛି । ତ ୨୧ ଜଣ ଅସାମୀ ମଧ୍ୟରୁ ଏକଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ବାସ ଏବଂ ନ ୨୦ ଜଣଙ୍କୁ ପ୍ରାଣଦଣ୍ଡର ଆଦେଶ ହୋଇଅଛି । ଏହି ମାମଲାରେ ଏତେ ଲୋକର ପ୍ରାଣଦଣ୍ଡ ହେବାର ପୂର୍ବେ ଶୁଣା ଯାଉ ନ ଥିଲା । ଏଣିକି ବିଚାରକର୍ତ୍ତାମାନଙ୍କର ମନ କଠିନ ହେଲା କି ?

———

ଚୀନଯୁଦ୍ଧରେ ଦେଶୀୟ ରାଜାମାନଙ୍କର ସୈନ୍ୟ ସାହାଯ୍ୟ ଗ୍ରହଣ କରିବାକୁ ଭାରତର ଗବର୍ଣ୍ଣମେଣ୍ଟ ସମ୍ମତ ହୋଇ ରାଜାମାନଙ୍କୁ ଓ ସମସ୍ତ ଭାରତବାସିଙ୍କୁ ଗୌରବାନ୍ୱିତ କରୁଅଛନ୍ତି କାରଣ ରାଜଭକ୍ତି ଦେଖାଇବାର ଏହା ଉତ୍ତମ ପନ୍ଥା ଅଟେ । ଏଥିମଧ୍ୟରେ ଯୋଧପୁରର ମହାରାଜା ସର୍ ପ୍ରତାପସିଂହ ବାହାଦୁର ସ୍ୱ ସୈନ୍ୟ ଚାଳନା କରୁଅଛନ୍ତି । ଏଥିପୂର୍ବେ ମହାରାଜା ତାଙ୍କ ଅଭିଯାନରେ ଶୌର୍ଯ୍ୟ ବୀର୍ଯ୍ୟର ଉତ୍ତମ ପରିଚୟ ଦେଇଥିଲେ ।

———

ଆସାମରେ ଗୋଟିଏ ବଡ଼ ଡକାଏତି ହୋଇଥିଲା । ସେଥିରେ ଡକାଏତ ଦଳରେ ଥିବା ନ ୯୯ ଜଣ ଏବଂ ସେମାନଙ୍କ ମଧ୍ୟରେ ଛଅଜଣଙ୍କ ନାମରେ ଜଣେ ପେନସନ ପ୍ରାପ୍ତ ପୁଲିସ ସବଇନ୍ସପେକ୍ଟର ଧରା ପଡ଼ିଥିଲେ । ସବ୍ଇନ୍ସପେକ୍ଟର ସାହେବ ଦୀର୍ଘକାଳ ପୁଲିସ ଶୃଙ୍ଖଳାର ଅଭିଜ୍ଞତା ଅନ୍ୟ ପ୍ରକାରରେ ଖଟାଇ ପାରିଲେ ନାହିଁ ଧନ୍ୟ ! ବିଚାରରେ ନ ୧୬ ଜଣଙ୍କ ଫାଶି, ନ ୫୦ ଜଣର ଯାବଜ୍ଜୀବନ ଦ୍ୱୀପାନ୍ତର ବାସ, ନ ୭ ଜଣ ବ ୧୦ ବର୍ଷ କାରାବାସ ଏବଂ ସାହେବଙ୍କର ବ ୭ ବର୍ଷ କାରାବାସ ଦଣ୍ଡ ହେଲା । ଡକାଏତମାନଙ୍କର ଗୁରୁ ଦଣ୍ଡ ବାସ୍ତବିକ ମାତ୍ର ଏତେ ଲୋକର ପ୍ରାଣଦଣ୍ଡ କେମନ୍ତ କଷ୍ଟଜନକ ବୋଧ ହେଉଅଛି ।

———

ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ଗତମାସ ତା ୧୫ ରିଖରେ ସିମଲାଠାରୁ ଡଲହାଉସି ଓ ଚମ୍ବା ଏହି ଦୁଇ ସ୍ଥାନ ପରିଦର୍ଶନାର୍ଥେ ଯାତ୍ରା କରିବେ ଏବଂ ତା ୨୯ ରିଖରେ ସିମଲାକୁ ପ୍ରତ୍ୟାଗମନ କରିବେ । ତହିଁ ଉତ୍ତାରୁ ଆଗାମୀ ଅକ୍ଟୋବରମାସ ତା ୨୨ ରିଖରେ ସିମଲାଠାରୁ ଯାତ୍ରା କରି ପଶ୍ଚିମ ଏବଂ ଦକ୍ଷିଣ ଭାରତର ନାନାସ୍ଥାନରେ ସ୍ୱଳ୍ପକାଳ ଭ୍ରମଣ କରି ଆସନ୍ତା ଡିସେମ୍ବର ମାସ ତା ୧୭ ରିଖରେ କଲିକତାରେ ବର୍ତ୍ତମାନ ହେବେ । ଅନ୍ୟାନ୍ୟ ସ୍ଥାନ ମଧ୍ୟରେ ମହୀଶୂରରେ ପ୍ରାୟ ଏକ ସପ୍ତାହ ଅବସ୍ଥାନ କରିବାର ସ୍ଥିର ହୋଇଅଛି ।

———

ଭାରତୀୟ ଦୁର୍ଭିକ୍ଷର କେତେକ ବିଷୟ ଅନୁସନ୍ଧାନ ନିମନ୍ତେ ବିଲାତସ୍ଥ ଭାରତୀୟ ସେକ୍ରେଟରୀ ଗୋଟିଏ ସମିତି ବସାଇବା ଉଚିତ ବୋଲି ପାର୍ଲିମେଣ୍ଟରେ ହୃଦୟଙ୍ଗମ କରୁଅଛନ୍ତି । ବମ୍ବେଇର ବନ୍ଦୋବସ୍ତାଧ୍ୟକ୍ଷ ସଭାରେ ସେ ପ୍ରଦେଶର ଲାଟ ନର୍ଥକୋଟ ଯେ ବଚନ ଯାହା ପ୍ରକାଶ କଲେ ତହିଁରୁ ଜଣାଗଲା ଯେ ଅନ୍ୟାନ୍ୟ ବିଷୟ ମଧ୍ୟରେ ବମ୍ବେଇ ପ୍ରଦେଶର ଜମା ବନ୍ଦୋବସ୍ତ ପ୍ରଣାଳୀର ଅନୁସନ୍ଧାନ ଉକ୍ତ ସମିତି କରିବେ । ସକଳ ପ୍ରଦେଶର ଭୂମିକର ଏବଂ ଅନ୍ୟାନ୍ୟ କରର ବନ୍ଦୋବସ୍ତ ଓ ଆଦାୟ ପ୍ରଣାଳୀର ଅନୁସନ୍ଧାନ ହେବା ଉଚିତ । ତାହା ହେଲେ ସରକାରୀ ଦେଣା ହେତୁ ଲୋକଙ୍କର ଦରିଦ୍ରତା କି ପରିମାଣରେ ଘଟୁଅଛି ଉତ୍ତମରୂପେ ଜଣା ପଡ଼ିବ ।

———

ଗତ ଶ୍ରାବଣମାସର ପ୍ରଥମାର୍ଦ୍ଧରେ ଜଳବନ୍ୟାରେ ଅନ୍ୟାନ୍ୟ ଅନେକ ସ୍ଥାନପରି ଓଡ଼ିଶାରେ ଯେଉଁ ଦାରୁଣ କ୍ଲେଶ ଉପସ୍ଥିତ ହୋଇଥିଲା କ୍ରମାଗତ ଦେଢ଼ମାସ ପ୍ରଚୁର ବୃଷ୍ଟିଦ୍ୱାରା ତାହା ନିବାରିତ ହେଲେହେଁ ବର୍ତ୍ତମାନ ଜଳ ଗହଳର ଅଭାବ ପଡ଼ିଅଛି । ଏହି ସମୟର ଅନାବୃଷ୍ଟିରେ ତୁଆଳ ଫସଲ ଆଠଅଣା ମାରା ଯାଇଅଛି ଏବଂ ଶାରଦ ଫସଲର ଅବସ୍ଥା ଉତ୍ତମ ହୋଇଥିଲେହେଁ ଭୟ ହେଉଅଛି ଯେ ବହୁଦିନ ହାଣସ୍ରେ ନ ହେଲେ

Digitized by srujanika@gmail.com

Split by PDF Splitter
286



ଗଚ୍ଛ ସଙ୍କେତ ହେବ ନାହିଁ ସୁତରାଂ ନିଷ୍ଫଳ ଭଣା ହେବ । ଫଳତଃ ଏପର୍ଯ୍ୟନ୍ତ ଆଶାନୁରୂପ ସୁଫଳର ହେବାର ବୋଲାଯାଇ ନ ପାରେ । ବଙ୍ଗପ୍ରଦେଶର ଅନ୍ୟାନ୍ୟସ୍ଥାନର ଅବସ୍ଥା ଏହିପରି ମାତ୍ର ବିହାର ଓ ପଶ୍ଚିମ ଓ ମଧ୍ୟବଙ୍ଗ ଛଡ଼ା ଅନ୍ୟ କୌଣସିଠାରେ ଜଳ କଷ୍ଟ ହେବାର ସମ୍ଭାବନା ନାହିଁ ।

— ※ —

ଗତ ମାସ ତା ୮ ରିଖର 'ଉଡ଼ିଆ ଓ ନବସମ୍ବାଦରେ' 'ସାମନ୍ତସମ୍ବାଦ' ପ୍ରସ୍ତାବ ପାଠ କରି ତାହାର ପ୍ରାର୍ଥନା ମତେ ବା ହେଉ ବା ଅନୁମତେ ବାଲେଶ୍ୱର କଲେକ୍ଟର ସାହେବ ସାମନ୍ତ ପଦ ଉଠାଇ ଦେବାର ଅନୁମତି ଦେଇଥିଲେ । ସେ ବୃତ୍ତାନ୍ତ ସହଯୋଗୀଙ୍କୁ ପଠାଯାଇଥିଲା । ସହଯୋଗୀ ବୃତ୍ତାନ୍ତ ନେଇ ନ ଲେଖି ସାମନ୍ତ ପଦ କାରୁ ପର ନୁହେ ଏବଂ ସ୍ୱନା ଦେଇଲେ ସେହି ଭାବ ବ୍ୟବହାର କରି ନ ପାରନ୍ତି ଇତ୍ୟାଦି ଅନେକ ତର୍କ ଉପସ୍ଥିତ କରି ଆମ୍ଭମାନଙ୍କୁ ନିନ୍ଦା କରିଅଛନ୍ତି । ଆଶା କରୁଁ ତାହାଙ୍କର ପାଠକମଣ୍ଡଳୀ ତହିଁର ଉକ୍ତ ପ୍ରଶଂସରେ ତାହାଙ୍କ ସହିତ ଆନନ୍ଦିତ ହେବେ । ମାତ୍ର ସେ ସେତେବେଳେ ପ୍ରକୃତ ବୃତ୍ତାନ୍ତ ପ୍ରକାଶ କରି ତାହାଙ୍କୁ ଅଥବା ପ୍ରକାଶ କରିବାକୁ ଇଚ୍ଛୁକ ନୁହନ୍ତି ସେତେବେଳେ ତାହାଙ୍କ ସହିତ ଯୁକ୍ତି ତର୍କ ... ଛାଡ଼ିଲ । ପ୍ରକୃତ ଘଟଣା ଜାଣି ନ ପାରିଲେ ତତ୍ସମ୍ବନ୍ଧୀୟ ତର୍କ ବା ପ୍ରତିବାଦର ମୂଲ୍ୟ ନିର୍ଣ୍ଣୟ କରିବା ଆମ୍ଭମାନଙ୍କ ବିବେଚନାରେ ସୁସଙ୍ଗତ ନୁହେ ।

———

ବଙ୍ଗଦେଶର ଚିକିତ୍ସାବିଦ୍ୟା ସମ୍ବନ୍ଧରେ ସନ ୧୮୯୯।୧୯୦୦ ସାଲର ବାର୍ଷିକ ବିବରଣୀ ବଡ଼ ସନ୍ତୋଷଜନକ ଅଟେ । ପଶୁଚିକିତ୍ସା ଶିକ୍ଷା ଦେବା କାରଣ ଯେଉଁ କଲେଜ ସ୍ଥାପିତ ହୋଇଅଛି ବର୍ତ୍ତିତ ବର୍ଷରେ ତହିଁରେ ୪୮ ଜଣ ଛାତ୍ର ପଢ଼ୁଥିଲେ ଏବଂ ପରୀକ୍ଷାରେ ୩୭ ଜଣ ଉତ୍ତମ ଯୋଗ୍ୟତା ଦେଖାଇଥିଲେ । ମାତ୍ର ଶିକ୍ଷାର ସମୟ ଏକବର୍ଷ ବୃଦ୍ଧି ହେବାରୁ ଶେଷ ପରୀକ୍ଷାରେ କେହି ଉତ୍ତୀର୍ଣ୍ଣ ହୋଇ ପାରି ନାହାନ୍ତି । ଉକ୍ତ ୩୭ ଜଣ ସଙ୍ଗେ ବୃତ୍ତିଭୋଗୀ ଅଟନ୍ତି ଅର୍ଥାତ୍ ୨୨ ଜଣ ସରକାରୀ ଏବଂ ୧୫ ଜଣ ଜିଲା ବୋର୍ଡର ଫଣ୍ଡରୁ ବୃତ୍ତି ପାଉଅଛନ୍ତି । ଆଗତ ବର୍ଷରେ ସେମାନେ ସମସ୍ତେ ଉତ୍ତୀର୍ଣ୍ଣ ହେବାର ଆଶା ଅଛି । ଏଥିପୂର୍ବେ ବେଲଗାଛିଆ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ୪୩୫ ଜଣ ଛାତ୍ର ମଧ୍ୟରୁ ୨୨୫ ଜଣ ଚାକିରୀରେ ଅଛନ୍ତି ଏବଂ ୬୭ ଜଣ ନିଜ ବ୍ୟବସାୟ କରୁଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ଏହି ଯେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ପଶୁଚିକିତ୍ସାଳୟ ସ୍ଥାପିତ ହେବ ଏବଂ ଜଣେ ଡାକ୍ତର ତହିଁରେ ନିଯୁକ୍ତ ହେବେ ଏବଂ ଆଉ ଜଣେ ଡାକ୍ତର ତାହାଙ୍କ ଅଧିନସ୍ଥ ସ୍ୱରୂପ ରହି ମୋଫସଲରେ ବୁଲି ଚିକିତ୍ସା କରିବେ । ସୁତରାଂ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଯେଉଁ ଛାତ୍ରମାନେ ଉକ୍ତ କଲେଜରୁ ଉତ୍ତୀର୍ଣ୍ଣ ହୋଇ ବାହାରିବେ ସେମାନଙ୍କର ଚାକିରୀର ଅଭାବ ହେବ ନାହିଁ ।

———

ଅଜଣ୍ଟୁ କଣମାସ ହେଲା ଏ ନଗରର ବିଖ୍ୟାତ ସ୍ୱର୍ଗୀ ବୈଦ୍ୟନାଥ ପଣ୍ଡିତ ବାହାଦୁରଙ୍କର ପରଲୋକ ଗମନରେ ଅତ୍ୟନ୍ତ ଶୋକ ପ୍ରକାଶ କରିଥିଲୁଁ ଆଶା କରିଥିଲୁଁ ଯେ ତାହାଙ୍କର ଏକମାତ୍ର ଯୋଗ୍ୟପୁତ୍ର କୁମାର ବଇଦରନାଥ ପଣ୍ଡିତ ତାହାଙ୍କର ସ୍ଥାନ ରକ୍ଷା କରିବେ । କିନ୍ତୁ ହାୟ ! ଈଶ୍ୱରଙ୍କର ଅନନ୍ତମହିମାର ମର୍ମ ବୁଝିବା ମନୁଷ୍ୟର ସାଧ୍ୟ ନୁହେଁ । ଏତେ ଅଳ୍ପଦିନରେ ସେହି ବଇଦରନାଥଙ୍କ ସକାଶେ ଉତ୍କଳବାସିମାନେ ଗଭୀର ଶୋକସାଗରରେ ମଗ୍ନ ହେବେ ଏହ ସ୍ୱପ୍ନର ଅଗୋଚର ଥିଲା । ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ସେହି ଶୋକସମାଚାର ପ୍ରକାଶ କରୁଅଛୁଁ । କୁମାର ବଇଦରନାଥ ପଶ୍ଚିମପ୍ରଦେଶରେ ଭ୍ରମଣ ହୋଇ ସେଠାରୁ ଆସିବାର ଦୁଇମାସ ପୂର୍ଣ୍ଣ ହୋଇ ନାହିଁ । ଏଥିମଧ୍ୟରେ ପ୍ରାୟ ସପ୍ତାହ ହେଲା ସେ ଅତିସାର ରୋଗରେ ପୀଡ଼ିତ ହୋଇ ସମସ୍ତ ଚିକିତ୍ସା ବ୍ୟର୍ଥ କରି ଗତ ବୁଧବାର ଇହଧାମରୁ ବିଦାୟ ହୋଇଗଲେ । ତାହାଙ୍କର ବୟସ ପ୍ରାୟ ୨୨ ବର୍ଷ ହୋଇଥିଲା । ଏକମାତ୍ର ନବବିବାହିତା ସ୍ତ୍ରୀ ଓ ଗତ ଦଇଥଣ ଗାଦି ଶୂନ୍ୟ କରି ଅତ୍ୟାଳେ ... ଏଥିରୁ ବଳ ଦୁଃଖଜନକ କଥା ଅଉ କ'ଣ ହୋଇପାରେ ? ପରମେଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ଏବଂ ଅନାଥା ବିଧବା ପରିବାର ଓ ବନ୍ଧୁବର୍ଗଙ୍କର ସାନ୍ତ୍ୱନା ବିଧାନ କରନ୍ତୁ ।

———

ଭାରତ ଦେଶୀଲୋକମାନଙ୍କ ପ୍ରତି କୃପାଦୃଷ୍ଟି ପୂର୍ବକ ମହାମାନ୍ୟ ଲାଟ କର୍ଜନ ବାହାଦୁର ସେମାନଙ୍କର ସାମାନ୍ୟ ଦୋଷ ସକାଶେ ଜରିମାନାହାରି ବେତନ କର୍ତ୍ତନର ପ୍ରଥା ଉଠାଇ ଦେଲେ । ମାତ୍ର ତହିଁରେ କପଟତା ଫଳ ଫଳିବାର ଦେଖାଯାଏ । ପାୟୋନିୟର ନାମକ ଏଲାହାବାଦର ବିଖ୍ୟାତ ଇଂରାଜୀ ସମ୍ବାଦପତ୍ରରେ ଲେଖା ଅଛି ତ ଏହି ଜିଲ୍ଲାରୁ ଆମଲାମାନଙ୍କର ସସପେଣ୍ଡ ଅଥବା ବରଖାସ୍ତ ହେବାର ସମ୍ଭାବନା ଶୁଣା ଯାଉଅଛି । ଉପକନ୍ତୁ ହାକିମମାନେ ଗବର୍ଣ୍ଣମେଣ୍ଟଙ୍କର ସାଧୁ ଉଦ୍ଦେଶ୍ୟର ପ୍ରକୃତ ମର୍ମ ହୃଦୟଙ୍ଗମ ନ କରି କେହି ଅମଲାର କିଛି ଦୋଷ ଦେଲେ ତାହାକୁ ସସପେଣ୍ଡ ବା ବରଖାସ୍ତ କରୁଅଛନ୍ତି । ସୁତରାଂ ଜରିମାନା ସ୍ଥଳରେ ଗୁରୁଦଣ୍ଡର ବିଧାନ ହେଉଅଛି । ଉକ୍ତ ଦୁଇ ଗୁରୁଦଣ୍ଡର ଅପେକ୍ଷା ଅଳ୍ପ ସତ୍ୟ ମାତ୍ର ଯାହାଙ୍କର ମାସାନ୍ତେ ବେତନ ନ ପାଇଲେ ନ ଚଳେ ସେମାନେ ଅପିଲରେ ସଫଳ ହେବା ପର୍ଯ୍ୟନ୍ତ ଯେ କଷ୍ଟ ପାଇବେ ତାହା ସାମାନ୍ୟ ନୁହେ । ବରଂ ଅଳ୍ପ ଜରିମାନାରେ ରକ୍ଷା ପାଇଲେ ଖୁସୀ ହେବେ । ଆମ୍ଭେମାନେ ଅନୁମାନ କରୁଁ କି ଜରିମାନା ଏକାବେଳେ ଉଠାଇ ନ ଦେଇ ତହିଁର ଗୋଟିଏ ଉର୍ଦ୍ଧ୍ୱ ସୀମା ଧାର୍ଯ୍ୟ କଲେ ଭଲ ହେବ ଯେପରି କି ଏକମାସ ମଧ୍ୟରେ ସେ ମାସର ବେତନର ଚତୁର୍ଥାଂଶରୁ ଅଧିକ ଜରିମାନା ତାହାର ଉପରେ ହେବ ନାହିଁ ।

———

ଗତ ଶ୍ରାବଣମାସର ପ୍ରଥମାର୍ଦ୍ଧ ଅର୍ଥାତ୍ ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ବୃଷ୍ଟିର ଅଭାବ ହେତୁ ମହା ସଙ୍କଟ ଆଶଙ୍କା ହୋଇଥିଲା । ଈଶ୍ୱରଙ୍କ କୃପାରୁ ଗତ ଅଗଷ୍ଟମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଭାରତର ସର୍ବତ୍ର ପ୍ରଚୁର ବୃଷ୍ଟି ହୋଇ ଲୋକଙ୍କର ଆଶଙ୍କା ବହୁ ପରିମାଣରେ ଦୂର ହୋଇଅଛି । କେବଳ ଯେ ଯେ ସ୍ଥାନରେ ବୃଷ୍ଟି ଜାତର ଫସଲ ଅଦୃଷ୍ଟ ହେବାର ସମସ୍ତ ବାହାର ଯାଇଥିଲା ସେହି ସେହି ସ୍ଥାନରେ ଗୋଟିଏ ଫସଲର ଆଶା ତ୍ୟାଗ କରି ଲୋକେ ଶୀତକାଳର ଫସଲ ଆଶାରେ କୃଷି କାର୍ଯ୍ୟରେ ମଗ୍ନ ଅଛନ୍ତି । ଗତ ଶନିବାର ଶେଷ ହେବା ସପ୍ତାହର ସରକାରୀ ରିପୋର୍ଟରୁ ପ୍ରକାଶ ଯେ ବୋମ୍ବାଇରେ କୃଷିର ଅବସ୍ଥା ଆଶାପ୍ରଦ ଏବଂ ଦୁର୍ଭିକ୍ଷର ତୋଷ ଲାଘବ ହୋଇଅଛି । ମାନ୍ଦ୍ରାଜରେ ଯେତେ ଉତ୍ତମ କେବଳ ଦକ୍ଷିଣରେ ଅଳ୍ପ କିଛି ଜଳର ଲୋଡ଼ା ଅଛି । ବଙ୍ଗଳାରେ ଶାରଦ ଧାନ ଏବଂ ଆଉଷର ଅବସ୍ଥା ଅନୁକୂଳ ଅଟେ । ଉତ୍ତରପଶ୍ଚିମରେ ଗତ ବୃଷ୍ଟି ହାସ ... ଆଶା ଅନେକ ପରିମାଣରେ ଭଲ ହୋଇଅଛି । ମାତ୍ର ମଧ୍ୟ ... ଗୋରକ୍ଷପୁର ଏବଂ ଦକ୍ଷିଣ ପ୍ରଦେଶ

Digitized by srujanika@gmail.com

ଜିଲ୍ଲା ସମୂହରେ ଅଧିକ ଜଳର ପ୍ରୟୋଜନ । ବଙ୍କାଇସ ଏବଂ ଅଙ୍ଗୁଳର ଏହି ଦୁଇ ଜିଲ୍ଲାରେ ଫସଲ କରିବାର ସମୟ ବାହାର ଯାଇଥିବାରୁ ଶାଳିଧାନର ଆଶା ନାହିଁ । ପଞ୍ଜାବରେ ଜଳନର ଏବଂ ଦାମନ ଏହି ଦୁଇ ଜିଲ୍ଲା ଛଡ଼ା ଆଉ ସମସ୍ତ ସ୍ଥାନର କୃଷିର ଅବସ୍ଥା ଭଲ । ମଧ୍ୟପ୍ରଦେଶର ସର୍ବତ୍ରରେ ଭଲ କ୍ଷେତ ହୋଇଅଛି ଏବଂ ଗଜମୂଳାନାରୁ ମଧ୍ୟ ଶୁଭ ସମ୍ବାଦ ଆସିଅଛି । ସୁଫଳର ହେତୁ ଖାଦ୍ୟ ଶସ୍ୟର ଦର ପ୍ରାୟ ସର୍ବତ୍ରରେ କମିବାର ଆରମ୍ଭ ହୋଇଅଛି ତଥାଚ ପୂର୍ବେ ମଫସଲରେ ବର୍ତ୍ତମାନ୍ ଯେଉଁ ଦର ଅଛି ତାହା ନିୟମିତ ଦରର ଦ୍ୱିଗୁଣ ଅଟେ । ଦୁର୍ଭିକ୍ଷ ସାହାଯ୍ୟ ପାଇବା ଲୋକଙ୍କ ସଂଖ୍ୟା ଭିନ୍ନସପ୍ତାହ ପୂର୍ବେ ୬୦,୮୨,୧୮୦ ଥିଲା ବର୍ତ୍ତମାନ ୪୮,୭୬,୧୫୨ ରେ ରହିଅଛି । ଆଶା ହୁଅଇ ଚଳିତ ମାସ ଶେଷରେ ସାହାଯ୍ୟ କାର୍ଯ୍ୟର କେନ୍ଦ୍ରମାନ ଉଠିଯିବ ଏବଂ କେବଳ ଅକ୍ଷମ ଲୋକଙ୍କର ସାହାଯ୍ୟର ବ୍ୟବସ୍ଥା କରିବାକୁ ହେବ ।

---

ଆସାମପ୍ରଦେଶର ଗତ ବାର୍ଷିକ ଆବକାରୀ ରିପୋର୍ଟରୁ ପ୍ରକାଶ ଯେ ସେ ବର୍ଷର ଆବକାରୀ ରାଜସ୍ୱ ୨୮ ଲକ୍ଷ ୨୫ ହଜାର ଟଙ୍କା ହୋଇଥିଲା । ଅଫିମ ଗଞ୍ଜେଇ ଏବଂ ଦେଶୀ ମଦ ସେ ଦେଶର ପ୍ରଧାନ ମାଦକ ଦ୍ରବ୍ୟ ଅଟେ । ଅନ୍ୟାନ୍ୟ ମାଦକ ଦ୍ରବ୍ୟର ବ୍ୟବହାର ସାମାନ୍ୟ, ଆସାମବାସୀମାନେ ଅଫିମର ବଡ ଭକ୍ତ, ଯେଣୁ ଭାରତବର୍ଷର ଅନ୍ୟ କୌଣସି ପ୍ରଦେଶର ଦ୍ୱିଗୁଣ ଏବଂ ବଙ୍ଗଳା କିମ୍ବା ଉତ୍ତରପଶ୍ଚିମର ଆଠଗୁଣ ଅଫିମ ସେଠାରେ ଖରଚ ହୁଅଇ । ବର୍ଣ୍ଣିତ ବର୍ଷରେ ମ ୧,୫୦୧୨ ସେର ଅଫିମ ଖରଚ ହୋଇଥିଲା ଏବଂ ତାହା ପୂର୍ବବର୍ଷଠାରୁ ପ୍ରାୟ ୩୪୦ ସେର ଊଣା ଏବଂ ଦୋକାନ ସଂଖ୍ୟା ମଧ୍ୟ ୯ ଗୋଟା ଊଣା ହେଲେହେଁ ରାଜସ୍ୱ ବୃଦ୍ଧି ହୋଇଥିଲା । ଅର୍ଥାତ୍ ଦୋକାନମାନ ଅଧିକା ଦରରେ ନିଲାମ ହୋଇଥିଲା । ସମ୍ଭବତଃ ସେଥିପାଇଁ ଅଫିମର ଦାମ ଅଧିକ ହୁଅଇ । ଦେଶୀ ମଦର ଆୟ ୬୨ ଲକ୍ଷ ଟଙ୍କା ଅର୍ଥାତ୍ ପୂର୍ବବର୍ଷଠାରୁ ୨୦ ହଜାର ଟଙ୍କା ବୃଦ୍ଧି ହୋଇଥିଲା । ଚା ବଗିଚାର କୁଲିମାନେ ମଦର ପ୍ରଧାନ ଗ୍ରାହକ ଏବଂ ଶତକଡ଼ା ପ୍ରାୟ ୫୯୨ ଟଙ୍କା ଆୟ ସେହିମାନଙ୍କଠାରୁ ହୁଅଇ । ଚା ବଗିଚାର କୁଲିମାନଙ୍କର ରୋଜଗାରର ଅଧିକାଂଶ ଏହିବାଟେ ଖରଚ ହୋଇଯାଏ ନଚେତ୍ ସେମାନଙ୍କର ଅବସ୍ଥା ଭଲ ହୋଇଥାନ୍ତା । ଗଞ୍ଜେଇରୁ ଟ ୩,୭୭,୮୬୮ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା । ଅର୍ଥାତ୍ ତାହିଁ ପୂର୍ବବର୍ଷଠାରୁ ୧୧ ହଜାର ଟଙ୍କା ଊଣା । ଗଞ୍ଜେଇର ଦର ଗୁଦାମଘରେ ଗତବର୍ଷର ପ୍ରାୟ ଦ୍ୱିଗୁଣ ଥିଲେହେଁ ଖରଚ ଊଣା ନ ହୋଇ ବରଂ ସାମାନ୍ୟରେ ବଢ଼ିଥିଲା ଏବଂ ଲୋକସାନ ବଶେଷ ପରିମାଣରେ ବିକ୍ରେତାମାନଙ୍କୁ ସହିବାକୁ ହୋଇଥିଲା । ଦେଶୀ ମଦ ପରି ଗଞ୍ଜେଇର ପ୍ରଧାନ ଖରିଦଦାର ମଧ୍ୟ ଚା ବଗିଚାର କୁଲି ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସେ ପ୍ରଦେଶକୁ ଯାଇଥିବା ସ୍ଥାନାନ୍ତରର ଲୋକମାନେ ଅଟନ୍ତି । ସ୍ଥୂଳରେ କହିବାକୁ ହେଲେ ଦକ୍ଷିଣ କୁଲିମାନେ ମଦର ଏବଂ ପଶ୍ଚିମା କୁଲିମାନେ ଗଞ୍ଜେଇର ପ୍ରଧାନ ଗ୍ରାହକ ଅଟନ୍ତି । ଆସାମବାସୀମାନଙ୍କର ପ୍ରଧାନମାଦକ ଦ୍ରବ୍ୟ ଅଫିମ ଏବଂ ତାହା ମୁସଲମାନମାନଙ୍କ ଅପେକ୍ଷା ହିନ୍ଦୁମାନଙ୍କ ମଧ୍ୟରେ ଅଧିକା ପ୍ରଚଳିତ ।

---

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ମୌଲବୀ ଅବଦୁଲ ମାଲିକଙ୍କର ଇଜଲାସରେ ଗୋଟିଏ ପୁଲିସ ଅତ୍ୟାଚାର ମୋକଦ୍ଦମା ଚଳିତମାସ ତା ୧ ରିଖରେ ନିଷ୍ପତ୍ତି ହେବାର ସମ୍ବାଦ ପାଇଅଛୁଁ । ଭଦ୍ରକ ପୁଲିସଥାନାର ସ୍ୱମାଳନ୍ଦ ପାଣ୍ଡେ ନାମକ ଜଣେ କନେଷ୍ଟବଲ ଗତ ପଣାସଂକ୍ରାନ୍ତି ସମୟରେ ଏକ ବ୍ୟକ୍ତି ମଦନଶାରେ ବାଟରେ ଗୋଲମାଲ କରୁଥିବାର ଦେଖି ତାହାକୁ ଧରିବାବେଳେ ସେଠାର ଜଣେ ବଡ଼ ଜମିଦାର ଓ ଅନରେରି ମାଜିଷ୍ଟ୍ରେଟ ମୁନସି ଅବଦୁଲବାରି ଦୁଇଜଣ ଲୋକର ଦ୍ୱାରା ଛଡ଼ାଇ ନେବାର ଆଜ୍ଞାରେ ସମ୍ବାଦ ଦେଲା ପୁଲିସ ସବଇନସ୍ପେକ୍ଟର ତଦାରଖ କରି ମୋକଦ୍ଦମା ମିଥ୍ୟା ଥିବାର ରିପୋର୍ଟ ଦେଲେ ମାଧ ଭଦ୍ରକର ଡେପୁଟି ମାଜିଷ୍ଟ୍ରେଟ ତହିଁରେ ସନ୍ତୁଷ୍ଟ ନ ହୋଇ ସ୍ୱୟଂ ତଦାରଖ କରି ବିଚାର ନିମନ୍ତେ ଦିନ ଧାର୍ଯ୍ୟ କରନ୍ତେ ମୁନସି ଅବଦୁଲବାରି ବାଲେଶ୍ୱରର ମାଜିଷ୍ଟ୍ରେଟଙ୍କ ନିକଟରେ ମୋକଦ୍ଦମା ଅନ୍ୟ ହାକିମଙ୍କ ଦ୍ୱାରା ବିଚାର ହେବାକୁ ପ୍ରାର୍ଥନା କଲେ । ତାହା ଗ୍ରାହ୍ୟ ହେଲା ଏବଂ ଉପରଲିଖିତ ଡେପୁଟି ମୌଲବୀ ଅବଦୁଲ ମାଲିକଙ୍କ ନିକଟକୁ ମାମଲା ଉଠିଥିଲା । ଆସାମୀ ଜବାବ ଦେଲା କି ସେହି ସଂକ୍ରାନ୍ତି ଭଦ୍ରକର ଗୋଟିଏ ପ୍ରଧାନ ପର୍ବ ଏବଂ ସମସ୍ତ ସ୍ଥଳ ଯାତ୍ରା ତମାସା ଇତ୍ୟାଦି ଅନେକ ସ୍ଥାନରେ ହେଉଥିବାରୁ ସେ ଅପଣାର କେତେଜଣ ବନ୍ଧୁଙ୍କ ସହିତ ଗୀତ ଶୁଣୁଥିଲେ । ଫରିୟାଦି କନଷ୍ଟବଲ ତାହାକୁ ବକସିସ ମାଗିଲା ଏବଂ ନ ଦେବାରୁ କୁବାକ୍ୟ ପ୍ରୟୋଗ କଲା । ସେହିହେତୁ କଳି ହେଲା ଏବଂ ଅନ୍ୟାନ୍ୟ ଲୋକ ମଧ୍ୟରେ ସବଇନ୍ସ୍ପେକ୍ଟର ଓ ହେଡ ଇନ୍ସ୍ପେକ୍ଟର ଆସି କଳି ଭାଙ୍ଗି ଦେଲେ । ଫରିୟାଦି ପକ୍ଷର ଜ ୫ ଣ ସାକ୍ଷୀ ମଧ୍ୟରେ ଜ ୨ ଣ କନଷ୍ଟବଲ ଜଣେ ମାଳୀ କେଲଭଅର୍ତ୍ତି ଏବଂ ଏକଜଣ ଦାଗୀଚୋର ଥିଲେ ମାତ୍ର ଥାନାର ଇନସ୍ପେକ୍ଟର ସବଇନସ୍ପେକ୍ଟର ଏବଂ ହେଡକନଷ୍ଟବଲ ଇନସ୍ପେକ୍ଟର ପ୍ରଭୃତିଙ୍କ ଜୋବାନବନ୍ଦି ଆସାମିର ଜବାବର ସପକ୍ଷରେ ହେବାରୁ ଡେପୁଟିମାଜିଷ୍ଟ୍ରେଟ କୌଣସି ଅଭିଯୋଗ ନ କରି ଆସାମିକୁ ଖଲାସ ଦେଲେ । ଜଣେ ଭଦ୍ରଲୋକକୁ ଅପମାନ କରିବାର କେତେ କ୍ଷମତା ଜଣେ ସାମାନ୍ୟ କନଷ୍ଟବଲ ହାତରେ ଅଛି ଏଥିରୁ ପାଠକମାନେ ହୃଦୟଙ୍ଗମ କରିବେ । ସେପରି କ୍ଷମତା ଦେବା ଅନିବାର୍ଯ୍ୟ ହୋଇ ପାରେ ମାତ୍ର ଯେ ତହିଁର ଅଯଥା ବ୍ୟବହାର କରେ ତାହାର ବିଶେଷ ଶାସନ ଆବଶ୍ୟକ । ଆମ୍ଭେମାନେ ଆଶା କରୁଁ ଜିଲ୍ଲାର ମାଜିଷ୍ଟ୍ରେଟ ଏବଂ ପୁଲିସସାହେବମାନେ ମୋକଦ୍ଦମାର କାଗଜ ପତ୍ର ଦେଖି ଉଚିତ ବ୍ୟବସ୍ଥା କରିବେ ।

---

## ଯୁଦ୍ଧ ସମାଚାର ।

ବୁଅରମାନଙ୍କର ବଳ କ୍ରମଶଃ ହ୍ରାସ ହେଲାଣି । ସେମାନଙ୍କର ଏକ ସେନାପତି ଅଲିଭର ଇଂରେଜଙ୍କର ହସ୍ତଗତ ହୋଇଅଛନ୍ତି । ଅନ୍ୟ ଦୁଇ ସେନାପତି ବୋଥା ଓ ଡିବେଟ ଏକତ୍ର ହେବାର ଚେଷ୍ଟାରେ ଥିଲେ ଇଂରେଜ ତାହା କରିବାକୁ ଦେଲେ ନାହିଁ । ରେଲରାସ୍ତା ସବୁ ଇଂରେଜଙ୍କର ହସ୍ତଗତ ହୋଇଅଛି, ବୁଅରମାନେ ଏବେ ସ୍ୱାସ୍ଥ୍ୟକର ସ୍ଥାନକୁ ବିତାଡିତ ହେଲେ । ଷ୍ଟେଟ ଇଅ ବାହିନୀମାନେ କହନ୍ତି ଯେ ବର୍ତ୍ତମାନ ବୁଅରମାନେ ଅସ୍ୱାସ୍ଥ୍ୟକର ଓ ଖାଦ୍ୟ ଦୁଷ୍ପ୍ରାପ୍ୟ ସ୍ଥାନକୁ ଯିବେ । ଲର୍ଡ ରବର୍ଟ ବେଲଫାଷ୍ଟରେ ଉପସ୍ଥିତ ହୋଇ ଟ୍ରାନ୍ସଭାଲ ବ୍ରିଟିସ୍ ରାଜ୍ୟଭୁକ୍ତ ବୋଲି ଘୋଷଣା ପ୍ରଚାର କରି ଦେଇଅଛନ୍ତି । ପ୍ରେସିଡେଣ୍ଟ କ୍ରୁଗାର ଓ ଷ୍ଟେନ ଏକସ୍ଥାନରେ ଅଛନ୍ତି । ସେମାନଙ୍କର ଜିଦ୍‌କୁ ଧନ୍ୟ କହିବାକୁ ହେବ ହାରସ ରହିବା ଉଚିତରେ ତଦନ୍ତ କରିବା ଅନ୍ୟାୟ ମାଧ ଏତେବେଳେସୁଦ୍ଧା ବୁଅର ସେନାପତି ଡିବେଟ ଓ ବୋଥାମାନେ ତମନ୍ତର ରଣକୌଶଳ ଦେଖାଇ ଜଗତକୁ ଆଶ୍ଚର୍ଯ୍ୟ କରି-

Split by PDF Splitter

Digitized by srujanika@gmail.com

ଅଛନ୍ତି । ଉଭୟଙ୍କର ସକଳ୍ପ ଯେବେ ଅନୁସମର୍ପଣ କଲେ ସ୍ୱୀୟ ସେ ଶେଷପର୍ଯ୍ୟନ୍ତ ଯୁଦ୍ଧରୁ କ୍ଷାନ୍ତହେବେ ନାହିଁ ।

ଚୀନର ଯୁଦ୍ଧ ଶେଷପ୍ରାୟ ହୋଇ ଆସିଲାଣି ରୁଷିଆ ତାଙ୍କର ସୈନ୍ୟମାନଙ୍କୁ ଚୀନରୁ ଫେରାଇନେବାର ଆଦେଶ ଦେଇଅଛନ୍ତି । ଯେବେ ଠାରୁ ସମସ୍ତ ଦଳ ଯୁଦ୍ଧଗଲେ ଶାନ୍ତି ସ୍ଥାପନ ହେବାର ସମ୍ଭାବନା । ମାତ୍ର ଯେପର୍ଯ୍ୟନ୍ତ ପେକିନସ୍ଥ ପ୍ରତିନିଧିମାନେ ସେମାନଙ୍କର ଗଭର୍ଣ୍ଣମେଣ୍ଟଙ୍କ ଉପୋଷ ଠାର ନାହାନ୍ତି ସେପର୍ଯ୍ୟନ୍ତ କୌଣସି ଦଳର ସେନା ଫେରନେବା ସମ୍ବନ୍ଧରେ ସ୍ଥିରହେବ ନାହିଁ । ଯାହାହେଉ ସମସ୍ତ ଶକ୍ତିମାନେ ପେକିନଠାରୁ ବିଦେଶୀ ସୈନ୍ୟଦଳ ଫେରନେବାର ପ୍ରସ୍ତାବ କରଅଛନ୍ତି ଏବଂ ସନ୍ଧିର କଥା ଆରମ୍ଭ ହୋଇଅଛି । ପେକିନ ସହର ଲୁଟ ନ ହେବା ଅଭିପ୍ରାୟରେ ରୁଷିଆ ସହ ଅନ୍ତଃପୁର ଅଧିକାର କରୁଅଛନ୍ତି ।

---

### ମୋକଦ୍ଦମା ସ୍ଥଗିତ ଖଜଣା ବାକି ସକାଶେ ଖାସ ।

ବାଲେଶ୍ୱର ଜିଲ୍ଲା । ପ୍ର । ବାସ୍ତାସ କାଏବର ମାହାଲ ଅନ୍ତର୍ଗତ ଭୀମପୁର ମୌଜା ଗୋଟିଏ ମୌରୁଷି ସରବରାକାରୀ ମାହାଲ ଅଟେ । ତହିଁର ସରବରାକାର ବସନ୍ତଚରଣ ଦାସ ସନ ୧୩୦୬ ସାଲର ସମସ୍ତ ଏବଂ ସନ ୧୩୦୭ ସାଲର କିସ୍ତ ଆଠପଣ ଖଜଣା ହାଲ ବନ୍ଦୋବସ୍ତ ଜମା ଅନୁସାରେ ଜମିଦାର ଶିରସ୍ତାରେ ଯଥା ସମୟରେ ଦାଖଲ ନ କରିବାରୁ ଜମିଦାର ସାମନ୍ତ ଶ୍ରୀଜାଗୃତ ଦାସ ଓଁକେର ସରବରାକାର ଓ ମୋକଦ୍ଦମାମାନେ ହାଲ ବନ୍ଦୋବସ୍ତରେ ଦେଇ ଥିବା କବୁଲିୟତର ଧା ୧୧ ର ଅନୁସାରେ ସରବରାକାରଙ୍କୁ ବେଦଖଲ କରିବା କାରଣ ବାଲେଶ୍ୱରର କଲେକ୍ଟର ସାହେବଙ୍କ ନିକଟରେ ଆବେଦନ କଲେ । କଲେକ୍ଟର ସାହେବ ଜମିଦାରଙ୍କ ପ୍ରାର୍ଥନା ଅଗ୍ରାହ୍ୟ ହେବାର କିଛି ହେତୁ ଥିଲେ ତାହା ଦର୍ଶାଇବା କାରଣ ସରବରାକାର ଉପରେ ନୋଟିସ ଜାରି କଲେ । ସରବରାକାର ଯେ କାରଣମାନ ଦର୍ଶାଇଲେ ସେଥିରୁ କଲେକ୍ଟର ସାହେବଙ୍କ ବିବେଚନାରେ ସୁସଙ୍ଗତ ନ ହେଲା ଏବଂ ସଲମି ନ ପାଇଲେ ଜମିଦାରଙ୍କ ଚହଟିଲବାର ଖଜଣା ଦେଇ ନ ଥିବା କଥା ସରବରାକାର ଜଣାଇବାରୁ କଲେକ୍ଟର ସାହେବ ତାହାଙ୍କ ସମ୍ମୁଖରେ ଜମିଦାରଙ୍କୁ ଖଜଣା ଦେବାକୁ କହିଲେ ମାତ୍ର ସରବରାକାର ତାହା ସ୍ୱୀକାର କଲ ନାହିଁ । ସୁତରାଂ କଲେକ୍ଟର ସାହେବ ସନ ୧୮୯୯ ସାଲ ଜୁନ ମାସ ତା ୨୬ ଖରେ ଉକ୍ତ ସରବରାକାରୀ ଜମିଦାରମାନଙ୍କର ଖାସ ଦଖଲରେ ରହିବାର ଆଦେଶ ଦେଲେ । ଏହି ଆଦେଶ ବିରୁଦ୍ଧରେ କମିଶନର ମହକୁମାରେ ଅପିଲ ହୁଅନ୍ତେ ଶ୍ରୀଯୁକ୍ତ ମାରଣ୍ଡିନ ସାହେବ କମିଶନର ସମସ୍ତ କାଗଜ ପତ୍ର ଦେଖି ଏବଂ ଉଭୟ ପକ୍ଷର ଉକିଲମାନଙ୍କର ବାଦାନୁବାଦ ଶୁଣି ଅପିଲ ଅଗ୍ରାହ୍ୟ କଲେ । ଅପେଲାଣ୍ଟର ଉକିଲ ଅନେକ ଆଇନଘଟିତ ଆପତ୍ତି ଉପସ୍ଥିତ କର ଦେଖାଇଥିଲେ ଯେ ବିନା ନାଲିସରେ ଜମିଦାର ସରବରାକାର ସ୍ଥାନଠାରୁ ଖଜଣା ଆଦାୟ କର ନ ପାରେ ଏବଂ ବଙ୍ଗୀୟ ପ୍ରଜାସତ୍ୱ ଆଇନରେ ବାକି ଖଜଣା ସକାଶେ ମଧ୍ୟସତ୍ୱ ନିଲାମ ହେବାର ଯେଉଁ ବିଧି ଅଛି ତାହା ଓଡ଼ିଶାରେ ପ୍ରଚଳିତ ହୋଇ ନାହିଁ । ଅନ୍ୟ ପକ୍ଷରୁ ଗଭର୍ଣ୍ଣମେଣ୍ଟଙ୍କର ସନ ୧୮୩୮ ସାଲର ଖଣ୍ଡିଏ ପତ୍ର ପ୍ରଦର୍ଶିତ ହେଲା । ତହିଁରେ ଆଦେଶ ଅଛି କି ସରବରାକାର ପ୍ରକୃତ ଖଜଣାର ବାକିଦାର ହେଲେ ସେମାନଙ୍କର ହକସ୍ୱତ୍ୱ ଲୋପ ହୋଇ ଜମିଦାରର ଖାସ ଦଖଲରେ ଆସିବ । କମିଶନର ସାହେବ ନିଷ୍ପତ୍ତି କଲେ କି କଲେକ୍ଟର ସାହେବ ଆଇନାନୁସାରେ ବାହାର ନ କର କାର୍ଯ୍ୟ କରିବାଦ ବା ଶାସନ କ୍ଷମତା ଅନୁସାରେ ଉକ୍ତ ସରବରାକାରୀ ଖାସ କର ଜମିଦାରର ଦଖଲରେ ଦେଇଅଛନ୍ତି ଏବଂ ଯେଉଁଠାରେ ଗଭର୍ଣ୍ଣମେଣ୍ଟଙ୍କ ଉପରଲିଖିତ ପତ୍ରରେ କୌଣସି ବିଶେଷ କାର୍ଯ୍ୟ-ପ୍ରଣାଳୀ ଅବଲମ୍ବନ କରିବାର ଆଦେଶ ନାହିଁ ଏବଂ କବୁଲିୟତରେ ଖାସ କରିବାର ସର୍ତ୍ତ ଅଛି ସେ ସ୍ଥଳେ କଲେକ୍ଟର ସାହେବଙ୍କର ଆଦେଶ ଅନ୍ୟାଯ୍ୟ ବୋଲାଯାଇ ନ ପାରେ ଏବଂ ତାହା ସ୍ଥିର ରହିବା ଉଚିତ ।

କମିଶନର ସାହେବଙ୍କର ଉପରଲିଖିତ ନିଷ୍ପତ୍ତି ବିରୁଦ୍ଧରେ ଲିମ୍ବକପୁରର ସରବରାକାର କୌଣସି ନମ୍ବରି ମୋକଦ୍ଦମା ଦାଏର କରଅଛନ୍ତି କି ନାହିଁ ଆମ୍ଭେମାନେ ଜାଣି ପାରୁ ନାହୁଁ । ଆମ୍ଭମାନଙ୍କ ବିବେଚନାରେ ଏ ବିଷୟ ସିଭିଲ ଅଦାଲତରେ ମୀମାଂସା ହେବା ଉଚିତ ତାହାହେଲେ ହାଇକୋର୍ଟରୁ ଗୋଟିଏ ଉତ୍ତମ ନଜର ହୋଇ ପାରିବ । ଏକପକ୍ଷରେ ଜମିଦାର ତାହାର ପ୍ରାପ୍ୟ ଖଜଣା ଯେପରି ସହଜରେ ପାଇବ ଏବଂ ଥରଙ୍କୁ ଥର ବାକି ଖଜଣା ସକାଶେ ନାଲିସ କରି ଅନର୍ଥକ ଉତ୍ପୀଡ଼ିତ ଏବଂ କ୍ଲେଶ ଭୋଗ ନ କରିବ ତହିଁର ଉପାୟ ଯେମନ୍ତ ବାଞ୍ଛନୀୟ ଅନ୍ୟ ପକ୍ଷରେ ମଧ୍ୟ ସତ୍ତ୍ୱବାନ ବ୍ୟକ୍ତିର ଏକାବେଳେ ସମସ୍ତ ସତ୍ତ୍ୱ ଲୋପ ନ ହେବା ସେମନ୍ତ ବାଞ୍ଛନୀୟ ଅଟେ । ଖଜଣା ବାକି ନିମନ୍ତେ ଜମିଦାରୀ ନିଲାମ ହେଲେ ଜମିଦାର ଆପଣା ସତ୍ତ୍ୱର ମୂଲ୍ୟସ୍ୱରୂପ ଫାଜିଲ ଜରସମନ ଅର୍ଥାତ ଉଦ୍ଦର୍ତ୍ତ ଟଙ୍କା ଫେରି ପାଏ ଏବଂ ଯେସ୍ଥଳେ ସରକାର ଜମିଦାରୀ ଖାସ କରି ନଅନ୍ତି ସେ ସ୍ଥଳେ ଜମିଦାରଙ୍କୁ ମାଲିକାନା ଦିଅନ୍ତି ମୌରୁଷି ସରବରାକାରୀ ମୋକଦ୍ଦମୀ ସ୍ୱତ୍ୱ ମଧ୍ୟ ଗୋଟିଏ ସତ୍ତ୍ୱ ଅଟେ ଏବଂ ତହିଁର ମାଲିକାନା ଅଛି । ବାକି ଖଜଣା ସକାଶେ ସେ ସତ୍ତ୍ୱ ନିଲାମ ହେଲେ ସତ୍ତ୍ୱାଧିକାରୀ ଉଦ୍ଦର୍ତ୍ତ ଟଙ୍କା ପାଇପାରନ୍ତି ମାତ୍ର ଖାସ ହେବାରେ ସେ ମାଲିକାନା ଅଥବା ଅନ୍ୟ କିଛି ଟଙ୍କା ପାଇଲ ନାହିଁ । ଏହା ଠିକ ହେଲା କି ? କବୁଲତର ଯୋଗସତ୍ୱ ଖାସ ନ ହୋଇ ନିଲାମ ହେବ ଅଥବା ତଦପେକ୍ଷା ଶ୍ରେଷ୍ଠ ମଧ୍ୟସତ୍ୱ କେବଳ ଖାସ ହେବ । ଏହା କିପରି ନ୍ୟାୟସଙ୍ଗତ ବୋଲାଯିବ ? ଆମ୍ଭମାନଙ୍କର କ୍ଷୁଦ୍ର ବିବେଚନାରେ ବାକି ଖଜଣା ନିମନ୍ତେ ମଧ୍ୟସତ୍ୱ ନିଲାମ ହେବାର ବର୍ତ୍ତମାନ ଓଡ଼ିଶାରେ ଜାରି ହେବା ନିମନ୍ତେ ଜିଲ୍ଲା ହାକିମମାନେ ଗଭର୍ଣ୍ଣମେଣ୍ଟଙ୍କୁ ଶୀଘ୍ର ଅନୁରୋଧ କରନ୍ତୁ । ନତୁବା ବାକି ଖଜଣା ସକାଶେ ଜମିଦାରୀ ନିଲାମ ହେବା ପରି ମଧ୍ୟସତ୍ୱ ସତ୍ତ୍ୱର ନିଲାମ ହେବା ବିଷୟରେ ଆଇନ ଜାରି ହେଉ ।

ଏ ପ୍ରସ୍ତାବ ଲେଖା ହେଲା ପରିଠାରୁ ଅବଗତ ହେଲୁଁ ଯେ ସରବରାକାର ଏଠାରେ ସବ୍‌ଜଜଙ୍କ ଅଦାଲତରେ ନମ୍ବରି ନାଲିସ ଉପସ୍ଥିତ ହୋଇଅଛି ।

---

## ସାପ୍ତାହିକ ସମ୍ବାଦ

### କଲିକତା ଗେଜେଟ ।

ସିଭିଲକୋର୍ଟର ଛୁଟି ସମୟରେ ମିଃ ଡବଲିଉ ଏ, ଭାର ଅନୁପସ୍ଥିତକାଳରେ ନେବଲପୁରର ଜଥା ସେସନ୍ସ ଜଜ ମିଃ ଇ, ଜି, ଲେଭ କୁମାର କଟକର ଅଡିସନାଲ ସେସନ୍ସ ଜଜ ପଦରେ ନିଯୁକ୍ତ ହେଲେ ।

କଟକର ଇଞ୍ଜିନିୟର ଏକଜିକ୍ୟୁଟିଭ ମିଃ କେ, ଉ ପ୍ରେଷ ସେହି ସ୍ଥାନରେ ଯୋଗ୍ୟତା ସହକାରେ କର୍ମ ସମ୍ପାଦନରେ ନିଯୁକ୍ତ ହେଲେ ।

ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମିଃ ଉପେନ୍ଦ୍ର ଦେ, ଖାସ ମାହାଲମାନଙ୍କର ବନ୍ଦୋବସ୍ତ କାର୍ଯ୍ୟରୁ ଅବ୍ୟାହତି ପାଇଲେ କଟକ ଜିଲ୍ଲାର ତହସିଲଦାରଙ୍କ ପଦ ଗ୍ରହଣ କରିବେ ।

Split by PDF Splitter
Digitized by srujanika@gmail.com

Split by PDF Splitter



ବୋଷାର ପ୍ରତି ସମୟରେ ଜଳ ନିର୍ଗମନର ଉପଯୁକ୍ତ ପୋଲ ପ୍ରସ୍ତୁତ ନ କରନ୍ତି ତେବେ ଇତଃପରକୁ ଉକ୍ତ ଗ୍ରାମମାନଙ୍କରେ ଲୋକ ବାସ କରି ରହିବା ଦୁର୍ଲଭ ହେବ ଏବଂ ଉକ୍ତରୂପ ଜଳ ଜମା ହୋଇ ରହିବାରୁ ଲୋକଙ୍କ ସ୍ଵାସ୍ଥ୍ୟ ପକ୍ଷ ଏବଂ ନୂତନ ମାତ୍ର ଅସିଥିବା ଦ୍ଵୀପର ଭୂଭାଗରେ ରୋଗ ଦୁର୍ଘଟନା ହେବାର କଥା ନୁହେଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ—

ମହାଶୟ;

(କଣ୍ଟକ ଭୂ ଭୂଷଣାର୍ଙ୍କର ଅକାଳମୃତ୍ୟୁ ଉପଲକ୍ଷେ)

"କରୁଣାସାଗର ହରି,<br>
ଅଗମ୍ୟ ଲୀଳା ଭୂମିର,<br>
ସର ମାନବ ତାହା ବୁଝିବ କପରି ଯେ ।<br>
ତବ ସର୍ଗହୁଁ ବଳେ,<br>
ଗୃହଲକ୍ଷ୍ମୀ ସ୍ଵରୂପରେ,<br>
ଦେଇଣ ଛଡ଼ାଇ ନେଲ କେଉଁ ଭାବରେ ଯେ ।<br>
ମୋହବାସେ ବାନ୍ଧହିନ,<br>
ଶ୍ରଦ୍ଧା, ଭକ୍ତି, ପ୍ରୀତିହିନ,<br>
ଅସ୍ମାକ ଅସନ୍ତୋଷ ଦେଖି ନ ଥିଲ ଯେ ।<br>
ସୌରଭ ବିକାଶବେଳେ,<br>
ଝୁଣ୍ଟଣି ପଡ଼ିଲ ହେଲେ,<br>
ମର୍ତ୍ତ୍ୟଲୀଳା ମଳେ ତାର ବୁଝିଲା ନାହିଁ ।<br>
ବକ୍ଷ ବାନ୍ଧି ଥିଲା ଯାହା,<br>
ସ୍ଵଳ୍ପବେ ଘଟିଲା ତାହା,<br>
ଆତ୍ମା ତାର ସ୍ଥାନ ପାଉ ଅମରଧାମେ ଯେ" ।

D—N

———

ମହାଶୟ !

ଗତମାସର ତା ୨ ଖରେ ମହାମାନ୍ୟ ଲେଫ୍ଟେନାଣ୍ଟ ବାହାଦୁର ବାଲେଶ୍ଵର ଜିଲ୍ଲାର ପ୍ରଧାନ ଜମିଦାର ଶ୍ରୀମାନ୍ ସାମନ୍ତ ବ୍ରଜନାରାୟଣ ଦାସ ଓ ସାମନ୍ତ ସାଧାରଣ ଦାସଙ୍କର ଗାର୍ଡ଼େନପାର୍ଟିରେ ଉପସ୍ଥିତ ହୋଇଥିଲେ । ସାମନ୍ତ ମହୋଦୟଙ୍କର ଯତ୍ନରେ ସେଠିଁବରୁ ସ୍ଵଦେଶ ନିର୍ମିତ ଅବଶ୍ୟକୀୟ ପଦାର୍ଥମାନ ଦୃଶ୍ୟରୂପେ ରଖା ହୋଇଥିଲା ତାହା ଲାଟବାହାଦୁର ବିଶେଷ ଗୋଟିଏ ପରେ ଗୋଟିଏ ଦେଖି ଆନନ୍ଦିତ ହୋଇଥିଲେ ତହିଁ ପରେ ସାମନ୍ତଙ୍କର କଚେରୀଠାରୁ ବାଲେଶ୍ଵର ରେଲ ସଡ଼କ ସେଣ ସୀମା ପର୍ଯ୍ୟନ୍ତ ରାଜମାର୍ଗ ଉତ୍ତମରୂପେ ଆଲୋକ, ପୁଷ୍ପ ଓ ପତାକାରେ ସଜ୍ଜିତ ହୋଇଥିଲା ଯାହାକେବଳ ଏହିରୂପେ ମହାମାନ୍ୟ ରାଜପ୍ରତିନିଧି ସଜ୍ଜନ ଉତ୍ସବର ଉତ୍ତମରୂପେ ସମସ୍ତ ଦୃଶ୍ୟମାନ ଦେଖି ଏଠାରୁ ସନ୍ତୁଷ୍ଟ ହୋଇ ବିଦାୟ ହୋଇଅଛନ୍ତି ଏଥିରେ ବାଲେଶ୍ଵରର ସଙ୍ଗୀ ବାହାଦୁରଙ୍କର ଗତ ସପ୍ତାହ ଓ ପୂର୍ବ ସପ୍ତାହରେ ନବଦ୍ଵୀପ ପାଠ କରି ବର୍ତ୍ତମାନ ସର୍ବସାଧାରଣରେ ଏହି କଥା ଜଣାଉଅଛୁଁ ନ ବାଲେଶ୍ଵରଠ ଗୋଟିଏ କ୍ଷୁଦ୍ରସହର ଏଠାରେ ବଡ଼ଲୋକଙ୍କ ସଂଖ୍ୟା ଅତି ଅଳ୍ପ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ଏଥିରେ ବାହାନବାଦ କରି ନବସଂବାଦ ଲାଟବାହାଦୁରଙ୍କର ଶୁଭାଗମନ ସମ୍ବନ୍ଧରେ କେତେକ କଥା ପ୍ରକାଶ କରିଅଛନ୍ତି ଯେ "ସାମନ୍ତ ରାଜନାରାୟଣ ଦାସ ଓ ସାମନ୍ତ ସାଧାରଣ ଦାସ ତାହାଙ୍କ ବଗିଚା କୋଠିରେ ଗୋଟିଏ ହାଟ ସଜାଇଥିଲେ ଏଣୁ କରି ସେମାନେ ହାସ୍ୟ ଉପାଧି ପାଇଅଛନ୍ତି ଓ ଲାଟବାହାଦୁର ବୃନ୍ଦାବନ ସାଙ୍ଗ ହାଟରୁ କେତେକ ପଦାର୍ଥ କିଣିବାକୁ ଆସିଥିଲେ ପରି" ଏହାଛଡ଼ା ଅନ୍ୟର କେତେକ ବ୍ୟଙ୍ଗୋକ୍ତି ପ୍ରକାଶିତ ହୋଇଅଛି । ଏଥିରେ ଅମ୍ଭମାନଙ୍କର କର୍ତ୍ତୃପକ୍ଷ ମାନ୍ୟବର କଲେକ୍ଟର ସାହେବ ଉକ୍ତ ପଦ୍ୟକୁ ଇଂରାଜୀ ଭାଷାରେ ଅନୁବାଦ କରିବାକୁ ହେଡ଼କ୍ଲାର୍କଙ୍କୁ ଦେଇଅଛନ୍ତି ଅଛି କହିଁ କଲେକ୍ଟରଙ୍କ ମହୋଦୟ ଉକ୍ତ ପଦ୍ୟରୁ ଦୋଷାଦୋଷ ବାଛି ଭଦ୍ରଲୋକମାନଙ୍କୁ ମାନ ଓ ସ୍ଵୟଂ ଗ୍ଵରଣ୍ମେଣ୍ଟଙ୍କର ପ୍ରତିନିଧିଙ୍କୁ ଉପହାସ ହେବାରୁ ମନ୍ତ୍ର କରିଲ ଜଗତରେ ପ୍ରଶଂସା ଲାଭ କରିବେ । ସାଧାରଣ ଖବରକାଗଜରେ ତାହାକୁ ଉଦ୍ଦେଶ କରି ଏପରି ଅଶ୍ଳୀଳ ଓ ନିନ୍ଦା କରିବା ଏହାଙ୍କ ଦୂଷଣୀୟ କର୍ତ୍ତୃପକ୍ଷମାନେ ଯେ ଏହାର ପ୍ରତିକାର କରିବେ ଏଥିରେ ସନ୍ଦେହ ନାହିଁ ଏହା ଛଡ଼ା ଉକ୍ତ ପଦ୍ୟମାନ ପଢ଼ି ଆପଣମାନଙ୍କର ମତାମତ ତାହା ମଧ୍ୟ ପ୍ରକାଶ କରି ଆପଣମାନେ ଜଗତରେ ସତ୍କୀର୍ତ୍ତି ସ୍ଥାପନ କରନ୍ତୁ । ନିବେଦନ ଇତି

ବାଲେଶ୍ଵର<br>
ଗ୍ରାମ ନଟେଶ୍ଵର<br>
୨୭।୮।୧୯୦୦

ବଶମ୍ବଦ<br>
ଶ୍ରୀ ଗୋପାଳଚନ୍ଦ୍ର ସିଂହ

## ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ମହନ୍ତ ପୀତାମ୍ବର ଗୋସ୍ଵାମୀ କେନ୍ଦ୍ରାପଡ଼ା | | [illegible] |
| ଶ୍ରୀ ବାବୁ ପରଶୁରାମ ଦାସ କୋଠଦେଠ | | [illegible] |
| " ସାରଦାନାଥ ଘୋଷ ହେଡ଼ମାଷ୍ଟର ସୋରୋ | | [illegible] |
| " ଭରତ ମହାନ୍ତି | ଉଦଳ | [illegible] |
| " ହରବନ୍ଧୁ ତ୍ରିପାଠୀ ସାର୍ଭେ ସ୍କୁଲ ପେଡ଼ି | | [illegible] |
| " ଦାମୋଦର ସାହୁ ନରସିଂହପୁର | | [illegible] |
| " ଗୋବିନ୍ଦଚନ୍ଦ୍ର ଚୌଧୁରୀ ରଙ୍ଗପୁର | | [illegible] |
| " ପଦ୍ମନାଭ ମହାପାତ୍ର | | [illegible] |
| ମୁନ୍ସ ମହେନ୍ଦ୍ରଜିତ୍ | | [illegible] |
| ଶ୍ରୀ ବାବୁ ପ୍ରିୟନାଥ ଚାଟର୍ଜି ସ୍କୁଲ | କଟକ | [illegible] |
| " ଯୋଗୀ ଚରଣ | ଝିଟାନା | [illegible] |
| " ପ୍ରଫୁଲ୍ଲ ଦାସ | ଶ୍ରୀମୁଲପୁର | [illegible] |
| " ଗୋଲକ ଶୁଭଙ୍କର | କଟକ | [illegible] |
| " ବାଳକୃଷ୍ଣ ପଣ୍ଡା | ଫତେପୁର | [illegible] |
| " ସମ୍ପୂର୍ଣ୍ଣ ଚନ୍ଦ୍ର ଘୋଷ ବାହାଦୁର ସ୍କୁଲ | କଟକ | [illegible] |
| " ଜଗନ୍ନାଥ ଦାସ | କେନ୍ଦ୍ରାପଡ଼ା | [illegible] |
| " ଶାରଦାଚରଣ ଦାସ | ନରସିଂହପୁର | [illegible] |
| " କୃଷ୍ଣଚରଣ ମହାନ୍ତି | କେଉଁଝର | [illegible] |
| " ମଧୁସୂଦନ ଦାସ | କଟକ | [illegible] |
| " ବୈଦ୍ୟନାଥ ମିଶ୍ର | ଅସାମ | [illegible] |
| " ରଘୁନାଥ ଦାସ | ହାବଡ଼ା | [illegible] |
| " ଜଗନ୍ନାଥ ମିଶ୍ର | ଭାଲୁକୋଟ | [illegible] |
| " ଭୁବନେଶ୍ଵର ଇନ୍‌ସପେକ୍ଟର ଅଫ ସ୍କୁଲ | ଢେଙ୍କାନାଳ | [illegible] |
| ଏସ୍ ଏନ ପାଣିଗ୍ରାହୀ | ପାରଳା ଖେମଣ୍ଡି | [illegible] |
| ଶ୍ରୀ ବାବୁ ମଧୁସୂଦନ ଦାସ | ରାମପୁର ଷ୍ଟେସନ | [illegible] |
| " ଭଗବତୀଚରଣ ସେନ | ପୁରୀ | [illegible] |
| " କପିଳଚରଣ ସାହୁ | ନନ୍ଦିକେଶ୍ଵର | [illegible] |
| " ଜମ୍ବୁନାଥ କର | ସୋରଡ଼ା | [illegible] |


## ବିଜ୍ଞାପନ ।

NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,<br>
*Agent,*<br>
*Cuttack.*

## ବିଜ୍ଞାପନ ।

# ଯାକୁତି ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଉବା ୧୦।୵ ରୁ ଅଣା ଆରମ୍ଭ ଏକଉବାଠାରୁ ଛ ଉବା ପର୍ଯ୍ୟନ୍ତ ୧ ୦ । ଡାକ ଅଣା ମାତ୍ର ।

ସକଳପ୍ରକାର ଦବ୍ରୋଗର ଏହାପରି ଉତ୍କୃଷ୍ଟ ପୂର୍ଣ୍ଣ ଫଳା ଯନ୍ତ୍ରଣା ନିବାରକ ଅଣ୍ଡ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ଵିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ କ୍ରୟକାରୀ ମାନଙ୍କ ସୁବିଧାରୂପେ [illegible] ଡାକବ୍ୟୟ ଲାଗିବ ନାହିଁ ଏବଂ [illegible] ଅବଗତ ନ ହେଲେ ଔଷଧ ପଠାଯିବ ନାହିଁ ଜାଣିବେ ।

ପ୍ରାପ୍ତିସ୍ଥାନ<br>
ଶ୍ରୀ ରାମତାରକ ସେଠ<br>
ଦେଶୀ ଉତ୍କଳ ପ୍ରେସ, ବାଲେଶ୍ଵର


Digitized by srujanika@gmail.com

Split by PDF Splitter



## NOTICE.

Tenders are hereby invited for the supply of the undermentioned materials at site of Palace at Ganja, near Chandbali, on the Kanika ward's Estate. Cuttack District.

Intending Tenderers can obtain all information from the District Engineer's office, Collectorate, Cuttack or from the estate sub-overseer at Ganja.

Tenders will be on District Board's Form No. 2 "Collector of Cuttack" being substituted for "District Board."

These forms will be supplied free of charge, on application.

Tenders to be submitted to the District Engineer before the 25th October 1900 in sealed covers superscribed "Tender for Ganja Palace materials."

Rs. 400 in currency notes must accompany each tender.

The general specification of works Orissa Circle, will be in force.

The Collector of Cuttack does not bind himself to accept the lowest or any tender.

| Quantities. | Description of work. | Rate estimated. | Date for commencement of work. | Date for completion. |
|---|---|---|---|---|
| 15,00,000 No. | 1st Class Bricks. | Rs. 10 per 1000. | November, 1900. | 20th March 1901. |
| 2,50,000 No. | 2nd Class Do. | Rs. 5 per 1000. | | |
| 17000 c. ft. | Ghooting (clean) for lime burning | Rs. 22 per 100. | | |

Further large quantities of materials will be wanted in the next official year 1901-1902.

Cuttack District Engineer's Office, Dated 25th August 1900.

Sd. Louis E. Desgratoulet,
District Engineer, Cuttack.

## WANTED

A 3rd Pandit on a monthly salary of Rs. 5. for the Charchika Board's Middle School.

Preference will be given to him who has passed the Vernacular Scholarship Examination and has acquired some experience in the teaching line.

Applications will be received by the undersigned up to 14th September next.

Cuttack Dist. Bd. Office, The 29th August 1900.

J. C. Chandar
Vice-Chairman.

## ବିଜ୍ଞାପନ ।

### ନୂତନ ପୁସ୍ତକ ।

ଶ୍ରୀସନାତନଙ୍କର ସଙ୍କଳିତ ଲୂତ !

### ବିଷମୋଦକ ।

ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଛ ଅଣା ମାତ୍ର ।

## ବିଜ୍ଞାପନ ।

### ନୂତନ ପୁସ୍ତକ ।

ଗଣିତ ପ୍ରଶ୍ନ ସମାଧାନ ।

ଏଥିରେ ନୂତନ ଧାରାରେ ପ୍ରଶ୍ନ ସନ୍ନିବେଶ କରାଯାଇଅଛି, ନିମ୍ନ ପ୍ରାଇମେରୀଠାରୁ ଇଣ୍ଟ୍ରାନ୍ସ ପର୍ଯ୍ୟନ୍ତ ସକଳ ଶ୍ରେଣୀର ପରୀକ୍ଷାର୍ଥୀମାନଙ୍କର ଏହାଦ୍ୱାରା ଉପକାର ହେବ, ମୂଲ୍ୟ ୫ ଟଙ୍କା ।

ପଣ୍ଡିତ ଶ୍ରୀ ଗୋବିନ୍ଦ ଅଗ୍ରୱାଲଙ୍କ କୃତ ।

### ଶ୍ରୀ ଶ୍ରୀନିବାସ ଦୀପିକା ।

( ଜ୍ୟୋତିଷ ଶାସ୍ତ୍ର ମୂଳଗ୍ରନ୍ଥ )

ଶ୍ରୀ ଭୁବନେଶ୍ୱର ରଥଙ୍କ କୃତ

ଯାହା ଓଡ଼ିଆରେ ଅର୍ଥ ସହିତ ।

ମୂଲ୍ୟ ଟ ୦ ୵

ଅଧ୍ୟାତ୍ମରାମାୟଣ (ବଳରାମଦାସଙ୍କ କୃତ) ଟ ୧୧

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ଇଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରତି

ପତ୍ରମାନଙ୍କରେ କମିଶନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାଙ୍ଗରେ ଟ ୧୨॥୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଛି ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨ |
| ୨ ସଭା ପର୍ବ | ଟ ୨ |
| ୩ ବନ ପର୍ବ | ଟ ୨ |
| ୪ ବିରାଟ ପର୍ବ | ଟ ୨। |
| ୫ ଉଦ୍ୟୋଗ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ୵ |
| ୧୧ ଗଦା ପର୍ବ | ଟ ୦। |
| ୧୨ ସାରସ୍ୱତ ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୵ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦। |
| ୧୭ ମୁଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ, | ଟ ୦। |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ସଙ୍ଗୀତ ଲହରୀ ବା ନୂତନ ସଙ୍ଗୀତ ପୁସ୍ତକ ।

ଏପରି ପୁସ୍ତକ ଆଉ କେବେ ଓଡ଼ିଆ ଅକ୍ଷରରେ ଛପା ହୋଇ ନ ଥିଲା ।

ମୂଲ୍ୟ ଟ ୦ । ଚାରିଅଣା ମାତ୍ର ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ଶ୍ରୀନନ୍ଦକିଶୋର ବଳ ବି, ଏ ଉଚିତ ଗ୍ରନ୍ଥକାର ଓ ସ୍ୱର୍ଗତ ଦାଦାଙ୍କ ପ୍ରଣୀତ "ପଲ୍ଲୀଚିତ୍ର" ( ମୂଲ୍ୟ ଟ ୦ ୵ ) ଓ "ଭଣ୍ଡରାଣୀ" ( ମୂଲ୍ୟ ଟ ୦ । ) କଟକ ପ୍ରିଣ୍ଟିଂ କମ୍ପାନୀ ଓ ବାବୁ ରାମପ୍ରସନ୍ନ ମହୋପାଧ୍ୟାୟଙ୍କଠାରେ ପ୍ରାପ୍ତବ୍ୟ ।

Digitized by srujanika@gmail.com

## ବିଜ୍ଞାପନ

ସୁପ୍ରସିଦ୍ଧ କବିରାଜ ଏସ୍, କେ, ପାଲଙ୍କର
ଜଗତ୍ରୁ ବାତ୍ୟାଦି ପାରା ସମ୍ବାରକ ଓ କ୍ଷତ,
ଚର୍ମ୍ମ ରୋଗ ନାଶକ,

### ଚନ୍ଦ୍ରେଶ୍ୱର-ତୈଳ ।

ସମଗ୍ର ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, ତେବେ ବ୍ୟବହାର କରନ୍ତୁ, ଏପର ଜଟିଳ ଓ କ୍ରୁରଟିଷ୍ଣ ରୋଗ-ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଶରୀରସ୍ଥ ଓ ଅଲ୍ପବସ୍ତୁ ପାରା, ପାରାର ଘା, ଗାଣ୍ଠି ଫଟା, ଖଡ଼ି ଓ ଶୋଲିସ ଉଠା, ଖାଉଦାଦ, ବେଦନା ଓ ବାତ ଏବଂ ସର୍ବପ୍ରକାର କ୍ଷତ ଓ ଉପଦଂଶ ଭସ୍ମ ଏବଂ କ୍ଷତଆଦ ରୋଗ ସମୂଳେ ନିର୍ମୂଳକାରକ ଓ ଦେହ ମସୃଣ ଉଜ୍ଜ୍ୱଳ କାନ୍ତି ପ୍ରଦାୟକ । ମୂଲ୍ୟ ଛୋଟ ଶିଶି ୧ ଡାକମାସୁଲ ୦ ୯୶୵ ବଡ଼ଶିଶି ୨ ୧୨ ମାସୁଲ ୦ ୧୵

ସର୍ବପ୍ରକାର ଜଟିଳ ରୋଗ ନାଶକ ।

### ଚକ୍ରପାଣି-ସାଲସା ।

ଏହାର ଗୁଣର ବିଷୟ ଅଧିକ କ କହିବା ଚାକ୍ତରଆଦ ଚିକିତ୍ସକଗଣ, ରୋଗ ବିଶେଷରେ ଏହି ମହୌଷଧ ଛି ପ୍ରେସ୍କ୍ରିପସନରେ ବ୍ୟବସ୍ଥା କରୁଅଛନ୍ତି । ଏହା ଦେଶୀ ଗଛ ଉଦ୍ଭିଦରେ ପ୍ରସ୍ତୁତ, ସେବନର କଡ଼ା ଧରା ନିୟମ ପାଳନ କରିବାକୁ ହୁଏ ନାହିଁ, ଅଥଚ ଅନ୍ୟ ସକଳ ଦେଶୀ ସାଲସା ଅପେକ୍ଷା ଶୀଘ୍ର ଫଳଦାୟକ ଏବଂ ସର୍ବପ୍ରକାର ଜଟିଳ ଓ ପୁରାତନ ରୋଗର ଧନ୍ୱନ୍ତରି ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁକ୍ଷୀଣ, ଅମ୍ଳ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, କାମ, ସ୍ନାୟବିକ ଦୁର୍ବଳତା, ସ୍ତ୍ରୀରୋଗର ବାଧକ, ପ୍ରଦର ରକ୍ତପ୍ରଦର, ବନ୍ଧ୍ୟା, ମୃତବତ୍ସା ଦୋଷ ଆଦ ସମୂଳରେ ନିର୍ମୂଳକାରକ ଓ ଦୂଷିତ ରକ୍ତ ପରିଷ୍କାରକ । ମୂଲ୍ୟ ଏକ ଶିଶି ୧ ମାସୁଲ ୦ ୬୵ ତିନିଶିଶି ୨ ୩ ମାସୁଲ ୧୵ ଛଅଶିଶି ୫ ମାସୁଲ ୧୵, ୧୨ ଶିଶି ୨୨ ମାସୁଲ ୨୵

### ଉତ୍କଟ ଦମା ଓ କାସ

ରୋଗର ମହୌଷଧ ।

ଏହା ସେବନ କଲେ ସକଳପ୍ରକାର କାଶ, ଦମାକାଶ, ଯକ୍ଷ୍ମାକାଶ, ରକ୍ତଉଠା କାଶ, ଶୁଷ୍କକାଶ, ଜୀର୍ଣ୍ଣକାଶ, ଓ ଅନ୍ୟ ଉପସର୍ଗ ଯୁକ୍ତ କାଶ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ତରଳ ହୃଦୟରେ ଶ୍ଲେଷ୍ମାବଦ୍ଧ, ଗଳା ସାଇଁ ସାଇଁ ଶବ୍ଦ ପଡ଼ୁ, ସ୍ୱରଭଙ୍ଗ, ବେଦନା ଘଉଡ଼, ମୁଖରେ କଫ, ଅରୁଚ, କୋଷ୍ଠବଦ୍ଧ, ଅମ୍ଳ, ଅଜୀର୍ଣ୍ଣ, ଶୋଥଆଦ ଉପସର୍ଗ ସକଳ ଉପଶମ ହୁଏ । ମୂଲ୍ୟ ଛୋଟ କୌଟା ୦ ୧୨ ବଡ଼ କୌଟା ୦୧୵ ମାସୁଲ ୦ ୬୵ । (ଅସଂଖ୍ୟ ପ୍ରଶଂସାପତ୍ର ଜାଣିବ ।)

ନ ୧୭ ନମ୍ବର ଦୁର୍ଗାଚରଣ ମିତ୍ରଙ୍କ ଷ୍ଟ୍ରିଟ,
ବାଗବଜାରପାଡ଼ା, କଲିକତା ।
ଏସ୍, କେ, ପାଲଙ୍କ ଔଷଧାଳୟରେ ପ୍ରାପ୍ତବ୍ୟ ।




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁ ଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥା:—
ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା,
ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା,
ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା,
ଯୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗୃହମେଳି; ମଲ୍ଲିକା; ଚାମେଲି; ରଜନୀଗନ୍ଧା; ମହୁକା; ଦେଲଖୋସ; ହ୍ୱାଇଟ୍ ରୋଜ୍; ବସରା ରୋଜ୍; ବେଣାଚେର; କୁମୁଦିନୀ; ମିଲଫ୍ଲୁଅର; ହେନାଫ୍ଲୁଅର; ପାରିଜାତଫ୍ଲୁଅର; ଭକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

ବସୁଙ୍କ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଲଗାଇ ମିଶାଇଦେଲେ ଗୁଣ୍ଡି ମହକପଡ଼ିବ । ମୂଲ୍ୟ ପ୍ରତି ଶିଶି ଅଠଅଣା ।

### ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ନିମନ୍ତେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲିମନ ସିରପ୍ ବାରଅଣା । ଜିଞ୍ଜର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲଡ଼ନ ସିରପ୍ ଏକଟଙ୍କା

### ଗୋଲାପଜଳ ।

ପ୍ରତି ଶିଶି ଦେଢଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ଯୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୦ ୦ ୶ |
| ଅର୍ଦ୍ଧସ୍ତମ୍ଭକୁ | ୧ ୨ ୧୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୦ ୩ ୧୨ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଛହିଁର ଖର୍ଚ୍ଚା ୧୦ ୲ ଠାରୁ ଊଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସ୍ୱତନ୍ତ୍ର କଟକ ତରସାଲକାର ବନ୍ଦିକଙ୍କ କମ୍ପାନି ଲିମିଟେଡ଼ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter



REGISTERED No. C. 37.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୪୩ ଭାଗ
୩୭ ସଂଖ୍ୟା
ତା ୧୬ ରିଖ ମାହେ ସେପ୍ଟେମ୍ବର ସନ ୧୯୦୭ ମସିହା । ମା । ଭା ୧ ୭ ଅଙ୍କ ସନ ୧୩୦୮ ସାଲ ଶନିବାର
ଅଗ୍ରୀମ ୫ ଟଙ୍କା
ପଶ୍ଚାଦ୍ଦେୟ ୫।୦

ମଣ୍ଟୁଗୃହରେ ଗୋଟିଏ ଦିଆସଲାଇ କଳ କାରଖାନା ବସିବାର ଉଦ୍ୟମ ଲାଗିଅଛି । ସେଠାରେ ଦୁଇ ଜଣ ବ୍ରାହ୍ମଣ ଯୁବା ଦିଆସଲାଇ ପ୍ରସ୍ତୁତ କରିବାର ନୂତନ ଉପାୟ ଉଦ୍ଭାବନ କରିଅଛନ୍ତି । ସେହି ଉପାୟରେ ଉକ୍ତ ପଦାର୍ଥ ସେଠାରେ ପ୍ରସ୍ତୁତ ହେବ ।

---

ବାଲେଶ୍ୱର ଓ ବାରିପଦା ଷ୍ଟେସନମାନଙ୍କ ମଧ୍ୟରେ ରେଲବାଟରେ ଯେଉଁ ବାଇ ହୋଇଥିଲା ତହିଁର ମରାମତି ପ୍ରାୟ ଶେଷ ହୋଇଅଛି ଏବଂ ବର୍ତ୍ତମାନ ଯାତ୍ରୀମାନଙ୍କୁ ଏକ ଗାଡିରୁ ଓହ୍ଲାଇ ଅନ୍ୟ ଗାଡିରେ ଚଢିବାର ପ୍ରୟୋଜନ ହେଉ ନାହିଁ । ଏକ ପାଖରୁ ଏକ କଳ ଠେଲି ନେଉଅଛି ଅନ୍ୟ ପାଖରୁ ଅନ୍ୟ କଳ ଟାଣି ନେଉଅଛି । କଲିକତା ଡାକ ହାଓଡାରୁ କେବଳ ଏକ ଘଣ୍ଟା ବିଳମ୍ବରେ ଏଠାରେ ପହୁଞ୍ଚୁ ଅଛି ।

---

ଦୁର୍ଗୋତ୍ସବାଦ ପର୍ବ ଉପଲକ୍ଷରେ କଲିକତାର ହାଇକୋର୍ଟ ଚଳିତ ମାସ ତା ୨ ରିଖଠାରୁ ଆସନ୍ତା ନବେମ୍ବର ମାସ ତା ୧୨ ରିଖ ପର୍ଯ୍ୟନ୍ତ ବନ୍ଦ ହୋଇଅଛି । ନବେମ୍ବର ମାସ ତା ୧୧ ରିଖ ସୋମବାର ଖୋଲିବ । ହାଇକୋର୍ଟର ଅଧୀନ ଅନ୍ୟାନ୍ୟ ଜିଲ୍ଲା ଦେବାନୀ ଅଦାଲତ ସବୁ ଆଗାମୀ ... ମାସ ଆସନ୍ତା ତା ୨୩ ରିଖ ରବିବାରଠାରୁ ଅକ୍ଟୋବର ମାସ ତା ୨୫ ରିଖ ପର୍ଯ୍ୟନ୍ତ ବନ୍ଦ ହେବ ।

---

ଚଳିତମାସ ତା ୧ ରିଖରେ ଶେଷ ହେବା ସପ୍ତାହରେ ଭାରତବର୍ଷ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୪୩,୨୩,୧୪୨ ଥିଲା ଅର୍ଥାତ୍ ତହିଁ ପୂର୍ବ ସପ୍ତାହରୁ ପ୍ରାୟ ୫ ଲକ୍ଷ ୭୦ ହଜାର ଊଣା ପଡିଅଛି । ତହିଁ ମଧ୍ୟରେ ୧୫ ଲକ୍ଷରୁ କିଛି ଅଧିକ ସକ୍ଷମ ଏବଂ ୨୮ ଲକ୍ଷରୁ କିଛି ଅଧିକ ଅକ୍ଷମ ବ୍ୟକ୍ତି ଥିଲେ । ଶସ୍ୟକାର୍ଯ୍ୟ ଲାଗିବାରୁ ସକ୍ଷମ ବ୍ୟକ୍ତିମାନେ ସାହାଯ୍ୟ କାର୍ଯ୍ୟ ଛାଡି କାମରେ ମୂଲ ଲାଗୁଅଛନ୍ତି । ଫସଲ ହସ୍ତଗତ ଓ ଦର ଶସ୍ତା ନ ହେବା ପର୍ଯ୍ୟନ୍ତ ଅକ୍ଷମ ବ୍ୟକ୍ତିମାନେ ସରକାରୀ ସାହାଯ୍ୟ ନେଉଥିବେ । ଭାରତର ସକଳ ପ୍ରଦେଶରେ ଯଥେଷ୍ଟ ପରିମାଣ ବୃଷ୍ଟି ହୋଇଅଛି, କେବଳ ପଞ୍ଜାବ ଓ ଉତ୍ତରପଶ୍ଚିମ ପ୍ରଦେଶରେ ବୃଷ୍ଟିପାତ ଏବଂ ବଙ୍ଗଳପୂର୍ବ ଓ ମାନ୍ଦ୍ରାଜରେ କିଛି ଊଣା ଅଛି ।

---

ଅସ୍ମମାନଙ୍କର ଜଣେ ବନ୍ଧୁ କଲିକତା ମେଡିକାଲ କଲେଜ ହାସପାତାଲ ନାମକ ଚିକିତ୍ସାଳୟରୁ ଲେଖି ଅଛନ୍ତି ଯେ ଅଫିମ ଖାଇ ପ୍ରାଣତ୍ୟାଗ କରିଥିବାରୁ ତାହାର ଶବ ପରୀକ୍ଷା କଲେ ଉକ୍ତ ଚିକିତ୍ସାଳୟରୁ ଆସିଥିଲା । ଶବ ଛେଦ କରିବାରେ ଦେଖାଗଲା ଯେ ଅଭ୍ୟନ୍ତରିକ ଅର୍ଥାତ୍ ଦେହ ଭିତରେ ଯକୃତ, ଫୁସଫୁସ, ପାକସ୍ଥଳୀ, ହୃତ୍‌ପିଣ୍ଡ, ପ୍ଲୀହା, ଯକୃତ ରକ୍ତନାଡି, ଇତ୍ୟାଦି ମଧ୍ୟରୁ କେତେକ ସାଧାରଣ ମନୁଷ୍ୟର ବାମ ଭାଗରେ ଥାଏ ସେ ସମସ୍ତ ଦକ୍ଷିଣଦିଗରେ ଏବଂ ଦକ୍ଷିଣଦିଗର ଯନ୍ତ୍ର ସମସ୍ତ ବାମ ଦିଗରେ ରହିଥିଲା । ଈଶ୍ୱର ସୃଷ୍ଟିର ଏମନ୍ତ ଅଦ୍ଭୁତ ବ୍ୟାପାର ଦେଖି ମନେ ହେଉଅଛି କେମନ୍ତ ବିଧାତା ତାହାକୁ ଗଢି ନେଲେ ଅନ୍ୟ ମନସ୍ଥ ଥିଲେ । ପ୍ରକୃତରେ ଈଶ୍ୱରଙ୍କର ଅପାର ମହିମା ବୁଝିବା କାହାରି ସାଧ୍ୟ ନୁହେ ।

---

ଜେନେରାଲ ହେଲ ନାମ୍ବର ଏ ସହରର ବଣେଷ୍ଟ ମେଲିମନଙ୍କର ଦରବାର ହେଉଥିଲେହେଁ ଗତ ବୁଧବାର ସ୍ଥାନରେ ଏ ୧୦।୧୧ ଶ୍ରୁ ମେଳ ଏକତ୍ରେ ବାହାର ଥିବାରୁ ମିଳିତପର ଜଣା ଯାଉଥିଲା । କେତୋଟି ମେଳ ଓ ପ୍ରତିମାର ଗଠନ ଓ ସାଜ ଉତ୍ତମ ହୋଇଥିଲା । ତନ୍ମଧ୍ୟରେ ଚୌଧୁରୀବଜାର ଶନିବାରୀ ମେଳଣ ମଣ୍ଡନ କଳ ହାବୁ ଏକତ ସ୍ୱାମୀଙ୍କର ମେଢ ଭାରତୀ ସଜ ସର୍ବୋତ୍କୃଷ୍ଟ ଏବଂ ଅତ୍ୟନ୍ତ ମନୋହର ହୋଇଥିଲା । ସର୍ବସାଧାରଣଙ୍କୁ ଦେଖାଇ ଦେଇ ଥିଲା ଯେ ବଙ୍ଗଳୀଙ୍କଠାରୁ ଉତ୍ସାହ ଏବଂ

Digitized by srujanika@gmail.com

Split by PDF Splitter

294



ସାହାଯ୍ୟ ପାଇଲେ ଏ ନଗରର ନାଗରିକମାନେ ଉତ୍କୃଷ୍ଟ କାର୍ଯ୍ୟ କରିପାରନ୍ତି ଏବଂ ସେହି ନାଗରିକମାନଙ୍କର ନୈପୁଣ୍ୟକୌଶଳ ପ୍ରୟୋଜନୀୟ ସ୍ଥାୟୀ ଦ୍ରବ୍ୟ ଗଠନ ପ୍ରତି ଆକୃଷ୍ଟ ହେଲେ ଅଧିକ ସୁଫଳ ଲାଭ ହୋଇପାରେ ।

ଯୋଧପୁରର ମହାରାଜାଙ୍କର ପରଲୋକ ହେବାନ୍ତରରେ ମହାରାଜା ଆପଣାର ଅମାତ୍ୟ ପାତ୍ର ଓ ସୈନ୍ୟ ସେନ ଚୀନ ଯୁଦ୍ଧରେ ଇଂରାଜ ସେନା ସହିତ ଯୋଗଦେବା କାରଣ ଚୀନରାଜ୍ୟକୁ ଯାତ୍ରା କରୁଅଛନ୍ତି । ସେ ଗତମାସ ତା ୧ ଦିନରେ କଲିକତା ବନ୍ଦରରେ ଜାହାଜରେ ଆରୋହଣ କଲେ ଏବଂ ତାହାଙ୍କୁ ବିଦାୟ ଦେବା କାରଣ ଅନେକ ଲୋକ ସେଠାରେ ଏକତ୍ରିତ ହୋଇଥିଲେ । କଲିକତାର ଅଧିକାଂଶ ମାରୱାଡ଼ି ମହାରାଜାଙ୍କର ପ୍ରଜା ଓ ସେନାମାନଙ୍କର ସଂଖ୍ୟା ଅଧିକ ଥିଲା । ମହାରାଜାଙ୍କର ବୟସ ବ ୨୦ ବର୍ଷ ଏତେ ଅଳ୍ପ ବୟସରେ ତାହାଙ୍କର ଏପ୍ରକାର ରାଜଭକ୍ତି, ବୀରତ୍ୱ ଓ ସାହସ ଅତ୍ୟନ୍ତ ପ୍ରଶଂସନୀୟ ସନ୍ଦେହ ନାହିଁ । ମାତ୍ର ତାଙ୍କ ରାଜ୍ୟରେ ପ୍ରଜାମାନେ ଦୁର୍ଭିକ୍ଷର କଷ୍ଟ ଭୋଗକରୁଥିବା ସମୟରେ ଯୁଦ୍ଧାର୍ଥେ ବିଦେଶଗମନ ପ୍ରକାଶେ ଗବର୍ଣ୍ଣମେଣ୍ଟଙ୍କର ଅନୁମତି ଦେବା ଠିକେ ଭଲ ଲାଗୁ ନାହିଁ ।

ମଧ୍ୟପ୍ରଦେଶାନ୍ତର୍ଗତ କସାଉଲିଠାରେ ବାତ୍ୟା କୁକୁର କାମୁଡ଼ା ରୋଗର ଚିକିତ୍ସା ନିମନ୍ତେ ଅଳ୍ପଦିନ ହେଲା ଗୋଟିଏ ଚିକିତ୍ସାଳୟ ସ୍ଥାପିତ ହୋଇଅଛି । ଫରାସି ରାଜଧାନୀ ପାରିସର ପାସ୍ତୁର ଚିକିତ୍ସାଳୟର ପ୍ରଣାଳୀରେ ତହିଁରେ ଚିକିତ୍ସା ହେଉଅଛି । ପୂର୍ବେ ପାରିସକୁ ନ ଗଲେ ଚିକିତ୍ସା ହେଉ ନ ଥିଲା । ବର୍ତ୍ତମାନ କସାଉଲିରେ ଚିକିତ୍ସାଳୟ ହେବାରୁ ଅନେକ କୁକୁର କାମୁଡ଼ା ରୋଗୀ ସେଠାକୁ ଯାଉଅଛନ୍ତି ଏବଂ ଲାହୋରର ଏକ ସମ୍ବାଦରୁ ପ୍ରକାଶ ଯେ କାବୁଲରୁ କେତେଜଣ ରୋଗୀ ଚିକିତ୍ସା ନିମନ୍ତେ ସେଠାକୁ ଆସିଥିଲେ । ଯେବେ ଏହି ଚିକିତ୍ସାଳୟ ସୁଫଳ ଦେଖାଇ ପାରିଲେ ଏହାର ଆଦର କ୍ରମଶଃ ବୃଦ୍ଧି ହେବ ସନ୍ଦେହ ନାହିଁ । ମାତ୍ର ଔଷଧ ପ୍ରସ୍ତୁତ ନିମନ୍ତେ ଏହି ଚିକିତ୍ସାଳୟରେ ଜୀବନ୍ତ ପଶୁ ଜନ୍ତୁଙ୍କୁ ସ୍ୱଚ୍ଛନ୍ଦରେ ଛେଦ କରିବାର ପ୍ରଥାଟି ସଂଯୁକ୍ତ ଥିବା ତାହା ଅଧିକାଂଶ ଭାରତ ବାସୀଙ୍କର ଧର୍ମବିଶ୍ୱାସର ବିରୁଦ୍ଧ ହେବାରୁ ତହିଁ ନିମନ୍ତେ ଘୋର ଆନ୍ଦୋଳନ ଲାଗିଅଛି । ଆନ୍ଦୋଳନକାରୀଙ୍କର ଆପତ୍ତି ଏହି କି ଏହି ଚିକିତ୍ସାକୁ ଗବର୍ଣ୍ଣମେଣ୍ଟଙ୍କର ପ୍ରଶ୍ରୟ ଦେବା ପୂର୍ବେ କେଉଁ ନିର୍ଦ୍ଦୋଷ ଜୀବ ଚିକିତ୍ସା ବାହାର ଅଛି ତହିଁର ପରୀକ୍ଷା କରିବା ଉଚିତ ଏବଂ ଏ ଆପତ୍ତି ନ୍ୟାଯ୍ୟସଙ୍ଗତ ବୋଲି ଆମ୍ଭେମାନେ ବିବେଚନା କରୁଁ ।

ଗତ ଉତ୍କଳଦୀପିକାରେ ବାଲେଶ୍ୱରବନ୍ଦରର ନିବାସୀ ଶ୍ରୀ ଗିରୀଶଚନ୍ଦ୍ର ସିଂହଙ୍କର ଯେଉଁ ପ୍ରେରିତପତ୍ର ପ୍ରକାଶିତ ହୋଇଥିଲା ସେ ସମ୍ବନ୍ଧରେ ସେହି ସ୍ଥାନନିବାସୀ ଗିରୀଶଚନ୍ଦ୍ର ସିଂହନାମକ ଏକବ୍ୟକ୍ତି ଲେଖିଅଛନ୍ତି କି ଉକ୍ତ ପ୍ରେରିତପତ୍ର ସେ ପଠାଇ ନାହାନ୍ତି କି ସ୍ୱାକ୍ଷର କରି ନାହାନ୍ତି ଏବଂ ତହିଁର କୌଣସି ଅଂଶ ତାହାଙ୍କର ଅନୁମୋଦିତ ନୁହେ । ଏ ପତ୍ର ପାଇ ଆମ୍ଭେମାନେ ବଡ଼ ବ୍ୟସ୍ତରେ ପଡ଼ିଅଛୁଁ । ପତ୍ରଲେଖକ ଏବଂ ପ୍ରତିବାଦୀ ଉଭୟ ଗିରୀଶଚନ୍ଦ୍ର ଆମ୍ଭମାନଙ୍କର ଅପରିଚିତ । କେବଳ ପ୍ରେରିତପତ୍ରରେ ଗୋଟିଏ ସାଧାରଣ ବ୍ୟାପାରର ସମାଲୋଚନା ଥିବାରୁ ଓ ଲେଖକ ପ୍ରକୃତ ନାମ ଦେଇଥିବାର ସରଳବିଶ୍ୱାସରେ ତାହା ପ୍ରକାଶ କରିଥିଲୁଁ । ପ୍ରତିବାଦୀ ଗିରୀଶଚନ୍ଦ୍ର ପ୍ରେରିତପତ୍ରର କୌଣସି ଅଂଶର ପ୍ରତିବାଦ ନ କରି କେବଳ ତାହାଙ୍କର ଅନୁମୋଦିତ ନ ଥିବାର ଲେଖିଅଛନ୍ତି ଏବଂ ତାହାଙ୍କ ଲେଖାରୁ ଜଣାଯାଏ ଅନ୍ୟ ବ୍ୟକ୍ତି ମିଥ୍ୟାରେ ତାହାଙ୍କର ନାମ ଲେଖି ଦେଇଅଛି । ଯେବେ ଏ କଥା ସତ୍ୟ ହୁଏ ତେବେ ଯେଉଁ ବ୍ୟକ୍ତି ନିଜର ନାମ ଗୋପନ କରି ପରର ନାମ ଲେଖିଦେଇ ସମ୍ପାଦକଙ୍କୁ ପ୍ରତାରିତ କରିଅଛି ସେ ନିତାନ୍ତ କାପୁରୁଷ ଏବଂ ସେପରି ପତ୍ରପ୍ରେରକଙ୍କୁ ପ୍ରଶ୍ରୟ ଦେବା ହେତୁ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହେଲୁଁ ।

ଏ ନଗରସ୍ଥ ପ୍ରସିଦ୍ଧ କଦମରସୁଲଙ୍କ ମନ୍ଦିର ସେବା ଓ ସମ୍ପତ୍ତିର ତତ୍ତ୍ୱାବଧାନ ନିମନ୍ତେ ନିଯୁକ୍ତ ହୋଇଥିବା କମିଟିର ସଭ୍ୟମାନଙ୍କର ସ୍ଥାନ କିଛିକାଳ ଅଗ୍ରେ ଏଠା ଜଜସାହେବଙ୍କ ଆଦେଶରେ ନୂତନ ସଭ୍ୟଙ୍କ ଦ୍ୱାରା ପୂର୍ଣ୍ଣ ହେବା ଏବଂ କଦମରସୁଲର ଦାରୋଗା ତହିଁ ବିରୁଦ୍ଧରେ ହାଇକୋର୍ଟ ପର୍ଯ୍ୟନ୍ତ ଲଢ଼ି ହାରି ଯିବାର ପାଠକମାନଙ୍କୁ ଜଣାଅଛି । କମିଟିର ଆଦେଶାନୁସାରେ ଦାରୋଗା କାର୍ଯ୍ୟ କରିବାରୁ ତ୍ରୁଟି କରିବାରୁ ଜଜସାହେବଙ୍କଠାରେ ସେ ବିଷୟର ଆବେଦନ ହେଲା ଏବଂ ଦାରୋଗା ଯଥା ସମୟରେ କାର୍ଯ୍ୟ ଜବାବ ନ କରିବା ହେତୁରୁ ତାହାଙ୍କୁ ବରଖାସ୍ତ କରିବାର ନାଲିସ ଉପସ୍ଥିତ କରିବାର ଅନୁମତି ନିମନ୍ତେ କେତେକ ଲୋକ ଜଜସାହେବଙ୍କଠାରେ ଦରଖାସ୍ତ କଲେ । ଦାରୋଗା ଆପତ୍ତି କଲେ ଯେ କଦମରସୁଲଙ୍କ ସାଧାରଣ 'ଟ୍ରଷ୍ଟ' ସମ୍ପତ୍ତି ନୁହନ୍ତି । ସେ ସମ୍ପତ୍ତିମାନ କଦମରସୁଲଙ୍କ ନାମରେ ତାହାଙ୍କର ପୂର୍ବପୁରୁଷଙ୍କୁ ଭରଣ ପୋଷଣ ନିମନ୍ତେ ଦିଆଯାଇଥିଲା ଏବଂ ତଦନନ୍ତରେ ସେ ଭୋଗ କରି ଆସୁଅଛନ୍ତି । ଏମନ୍ତ ସ୍ଥଳରେ ଆପତ୍ତିର ସନ୍ତୋଷଜନକ ମୀମାଂସା ଅନୁମତି ଦରଖାସ୍ତର ସପକ୍ଷରେ ଦେବା କାମ୍ୟ ନୁହେ ବୋଲି ସେହି କାରଣ ଏବଂ ଅନ୍ୟାନ୍ୟ କାରଣ ଦର୍ଶାଇ ଜଜସାହେବ ମହୋଦୟ ଦାରୋଗାଙ୍କ ନାମରେ ନାଲିସ ଦାଏର କରିବାର ଅନୁମତି ଦରଖାସ୍ତକାରୀମାନଙ୍କୁ ଦେଇଅଛନ୍ତି ।

ଯଦୁନାଥ ମିଶ୍ର । ସା । ବଗଡ଼ୋ । ପ୍ର । ମାନବଜଗର ମହାଲ ଏଠା ମୁନସଫିରେ ସେହି ଗ୍ରାମର କାଜୁର ସେଠି ନାମରେ ଏକ ଡିକ୍ରୀଜାରୀ ମୋକଦ୍ଦମାରେ ଚଳନ୍ତି ସମ୍ପତ୍ତିର କ୍ରୋକ ନିଲାମୀ ପରୁଆନା ବାହାର କରିଥିଲା । ମୁନସଫିର ଜଣେ ପିଆଦା ସେହି ପରୁଆନା ବଳରେ ମହାଜନ ଘରଠାରୁ କେତେକ ମାଲ ବାହାର କରି ନିଲାମ କରିବା ବେଳେ କାଜୁର ସେଠି ଓ ଆଉ କେତେ ଜଣ ମିଶି ବଳପୂର୍ବକ କ୍ରୋକମାଲମାନ ଛଡ଼ାଇ ନେଲେରୁ ପିଆଦାର ରିପୋର୍ଟ ଉକ୍ତ ମୁନସଫ ମହୋଦୟ ସେ ବିଷୟ ତଦନ୍ତ କରି କାଜୁର ସେଠି ଓ ଗିରିଧାରୀ ନନ୍ଦଙ୍କୁ ଦଣ୍ଡବିଧିର ଧା ୧୮୩ ଓ ୩୫୩ ଧା ମତେ ବିଚାର ନିମନ୍ତେ ଫୌଜଦାରୀ ଅଦାଲତକୁ ପଠାଇ ଦେଲେ । ଇତି ମଧ୍ୟରେ କାଜୁର ସେଠି ସାଲେପୁର ଥାନାରେ ନାଲିସ କଲା କି ମୁଦେଇ ସ୍ୱୟଂ କେତେକ ଲୋକ ସଙ୍ଗେ ନେଇ ତାହା ଘରେ ପଶି ଟ ୨୦୦ ଙ୍କା ଖୋଲ ନେଇଗଲେ । ସବଇନସ୍ପେକ୍ଟର ଶରତ୍ଚନ୍ଦ୍ର ବନ୍ଦୋପାଧ୍ୟାୟ ତହିଁର ତଦନ୍ତ କରି ଅନ୍ୟାୟ ଜନତା ଓ ଗୁଣ୍ଡାମି ଇତ୍ୟାଦି ଅପରାଧରେ ୫ ଜଣ ଲୋକଙ୍କୁ ଚାଲାଣ ଦେଲେ ମାତ୍ର ସ୍ୱୟଂ ଯଜ୍ଞେଶ୍ୱର ବାହାଦୂର ଅନରେରୀ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଅପରାଧ ପ୍ରମାଣ ନ ହେବାରୁ ଆସାମୀମାନଙ୍କୁ ଖଲାସ ଦେଇ ଫରିୟାଦୀଠାରୁ ସେମାନଙ୍କୁ ଟ ୧୮ ଙ୍କା ଖେସାରତ ଦେବାର ଆଦେଶ ଦେଲେ ।

ଉପରଲିଖିତ ମୋକଦ୍ଦମାରେ ସବଇନସ୍ପେକ୍ଟର ଶରତ୍ ବାବୁ ଉକ୍ତ ପିଆଦାକୁ ସାକ୍ଷୀସ୍ୱରୂପ ଚଲାନ କରିଥିଲେ ମାତ୍ର ସେ ତାହାର

Digitized by srujanika@gmail.com

Split by PDF Splitter



...ତିର ମୁନସଫଙ୍କ ଅନୁମତି ବିନା ସାକ୍ଷ ଦେବାରୁ ନାଲିଶ ହେବାରୁ ଏହି ବାବୁ ସାକ୍ଷ ସ୍ୱୀକାରକୁ ହୋଇ ତାହାଙ୍କୁ ଲୁବାନିହାସ ଅପମାନ କରି ଅନ୍ୟାୟ ଭାବେ ରକ୍ଷିବା ଇଚ୍ଛାରରେ ଫୌଜଦାରୀରେ ମୋକଦ୍ଦମା ଦାଏର କରିଅଛି । ଉକ୍ତ ମୋକଦ୍ଦମା ଆସନ୍ତା ତା ୨୨ ରିଖରେ ବିଚାର ହେବାର ଦିନ ଧାର୍ଯ୍ୟ ହୋଇଅଛି ।

---

ସନ ୧୮୯୯ ସାଲର ତା ୧ ରଖ ଅପ୍ରେଲରେ ୨୮ କୋଟୀ ୬୦ ଲକ୍ଷ ଟଙ୍କା ମୂଲ୍ୟର ସରକାରୀ କରେନସି ନୋଟ କାଗଜ ଚଳପ୍ରଚଳ ହେଉଥିଲା । ମାତ୍ର ସନ ୧୯୦୦ ସାଲ ତାଂ୩୧ ରଖ ମାର୍ଚ୍ଚରେ ସେପରି ଚଳପ୍ରଚଳ ହେବା ନୋଟର ମୂଲ୍ୟ ୨୮ କୋଟୀ ୭୪ ଲକ୍ଷ ହୋଇଥିଲା । ସନ ୧୮୯୫।୯୬ ସାଲରୁ ନୋଟର ଚାଲିବାର କ୍ରମାଗତ ବୃଦ୍ଧି ହୋଇ ଆସୁଅଛି । ସରକାରଙ୍କର ତହବିଲ ଏବଂ ସଦର ବ୍ୟାଙ୍କମାନଙ୍କ ତହବିଲରେ ଜମାଥିବା ନୋଟର ମୂଲ୍ୟ ଛାଡ଼ିଦେଲେ ଦେଖାଯାଏ ଯେ ସନ ୧୮୯୮।୯୯ ସାଲରେ ୧୯ କୋଟୀ ୯ ଲକ୍ଷ ଏବଂ ସନ ୧୮୯୯।୧୯୦୦ ସାଲରେ ୨୧ କୋଟୀ ୬୭ ଲକ୍ଷ ଟଙ୍କାର ନୋଟ ବଜାରରେ କାରବାର ହେଉଥିଲା । ନୋଟର କାରବାର କ୍ରମାଗତ ବୃଦ୍ଧି ହେଉଅଛି । ସନ ୧୮୯୯।୧୯୦୦ ସାଲର ପ୍ରଧାନ ଘଟଣା ଏହି ଯେ ଏ ବର୍ଷ ସରକାରୀ ତହବିଲରେ ସୁନା ଏବ ସୁନାର ଟଙ୍କା ଜମା ହେବାର ଆରମ୍ଭ ହେଲା ଏବଂ କ୍ରମେ ଏତେ ସୁନା ଆମଦାନି ହେଲା ଯେ ଟ ୧୫ ଙ୍କା ଲେଖାଏଁ ଦରରେ ସବରେନ ନାମକ ସୁନାର ମୁଦ୍ରା ସରକାରୀ ତେଣା ଦ୍ୱାରାରେ ସର୍ବସାଧାରଣଙ୍କୁ ଦେବାର ନିୟମ କଲେ ସୁଦ୍ଧା ତଦପେକ୍ଷା ଆମଦାନି ଅଧିକ ହେବାରୁ ତହବିଲରେ ସୁନା ଊଣା ହୋଇ ନାହିଁ । ସୁନା ଆମଦାନିର ପ୍ରଧାନ ସ୍ଥାନ ବମ୍ବେଇ ଅଟେ ଏବଂ ସାଧାରଣ ବ୍ୟବସାୟ ଛଡ଼ା ସେ ପ୍ରଦେଶରେ ଦୁର୍ଭିକ୍ଷ ହେତୁ ମଧ୍ୟମଶ୍ରେଣୀର ଲୋକମାନେ ଖାଦ୍ୟନିମନ୍ତେ ଅଳଙ୍କାର ବନ୍ଧକ ଦେବାରୁ ଅଧିକ ସୁନା ସରକାରଙ୍କ ତହବିଲକୁ ଆସିଅଛି । ସ୍ୱର୍ଣ୍ଣମୁଦ୍ରା ପ୍ରକୃତରୂପେ ବଜାରରେ ଚଳପ୍ରଚଳ ଅବସ୍ଥା ହୋଇ ନାହିଁ ।

ଭାବରେ ଅଥବା ଅନ୍ୟପ୍ରକାରେ ଦେଖିବ ଆଶା ନୋଟର ସଂଖ୍ୟା ଓ ମୂଲ୍ୟ କ୍ରମାଗତ ବଢ଼ୁଅଛି । ନୋଟର ଚଳନ ବୃଦ୍ଧି ସଙ୍ଗେ ସେପରି ବଢ଼ିବା ଅସଙ୍ଗତ ନୁହେଁ । କ୍ଷେତ୍ର ଯିବା ନୋଟ ପ୍ରକାଶେ ସରକାର ଦାୟୀ ନୁହନ୍ତି । କେବଳ ଗେଷ୍ଟକୋର୍ଟ ସରକାରୀ ତହବିଲକୁ ଆସିଲେ ପୁନାସରେ ସମ୍ବାଦ ଦିଆଯାଏ ମାତ୍ର ଅଧିକାଂଶ ସ୍ଥଳେ ସେ କଥା ଧରାପଡ଼େ ନାହିଁ । ପୂର୍ବେ ନୋଟ ନଷ୍ଟ ହେଲେ କମ୍ପାନୀ ହାତଗଲେ ବ ୨୦ ବର୍ଷ ଗତ ନ ହେବା ପର୍ଯ୍ୟନ୍ତ ସରକାର ତହିଁର ଟଙ୍କା ଦିଅନ୍ତି ନାହିଁ । ମାତ୍ର ବ ୨୦ ବର୍ଷ ଉତ୍ତାରୁ ସେ ଟଙ୍କା ଏବଂ ସରକାରୀ ଦରରେ ତହିଁ ଉପରେ ଯେତେ ସୁଧ ହୁଅନ୍ତା ସବୁ ହିସାବ ହୋଇ ଏକତ୍ରେ ଫେରି ଦିଆଯାଏ ।

—❋—

ଛୋଟନାଗପୁରର ମୁଣ୍ଡା ହଙ୍ଗାମା ମୋକଦ୍ଦମାର ଦୁଇ ନମ୍ବର ଫୌଜଦାରୀ ଅପିଲ ଗତ ପୂର୍ବ ବୁଧବାର କଲିକତା ହାଇକୋର୍ଟରେ ନିଷ୍ପତ୍ତି ହୋଇଅଛି । ଏକ ନମ୍ବରରେ ଜ ୧ ଣ ଏବଂ ଅନ୍ୟ ନମ୍ବରରେ ଜ ୪୨ ଣ ଆସାମୀ ଅପିଲ କରିଥିଲେ । ପ୍ରଥମ ନମ୍ବରର ଏକ ଜଣ ଅପିଲାଣ୍ଟ ପ୍ରତି ଛୋଟନାଗପୁରର ଜୁଡିସିଆଲ କମିଶନର ଜୀବନଦଣ୍ଡ ଏବଂ ୨ୟ ନମ୍ବରର ଜ ୪୨ ଣ ଅପିଲାଣ୍ଟ ପ୍ରତି ସେହି ହାକିମ କେତେକ ପ୍ରତି ଯାବଜ୍ଜୀବନ ଓ ଅବଶିଷ୍ଟ ପ୍ରତି ବ ୭ ବର୍ଷ ଦ୍ୱୀପାନ୍ତର ଦଣ୍ଡ ପ୍ରଦାନ କରିଥିଲେ । ଉକ୍ତ ମୋକଦ୍ଦମାରେ ଅପିଲାଣ୍ଟଙ୍କ ପକ୍ଷରୁ ବାବୁ ଗୁରୁଚନ୍ଦ୍ର ଘୋଷ ଏବଂ ବାବୁ ବ୍ରଜେନ୍ଦ୍ର ଲାଲ ମିତ୍ର ଉକିଲମାନେ ମୋକଦ୍ଦମା ଚଳାଇଥିଲେ । ଏବଂ ସ୍ୱୟଂ ଆଡଭୋକେଟ ଜେନରଲ ସାହେବ ଶ୍ରୀମତୀ ମହାରାଣୀଙ୍କ ପକ୍ଷ ସମର୍ଥନ କରିଥିଲେ । ବିଚାରପତି ଶ୍ରୀଯୁକ୍ତ ଘୋଷ ଏବଂ ବ୍ରେଟଙ୍କ ବିଚାରରେ ପ୍ରଥମ ନମ୍ବର ମୋକଦ୍ଦମାର ଏକ ଜଣ ଅପିଲାଣ୍ଟର ପ୍ରାଣଦଣ୍ଡ ବଦଳରେ ଯାବଜ୍ଜୀବନ ଦ୍ୱୀପାନ୍ତର ବାସର ଦଣ୍ଡ ହେଲା ଏବଂ ୨ୟ ନମ୍ବର ଜ ୪୨ ଣ ଅପିଲାଣ୍ଟ ମଧ୍ୟରୁ ଜ ୧୨ ଣ ଖଲାସ ପାଇଲେ ଏବଂ ଅବଶିଷ୍ଟ ଜ ୩୦ ଣର ଦଣ୍ଡ ସ୍ଥିର ରହିଲା ଅଥବା ଅପିଲ ଡିସମିସ୍ ହେଲା । ବିଚାରପତିମାନେ ନଥିରେ ଉପରଲିଖିତ ଉକିଲଦ୍ୱୟଙ୍କର ପ୍ରଶଂସା କରି ଲେଖିଅଛନ୍ତି ଯେ ସେମାନେ ଅଦାଲତର ଅନୁମତି ନେଇ ଆସାମିମାନଙ୍କ ପକ୍ଷରୁ ଉପସ୍ଥିତ ହୋଇ ଅତ୍ୟନ୍ତ ସାବଧାନତା ଏବଂ ନ୍ୟାୟପରତା ସହିତ ସେମାନଙ୍କର ମୋକଦ୍ଦମା ଚଳାଇଅଛନ୍ତି । ପରିଶେଷରେ ବିଚାରପତିମାନେ ଲେଖିଅଛନ୍ତି ଯେ "ଯେଉଁମାନଙ୍କର ଯାବଜ୍ଜୀବନ ଦ୍ୱୀପାନ୍ତରବାସ ଦଣ୍ଡ ଆମ୍ଭେମାନେ ସ୍ଥିର ରଖିଲୁଁ ସେମାନଙ୍କ ପ୍ରତି ଆଇନ ଅନୁସାରେ ସେହି ଦଣ୍ଡ ଅବଶ୍ୟ ବିଧାନ କରିବାକୁ ହେବ । ମାତ୍ର ସେମାନେ ( ଅଳ୍ପ ଲୋକ ଛଡ଼ା ) ବିରସାର ପ୍ରଚୁର ବାକ୍ୟରେ ଭ୍ରମରେ ପଡ଼ି ଏ କାର୍ଯ୍ୟ କରିବାର ଜଣା ଯାଉଥିବାରୁ ତନିମିତ୍ତ ସେମାନଙ୍କର ଦଣ୍ଡ ଲାଘବ ହେବା ଉଚିତ ଅଟେ କି ନା ଏ ବିଷୟ ଆମ୍ଭମାନଙ୍କର ବିଚାର କରିବାର ଅଧିକାର ନାହିଁ ମାତ୍ର ଗବର୍ଣ୍ଣମେଣ୍ଟଙ୍କର ହାତରେ ଅଛି ।" ଆମ୍ଭେମାନେ ଏକାନ୍ତ ଆଶା କରୁଁ ନ୍ୟାୟବାନ୍ ବଙ୍ଗେଶ୍ୱର ସର ଜନ ଉଡବରନ ବାହାଦୁର ମୂର୍ଖ ଜଙ୍ଗଲି ଆସାମିଙ୍କ ପ୍ରତି ହାଇକୋର୍ଟଙ୍କର ଅନୁରୋଧ ଅନୁସାରେ ସୁପ୍ରସନ୍ନ ହେବେ ।

---

ଯୁଦ୍ଧ ସମାଚାର ।

ବୁଅର ସେନାପତି ବୋଥା ଓ ଡିବେଟ ବ୍ରିଟିଶ ସେନାପତିମାନଙ୍କୁ ଲଣ୍ଡଭଣ୍ଡ କରୁଅଛନ୍ତି ପ୍ରେସିଡେଣ୍ଟ ଷ୍ଟିନ ଓ କ୍ରୁଗର ସେହି ସେନାପତିମାନଙ୍କର ରକ୍ଷଣଫଳରୁ ଗୃହିଁ ବସି ଅଛନ୍ତି । ସେହି ସେନାପତିମାନେ ବିଚକ୍ଷଣ ରଣକୌଶଳ ଦେଖାଇ ବୁଅରମାନଙ୍କର ପରିତ୍ୟକ୍ତ ସ୍ଥାନ ମଧ୍ୟରୁ ଗୁଟିଏ ନଗର ପୁନର୍ବାର ହସ୍ତଗତ କରିଅଛନ୍ତି । ଜେନେରଲ ବୁଲର ଯୁଦ୍ଧ କ୍ଷେତ୍ରରେ ନିଯୁକ୍ତ ଅଛନ୍ତି । ଜେନେରଲ ହାମିଲଟନ ତାଙ୍କ ସ୍ୱାସ୍ଥ୍ୟ ନିମନ୍ତେ ପ୍ରେରିତ ହୋଇଥିଲେ, ସେ ବର୍ତ୍ତମାନ୍ ତାଙ୍କ ସହିତ ମିଳିତ ହୋଇଅଛନ୍ତି । ବାଡେନ ପୋଵେଲ ପ୍ରିଟୋରିଆରେ ଉପସ୍ଥିତ ହୋଇ ପୋଲିସର ପ୍ରଧାନ ଅଧ୍ୟକ୍ଷ ହୋଇଅଛନ୍ତି । ବୁଅର ପକ୍ଷର ସେନାପତି ବୋଥା ଲୁଗାର୍ଡ ପୋର୍ଟ ନଗରକୁ ଗମନ କରିଅଛନ୍ତି, ଦୁଇ ସହସ୍ର ବୁଅର ସୈନ୍ୟ ସଙ୍ଗରେ ଅଛନ୍ତି । ଯୁଦ୍ଧର ଅବସ୍ଥା ଏହିପରି, ତଥାପି ଟ୍ରାନ୍ସଭାଲ ଇଂରାଜ ରାଜ୍ୟଭୁକ୍ତ ବୋଲି ଘୋଷଣା ହୋଇଅଛି ଓ ପ୍ରିଟୋରିଆର ଧନଲୋକମାନେ ଏ ଘୋଷଣାକୁ ଆଦର ସହିତ ସମ୍ଭାଷଣ କରୁଅଛନ୍ତି

ଚୀନ ଯୁଦ୍ଧ ସମ୍ବନ୍ଧରେ ଇଉରୋପ ଶକ୍ତିମାନେ ଯୁଦ୍ଧ କ୍ଷେତ୍ରରୁ ଅବସର ଗ୍ରହଣ କରିବାକୁ ବ୍ୟସ୍ତ ହେଲେଣି । ରୁଷିଆ, ଆମେରିକା ଓ ଫ୍ରାନ୍ସ ଆପଣା ସେନା ଫେରାଇ ଆଣିବାର ଯତ୍ନ କରିଅଛନ୍ତି ଓ ଜାପାନ ମଧ୍ୟ ଯୁଦ୍ଧରୁ ବିରତ ହେବା ପ୍ରାୟ । କେବଳ ଜର୍ମାନ ଓ ଇଂରେଜ ଯୁଦ୍ଧକ୍ଷେତ୍ରରେ ଚଞ୍ଚଳ ଅଛନ୍ତି । ସନ୍ଧିର ପ୍ରସ୍ତାବ ଆରମ୍ଭ ହେଲାପରି ଜଣାଯାଏ ।

---

ରାଜାମାନଙ୍କର ବିଦେଶ ଭ୍ରମଣ ।

ଦେଶୀୟ ରାଜାମାନଙ୍କର ଇଉରୋପ ଭ୍ରମଣ ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏକ ନୂତନ ସରକ୍ୟୁଲର ଜାରି କରିଅଛନ୍ତି । ଏପର୍ଯ୍ୟନ୍ତ ପ୍ରାନ୍ତୀୟ ଗବର୍ଣ୍ଣମେଣ୍ଟମାନେ ଦେଶୀୟ ରାଜାମାନଙ୍କୁ ଇଉରୋପ ଭ୍ରମଣ ଅନୁମତି ପ୍ରଦାନ କରୁଥିଲେ

Digitized by srujanika@gmail.com

Split by PDF Splitter



ଏବଂ ଭାରତ ଗବର୍ଣ୍ଣମେଣ୍ଟଙ୍କୁ ତାହା ଜଣାଇଦେଉଥିଲେ । ବର୍ତ୍ତମାନ ଗବର୍ଣ୍ଣର ଜେନେରଲ ଲର୍ଡ କର୍ଜନ ବାହାଦୁର ସେ ପ୍ରଥା ରହିତ କରି ଆଦେଶ ଦେଇଅଛନ୍ତି କି ସେରୂପ ଭ୍ରମଣର ପ୍ରାର୍ଥନା ପତ୍ର ସ୍ଥାନୀୟ ଗବର୍ଣ୍ଣମେଣ୍ଟ ପ୍ରାପ୍ତ ହେଲେ ଆପଣା ମନ୍ତବ୍ୟ ସହିତ ଅଯଥା ବିଳମ୍ବ ବିନା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପଠାଇବେ ଏବଂ ଅନୁମତି ଦେବାର ବା ନ ଦେବାର କାରଣ ହେତୁ ସେ ମନ୍ତବ୍ୟରେ ପ୍ରକାଶ କରିବେ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଇଚ୍ଛାମତେ ପ୍ରାର୍ଥନା ଗ୍ରାହ୍ୟ ବା ଅଗ୍ରାହ୍ୟ କରିବେ । ଏଥିପୂର୍ବେ ଯେ ସବୁ ଅନୁମତି ଦିଆଯାଇଅଛି ତହିଁରେ ଦେଖା ଯାଇଅଛି ଯେ ଅନେକସ୍ଥଳେ ତଦ୍ଦ୍ୱାରା ରାଜାଙ୍କର ଉପକାର ଅଥବା ତାହାଙ୍କର ପ୍ରଜା ବା ରାଜ୍ୟର କି ଫଳ ବା ହିତାହିତ ହେବ ବିଚାର ହୋଇ ନାହିଁ । ଆପଣା ରାଜ୍ୟ ଏବଂ ପ୍ରଜାବର୍ଗ ପ୍ରତି ଯାହା କର୍ତ୍ତବ୍ୟ ତାହାହିଁ ଦେଶୀୟ ରାଜାର ସର୍ବ ପ୍ରଧାନ କାର୍ଯ୍ୟ ଅଟେ । ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃତ୍ୱାଧୀନରେ ସେମାନେ ଯେଉଁ ରାଜ୍ୟ ଓ ଉଚ୍ଚ ଅଧିକାର ଭୋଗ କରୁଅଛନ୍ତି ତଥାପିରେ ଆଉ କୌଣସିଠାରେ ତାହା ନାହିଁ ଏବଂ ଅତ୍ୟନ୍ତ ଦୁଷ୍ଟଚରିତ୍ର ବା ଅସାଧାରଣ ଅପରାଧ ବିନା ତାହା ଚ୍ୟୁତ ହେବାର ନୁହେ । ଏମନ୍ତ ଅଧିକାର ଗବର୍ଣ୍ଣମେଣ୍ଟ ସେମାନଙ୍କୁ ପ୍ରଦାନ କରିଥିବା ସ୍ଥଳେ ଅବଶ୍ୟ ଦାବି କରାଯାଉନ୍ତି ଯେ ରାଜାମାନେ ନିଜ ଆମୋଦ ପ୍ରମୋଦରେ ବଳ କ୍ଷୟ ନ କରି ପ୍ରଜାବର୍ଗର ହିତାର୍ଥେ ତାହା ପ୍ରୟୋଗ କରିବେ । ଦେଶ ଭ୍ରମଣରେ ଫଳ ଅଛି ମାତ୍ର କେତେ ରାଜା ଯୁରୋପ ଚାଲି ଭ୍ରମଣ କରି ନୂତନ ଜ୍ଞାନ ଲାଭ ଆଣିବା ଅପେକ୍ଷା ଅନେକ ବିଳାସ ସାମଗ୍ରୀରେ ଆପଣା ଗୃହ ପୂର୍ଣ୍ଣ କରନ୍ତି ଏବଂ ବୃଥାରେ ବହୁ ପରିମାଣ ଅର୍ଥ ବ୍ୟୟ କରନ୍ତି କି ଯାହା ଅନ୍ୟତ୍ର କାର୍ଯ୍ୟରେ ବ୍ୟୟ ହେଲେ ସେମାନଙ୍କର ନିଜର ବା ପ୍ରଜାବର୍ଗର ଅନେକ ଉପକାର ହୋଇପାରନ୍ତା ।

ଉପରଲିଖିତ ଆଦେଶଦ୍ୱାରା ଦେଶୀୟ ରାଜାମାନଙ୍କର ସ୍ୱାଧୀନତା ପ୍ରତି ଅଯଥା ହସ୍ତକ୍ଷେପ ହେବାର କେତେକ ଲୋକ ଅନୁମାନ କରନ୍ତି ମାତ୍ର ଆମ୍ଭେମାନେ ସେପରି ବୁଝୁ ନାହୁଁ । ଅନୁମତିର ଆବଶ୍ୟକତା ପୂର୍ବରୁ ରହିଅଛି । ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ତାହା ଦେଉଥିଲେ । ବର୍ତ୍ତମାନ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ତାହା ଦେବାର ନିୟମ ହେଲା ସୁତରାଂ ରାଜାଙ୍କ ସ୍ୱାଧୀନତା କିଛି ହ୍ରାସ ହୋଇଥିବାର ବୋଲାଗଲେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ପ୍ରତି କହିଅଛି । ମହାମାନ୍ୟ ଲର୍ଡ କର୍ଜନ ସ୍ୱଅଙ୍ଗପ୍ରାପ୍ତିରେ ଭଲ ଆଦେଶ ପ୍ରଚାର କରିଅଛନ୍ତି ସନ୍ଦେହ ନାହିଁ ଏବଂ କେହି୨ ରାଜା ନିଜର ରାଜକାର୍ଯ୍ୟ ବିଶୃଙ୍ଖଳା ଅପେକ୍ଷା ବିଦେଶ ଭ୍ରମଣ ଏବଂ ଆମୋଦ ପ୍ରମୋଦରେ ଅଧିକ ମନୋଯୋଗୀ ହେବାର ମଧ୍ୟ ଦେଖା ଯାଇଅଛି । ତହିଁର ପ୍ରତିବିଧାନ କରିବା ଅନ୍ୟାୟ ନୁହେ ଏବଂ ଗବର୍ଣ୍ଣମେଣ୍ଟ ଯେତେବେଳେ ରାଜାମାନଙ୍କର ଅଭିଭାବକ ସ୍ୱରୂପ ଅଟନ୍ତି ସେତେବେଳେ ସେମାନଙ୍କୁ କର୍ତ୍ତବ୍ୟ କାର୍ଯ୍ୟର ଶିକ୍ଷା ଦେବା ବିଷୟରେ ଦାୟୀ ଅଟନ୍ତି । ମାତ୍ର କେବଳ ବିଦେଶ ଭ୍ରମଣ ବନ୍ଦ ହେଲେ ଯେ ରାଜାମାନେ କର୍ତ୍ତବ୍ୟ ପରାୟଣ ହେବେ ଏମନ୍ତ ନୁହେ । ସ୍ୱରାଜ୍ୟ ଶାସନ ବିଷୟରେ ରାଜାମାନେ ଏକାନ୍ତ ପୋଲିଟିକଲ ଏଜେଣ୍ଟଙ୍କ ଅସୀମ ଅଧିକାରର ଅଧୀନରେ ରହିବାରୁ ସେମାନେ ସ୍ୱାଧୀନ ଭାବରେ ଆପଣା କର୍ତ୍ତବ୍ୟ କାର୍ଯ୍ୟ କରିପାରନ୍ତି ନାହିଁ ଏବଂ ଏହି କାରଣରୁ ରାଜକାର୍ଯ୍ୟରେ ମନ ନ ଲଗିବାରୁ ଦେଶ ଭ୍ରମଣ ଏବଂ ଆମୋଦ ପ୍ରମୋଦରେ କାଳ କଟାନ୍ତି । କେତେସ୍ଥଳେ ବାଲ୍ୟ କାଳରୁ ଇଉରୋପୀୟ ଶିକ୍ଷକଠାରୁ ଶିକ୍ଷା ଲାଭ କରି ଆମୋଦ ପ୍ରମୋଦର ପକ୍ଷପାତୀ ହୁଅନ୍ତି । ଯେପରି ସେମାନେ ଆପଣା ଜନ୍ମଭୂମି ବିବେଚନା ପୂର୍ବକ ନିଜର କରି ସ୍ୱଦେଶର ଉନ୍ନତି ଏବଂ ପ୍ରଜାବର୍ଗର ମଙ୍ଗଳ ସାଧନ କରିବାକୁ ସକ୍ଷମ ହେବେ ସେପରି ସୁଯୋଗ ଦେବାର ବ୍ୟବସ୍ଥା ହେଲେ ଅବଶ୍ୟ ତହିଁରେ ମନୋଯୋଗୀ ହେବେ । ଭାର ନ ପଡିଲେ କେହି କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୁଅନ୍ତି ନାହିଁ । ବିଦେଶ ଭ୍ରମଣ କ୍ଷୀଣ ନ କରିବାର କୌଣସି ଉତ୍କୃଷ୍ଟ ଉପାୟ ଏହା କେହି ଅସ୍ୱୀକାର କରିବେ ନାହିଁ, ଆଉ ତହିଁରେ ଯେ ଅନିଷ୍ଟର ଆଶଙ୍କା କରାଯାଏ ଯାଜକମାନଙ୍କ ସଙ୍ଗରେ ଘରେ ବସି ରହିବାରେ ତାହା ଘଟେ ନାହିଁ କି ?

## ସାପ୍ତାହିକ ସମ୍ବାଦ

### କଲିକତା ଗେଜେଟ ।

କଟକ ମୁନସଫ ବାବୁ ବହ୍ମାନନ୍ଦ ବାନର୍ଜୀ ଚବିଶ-ପରଗଣାର ମୁନସଫ ପଦରେ ନିଯୁକ୍ତ ହେଲେ କଟକ ଅନ୍ୟତ୍ର ପର୍ଯ୍ୟନ୍ତ ତ୍ରିପୁରାର ମନ୍ତ୍ରୀଙ୍କ କାର୍ଯ୍ୟ କରୁଥିବେ ।

ତ୍ରିପୁରାସ୍ଥ ଜାହାନାବାଦର ମୁନସଫ ବାବୁ ମହେନ୍ଦ୍ରନାଥ ମୁଖାର୍ଜି ରାଜପୁରର ମୁନସଫ ପଦରେ ନିଯୁକ୍ତ ହେଲେ ।

ଯାଜପୁର ମୁନସଫ ବାବୁ ଦୁର୍ଗାଚରଣ ମିତ୍ର ଜାହାନାବାଦର ମୁନସଫ ପଦରେ ନିଯୁକ୍ତ ହେଲେ ।

ବଳେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ବାବୁ ବାଳମୁକୁନ୍ଦ କାନୁନଗୋ ଡେପୁଟି, ଖୋର୍ଦ୍ଧା ବାଦଲଗ ଓ ଜଣ୍ଟମାଜିଷ୍ଟ୍ରେଟ ସାହାନପୁର ସବ ଡିଭିଜନ ଚାର୍ଜରେ ଗଜପତି ଆଦି ପଦରେ ନିଯୁକ୍ତ ହେଲେ ।

ଅତିରିକ୍ତ ଜଏଣ୍ଟ ମାଜିଷ୍ଟ୍ରେଟ ଓ ସବ୍ ଡେପୁଟି କଲେକ୍ଟରମାନଙ୍କର ଏବର୍ଷର ୨ୟ ଷାଣ୍ମାସିକ ପରୀକ୍ଷା ଆଗାମୀ ନବେମ୍ବର ମାସ ତା ୧୨ ଦିନରେ ଗୃହୀତ ହେବ ।

କଟକର ମାଜିଷ୍ଟ୍ରେଟ କାକଟପୁର ଲୋକାଲ ବୋର୍ଡର ମେମ୍ବରମାନ ପଦରେ ପୁନର୍ନିଯୁକ୍ତ ହୋଇଅଛନ୍ତି ।

ଗତ ସଂସ୍କୃତ ପରୀକ୍ଷାର ଫଳ ଅନୁସାରେ ନିମ୍ନଲିଖିତ ଛାତ୍ର ମାନେ ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

୧ମ ପରୀକ୍ଷା ।

| ଛାତ୍ରର ନାମ | ବାସସ୍ଥାନ ଓ ସମିତି | ମାସିକ ବୃତ୍ତି |
|---|---|---|
| ନାରାୟଣ ଦାସ କଟକ ପ୍ରତାପୀ | ଓଡ଼ିଶା ସଂସ୍କୃତ ସମିତି | ଟ ୮ |
| ଗୁରୁଚରଣ ଦର୍ଶନତୀର୍ଥ | ପୁରୀ ସଂସ୍କୃତ ସ୍କୁଲ ଜଗନ୍ନାଥ ସମିତି | ଟ ୭ |
| ଦେବୀପ୍ରସାଦ ମିଶ୍ର କାବ୍ୟତୀର୍ଥ | „ „ | ଟ ୭ |
| ବାଞ୍ଛାନିଧି ପାଣି କାବ୍ୟତୀର୍ଥ | ବସ୍ତା, ବାଲେଶ୍ୱର ସଂସ୍କୃତ ସମିତି | ଟ ୭ |
| ଗୋପୀନାଥ କାବ୍ୟତୀର୍ଥ | ଗୋପୀନାଥ, ଓଡ଼ିଶା ସଂସ୍କୃତ ସମିତି କଟକ | ଟ ୬ |

୨ୟ ପରୀକ୍ଷା ।

| ଛାତ୍ରର ନାମ | ବାସସ୍ଥାନ ଓ ସମିତି | ମାସିକ ବୃତ୍ତି |
|---|---|---|
| ବାସୁଦେବ ବିଶ୍ୱନାଥମହାପାତ୍ର | ପୁରୀ ସଂସ୍କୃତ ସ୍କୁଲ, ଜଗନ୍ନାଥ ସମିତି | ଟ ୧୨ |
| ଅନନ୍ତ ବିଦ୍ୟାଭୂଷଣ | କେନ୍ଦ୍ରାପଡ଼ା, ଓଡ଼ିଶା ସଂସ୍କୃତ ସମିତି | ଟ ୧୨ |
| ଗଦାଧର ତ୍ରିପାଠୀ | ରଘୁନାଥ ଟୋଲ, ଜଗନ୍ନାଥ ସମିତି ପୁରୀ | ଟ ୧୨ |
| ଗୋବିନ୍ଦ ମିଶ୍ର | ପୁରୀ ସଂସ୍କୃତ ସ୍କୁଲ „ | ଟ ୧୨ |
| ପୁରୁଷୋତ୍ତମ ବିଦ୍ୟାରତ୍ନ | କେଶୀ ଟୋଲ, କେନ୍ଦ୍ରାପଡ଼ା, ସଂସ୍କୃତ ସମିତି ବାଲେଶ୍ୱର | ଟ ୧୨ |
| ମୁକୁନ୍ଦ କାବ୍ୟତୀର୍ଥ | ଓଡ଼ିଶା ସଂସ୍କୃତ ସମିତି କଟକ | ଟ ୧୦ |
| ଜଗନ୍ନାଥ ବିଦ୍ୟାଲଙ୍କାର | କେନ୍ଦ୍ରା „ | ଟ ୧୦ |
| ବୈଷ୍ଣବଚରଣ ବିଦ୍ୟାସାଗର | ମୟୂରଭଞ୍ଜ ସଂସ୍କୃତ ସମିତି ବାଲେଶ୍ୱର | ଟ ୧୦ |
| ନୀଳକଣ୍ଠ ରଥ | ପଣ୍ଡିତାଙ୍କର ଟୋଲ ଜଗନ୍ନାଥ ସମିତି ପୁରୀ | ଟ ୧୦ |

ଗତ ସଂସ୍କୃତ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ଯେଉଁମାନେ ପାଠ କରିବାକୁ ସକ୍ଷମ ହୋଇଅଛନ୍ତି ସେମାନେ ପୂର୍ବ ନିୟମରେ ବୃତ୍ତି ପାଇ ସେମାନଙ୍କର ପାଠ୍ୟ ନିର୍ଦ୍ଦିଷ୍ଟ ଟୋଲରେ ପାଠ କରିବେ ।

୧ମ ପରୀକ୍ଷା ।

| ଛାତ୍ରର ନାମ | ଟୋଲର ନାମ | ବୃତ୍ତି / ମାସିକବୃତ୍ତି |
|---|---|---|
| ଦାମୋଦର ମିଶ୍ର | ଓଡ଼ିଶା ସଂସ୍କୃତ ସମିତି ପଦ୍ମନାଭ ଟୋଲ ପୁରୀ | ଟ ୭ |
| ବନମାଳୀ ଷଡ଼ଙ୍ଗୀ „ | କଟକ „ | କାବ୍ୟ ଟ ୭ |
| ଗୋପାଳ ମହାପାତ୍ର | ଜଗନ୍ନାଥ ସମିତି ରାମକୃଷ୍ଣ ଟୋଲ ପୁରୀ | ସାଂଖ୍ୟ ଟ ୭ |
| ଫକୀରମୋହନ „ | ରଘୁନନ୍ଦନ ଟୋଲ ପୁରୀ | ବ୍ୟାକରଣ ଟ ୭ |
| ସଦାଶିବ ମିଶ୍ର | ମୟୂରଭଞ୍ଜ ସଂସ୍କୃତ ସମିତି „ | ଟ ୭ |

Digitized by srujanika@gmail.com

Split by PDF Splitter



ମୂଲ୍ୟ ପାଇଲୁ।

ଢେଙ୍କାନାଳ ପାଣି ଓଡ଼ିଆ ସଂସ୍କୃତ ସମିତି, ଢେଙ୍କାନାଳ
ସ୍କୁଲ ୫ ॥

ଶ୍ରୀ କୃଷ୍ଣମହାପାତ୍ର „ ପଦ୍ମନାଭ
ଟ୍ରୋଲ ଗଞ୍ଜା ବ୍ୟାକରଣ ୫ ॥

ବାସୁଦେବ ମିଶ୍ର ଜଗନ୍ନାଥ ସର୍ମା ପ୍ରଭୃ
ସଂସ୍କୃତ ସ୍କୁଲ „ ୫ ॥

ଭ୍ରମରକୁ ପର    ବାଲେଶ୍ୱର ସଂସ୍କୃତ ସମିତି
ବାଣିଜ୍ୟାଳ, ବେଲ୍ୟବେଡ଼ା ଜାଜ ୫ ॥

---

ଏ ସପ୍ତାହରେ ଏ ନଗରରେ ଅଧିକ ବୃଷ୍ଟି ନାହିଁ ଅତ୍ୟନ୍ତ ଟାଣଷଣ ଏବଂ ଗ୍ରୀଷ୍ମ ଅସହ୍ୟ ହୋଇଥିଲା।

ଗତ ରବିବାର ସୂତାହାଟରେ ଓଡ଼ିଆ ଲୋକରେ ବୁଲିଜଣ ଲୋକ ପଡ଼ିବାର ଶୁଣାଯାଏ। ଜ୍ୱର, ଗାଲ୍ଗୁଅ ଏବଂ ଅତିସାର ରୋଗ କଷ୍ଟ ଦେଉଅଛି।

କଟକହାଇସ୍କୁଲର ଯୋଗିଟେଶିଥିଲା ସ୍ୱେଚ୍ଛ ମଦତ ବନ୍ଦି କରିବା ଅପରାଧରେ ଅଭିଯୁକ୍ତ ୫ ଶ ୧ଟା ଜରିମାନା ନ ଦେଲେ ମା ୨ ସ ବ ଏହିବନ୍ଧ ପାଇଅଛି।

ମାଣିକଘୋଷ ବଜାରର ନ ଭରମହମ୍ମଦଙ୍କୁ ସେହି ବଜାର ମୂଳସ୍ୱାମୀର ହୁକୁମ ଜାମିନ୍ଦାରଙ୍କୁ ପୁଣ୍ୟ ସ୍ୱପ୍ନ ଦେଉଥିଲା। କଷ୍ଟରେ ୫ ୧୦ ୧୧। ଜରିମାନା ହେଲା।

ରେଲଷ୍ଟେସନପାଶ ସଡ଼କରେ ଉଭାଅଣାରେ ଛଡ଼ା ହେବା ଘୋଡ଼ାଗାଡ଼ି ଉପରେ ୫ ୦ / କଲଟୋଲ୍ ଉପରେ ୫ ୦ (୨ ଲେଖାଏଁ ମାସୁଲ ରେଲଇସ୍କାବାସ୍ତ ଅଦାୟ ହେଉଅଛି। ଘରଭଡ଼ାଗାଡ଼ି ଛାଡ଼ ଅଛି। କେଉଁ ନିୟମାନୁସାରେ ମାସୁଲ ଅସୁଲ ହେଉଅଛି ଜଣାଯାଇ ନାହିଁ।

ରେଲଷ୍ଟେସନ ହତା ଭିତରକୁ ବାହାରକୁ ନ ଛାଡ଼ିବାରୁ ଲୋକଙ୍କର ବଡ଼ କଷ୍ଟ ହେଉଅଛି ଏବଂ ରେଲଇସ୍କାବାସ୍ତ ଅନୁମତ ପାଇଥିବା ସ୍ୱତ୍ୱମାନେ ଇଚ୍ଛାମତେ ମୂଲ ନେଉଅଛନ୍ତି।

ମିରଜାପୁର ଜିଲ୍ଲାର ଜଣେ ମୁସଲମାନ ଗତ ସୋମବାର ଅଦାଲତ କଟେରିରେ ଏକଜଣର ପକେଟରୁ ଟଙ୍କା ନେଇଥିଲା। ତତ୍କ୍ଷଣାତ୍ ଧରାପଡ଼ି ଚାଲାନ ହୋଇ ବିଚାରାଧୀନରେ ଅଛି।

ପିତ୍ତ ଜନ୍ମକରି ତର୍ଣ୍ଣ ଉପି ମାରିବାଇବା ଅଭିଯୋଗରେ ଦୁଇଜଣ ସ୍ତ୍ରୀ ଚାଲାନ ହୋଇ ବିଚାରାଧୀନରେ ରହିଛନ୍ତି।

ଭୂଇଁସୁରର ଜଣେ ଅତ୍ୟନ୍ତ ଗରିବ ସ୍ତ୍ରୀ ସଙ୍ଗ ଗ୍ରାମ୍ୟ ଏକପାଖ ଓଡ଼ିଆର ଲୁଣମାଡ଼ କାଟାଇ କରି ପୁଲିସ ସ୍ୱପ୍ନ ଦେବାରେ ୫ ୨୦ ଜରିମାନା ଓ ନ ଦେଲେ ବ ୪ ହ ଜେଲ ଦଣ୍ଡ ହେଲା। ଗରିବମାନଙ୍କ ୧ପରି ସାମାନ୍ୟ ଦୋଷ ଧରିବା ଉଚିତ କି?

ପାଶ୍ଚାତ୍ୟ କୋଆଟେରମାନଙ୍କ ମଧ୍ୟରେ ସ୍ୱୀୟ ଜଗତରେ ଏକକୋଟି ୭୦ ଲକ୍ଷ ଧୂମକେତୁ ଅଛି।

ମଠହାବିର ସେମ୍ବଜଳ ଏକଜଣ ଅଶାମୀ ପ୍ରଭୃ ଦ୍ରବ୍ୟ ଏବଂ ଅର୍ଦ୍ଧ ଷ୍ଟୋର ଅପରାଧ ନିମନ୍ତେ ବ ୩୧ ଓ ନ ଏବଦଣ୍ଡ ଦେଖାଇ କରିଅଛନ୍ତି। ଅଶାମୀ ଏଥେ ଭାଜ ବହିନେ ରକ୍ଷା।

ଶ୍ରୀ ୧୮ ବର୍ଷରୁ ଊଣା ବୟସର ପିଲାମାନେ ଧୂଆଁ ଖାଇଲେ ସେମାନଙ୍କୁ ଦଣ୍ଡ ଦେବା କାରଣ ଜାପାନର ବ୍ୟବସ୍ଥାପକ ସଭାରେ ଗୋଟିଏ ଅଇନର ପାଣ୍ଡୁଲିପି ଉପସ୍ଥିତ ହୋଇଅଛି। ଅଲବାନ ଏଠା ପଣ୍ଡିତମାନଙ୍କର ଚିନ୍ତା ହେଉଛି ବାସ୍ତୁ ଦେଶ ବେପର ଅଇନ ହେବା ଉଚିତ ବୋଲି ମନେ କରୁଥିଲେ।

ଶ୍ରୀ ଅମେରିକାରେ ଅଇନ ହୋଇଅଛି ସେ ସ୍କୁଲର ଏବଂ ଷ୍ଟେସନ ସ୍କୁଲ ଓ ସୁବର୍ଣ୍ଣ ରିଲ୍ ଅଧିକ କେହି ବନ୍ଦାହ କର

ପାଇବେ ନାହିଁ। ବବ ହ ରେଳଷ୍ଟେସନ ବେଳେ ତାକୁରର ସାହିଁପିରେ ରେଳଷ୍ଟେସନ ଦେବ।

ମୁରଶିଦାବାଦ ରେଶମ ସମ୍ବାଦରେ ଛଇବାଳ ଦ୍ରବ୍ୟ ଯାଇଥିବା ମହାପ୍ରଦର୍ଶନୀରେ ଯେତେ ପ୍ରକାର ରେଶମ ପ୍ରଦର୍ଶିତ ହୋଇଥିଲା ତହିଁ ଭିତରେ ବଙ୍ଗଳା ଶିଳ୍ପବାଣିଜ୍ୟ ରେଶମ ସବୋତ୍କୃଷ୍ଟ ହେବାରୁ ସର୍ବୋଚ୍ଚ ସ୍ୱର୍ଣ୍ଣପଦକ ପୁରସ୍କାର ପାଇଛି ବଡ଼ ଆନନ୍ଦର ବିଷୟ ଅଟେ।

ଗତ ବୃଷ୍ଟିରେ ଅଷ୍ଟାନୁଷ୍ଟେଶର ଗୋଟିଏ ଜଣେର ସହସ୍ର ମରା ମୃତ୍ତିକା ଖସି ଆସିବାର ଦେଖି ଟେଲିଗ୍ରାଫ ଅନୁମାନ କରନ୍ତି କି ଯେଉଁ ପର୍ବତ କା ଜଙ୍ଗଲବାଟେ ଜଣା ନାହିଁ ଅଛି ସେଠାରେ ପେଲେ ନ ହେବା ହୋଇଥିବ।

ଦ୍ୱାରବଙ୍ଗର ମହାରାଜ ଭାରତ ଧର୍ମମଣ୍ଡଳ ନାମକ ସଭାକୁ ୧୪ ଲକ୍ଷ ଟଙ୍କା ଦାନ କରିଥିଲେ। ଉକ୍ତ ସଭାର ଗତ ବର୍ଷୀ ଅଧିବେଶନରେ ମହାରାଜା ସଭାପତି ହୋଇଥିଲେ।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ।

---

ପରମମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହୋଦୟ ସମୀପେଷୁ।

ମହାଶୟ?

ଅନୁଗ୍ରହ ପୂର୍ବକ ନିମ୍ନୋଲ୍ଲିଖିତ ବିଷୟଟିକୁ ଭବଦୀୟଙ୍କ ଜଗଦ୍ ବନ୍ଦନୀୟ ପତ୍ରିକା ଉତ୍କଳ ଦୀପିକାରେ ପ୍ରକାଶ କରି ଚିରବାଧିତ କରିବା ହେବେ। ବିଷୟ ଏହି ଯେ ଗତ ଶ୍ରୀ ରାଧାଷ୍ଟମୀ ଦିନଠାରୁ ଯଥାକ୍ରମେ ଦ ୮ ଦ ପର୍ଯ୍ୟନ୍ତ ଅଠଗଡ଼ ନିଜ ଦୁର୍ଗସ୍ଥ ନୂତନ ପ୍ରତିଷ୍ଠିତ ଶ୍ରୀ ରାଧାଗୋବିନ୍ଦଙ୍କ ମନ୍ଦିରରେ ନୂତନ ଗାମ୍ଭୀର୍ଯ୍ୟ ମତେ ମହୋତ୍ସବ ଯାତ୍ରା ଯାହା କି ତତ୍ରସ୍ଥ ଶ୍ରୀଯୁକ୍ତ ରାଜାଙ୍କ କର୍ତ୍ତୃକ ହେଉଥିବାର ଦେଖିଲି ତାହା ଗୁଣାନୁକରଣୀୟ କହିଲେ ଅତ୍ୟୁକ୍ତି ନୁହେଁ। ପ୍ରାର୍ଥନା କରୁଅଛି ଯେ ସାଧାରଣ ପାଠକମାନେ ନିମ୍ନ ପ୍ରକାଶିତ ବିଷୟଟିକୁ କଳ୍ପନାପ୍ରସୂତ ଘଟଣା ଜ୍ଞାନ ନ କରି ତାହା ପ୍ରକୃତ ଜ୍ଞାନ କଲେ ଲେଖିବାର ଶ୍ରମ ସାର୍ଥ ହେବ। ଶ୍ରୀଯୁକ୍ତ ଶ୍ରୀ ରାଜା ବିଶ୍ୱନାଥ ଦେବ ବର୍ମା। ବ। ଅଷ୍ଟାଦୁର୍ଦ୍ଧାଧିପତିଙ୍କ ରାଜତ୍ୱ ଅଳ୍ପ ସମୟ ହୋଇଥିଲେ ହେଁ ତହିଁ ମଧ୍ୟରେ ଶ୍ରୀ ରାଧାଗୋବିନ୍ଦଙ୍କ ଶ୍ରୀମୂର୍ତ୍ତି ସ୍ଥାପିତ କରିବା ଓ ତାଙ୍କର ବୃହତ୍ ମନ୍ଦିର ନିର୍ମାଣ କରାଇବା ଅତୀବ କୀର୍ତ୍ତିମୟ ଘଟଣା ଅଟେ। ଉକ୍ତ ମନ୍ଦିରରେ ଏକ ବୃହତ୍ କୁଞ୍ଜ ଦୁଇ ପରସ୍ତରେ ନିର୍ମାଣ ହୋଇଅଛି। ଅଗ ପରସ୍ତର କୁଞ୍ଜ ନିମ୍ନରୁ ଊର୍ଦ୍ଧ୍ୱ ଶେଷଭାଗ ପର୍ଯ୍ୟନ୍ତ ତାହା ମଧ୍ୟରେ ସ୍ଥାନେ ସ୍ଥାନେ ଋଷିମାନେ ତପସ୍ୟା କରୁଥିବା ଏବଂ ପକ୍ଷୀମାନେ ଭ୍ରମର ଓ ପକ୍ଷୀ ପଡ଼ାଉଥିବାର ଦଳ କୁଟୁଣୀ

ହୋଇ ତାହା ସର୍ବଦା ଶୋଭିତ ହେଉଥିଲେ। ଶ୍ରୀ ବ୍ୟାଘ୍ରାଦି ରୂପ ଏବଂ ଅସୀମ ଶ୍ରୀ ରାଧାକୃଷ୍ଣଙ୍କର ପ୍ରତିମୂର୍ତ୍ତିଦ୍ୱାରା ଉକ୍ତ କୁଞ୍ଜଟି ମଣ୍ଡିତ ହୋଇ ଅଛି। ପୁଣି ତହିଁରେ ସ୍ଥାନେ ସ୍ଥାନେ ନାନାଇଙ୍ଗ ହାତ କର୍ମିତ ମେହେଶ୍ୱର ମଧ୍ୟରେ ଏବଂ ଦ୍ୱୀପମାନଙ୍କ ମଧ୍ୟରେ ଅସୀମ ଅଙ୍ଗୋଳ କୁଟୁଥିବା ଇତ୍ୟାଦି ଉକ୍ତ କୁଞ୍ଜର ବିଶେଷ ବିବରଣକୁ ବର୍ଣ୍ଣନା କରିବା ବାହୁଲ୍ୟ ଅଟେ। ସୁନ୍ଦର ରୂପୁଲି ଜରଜାମ ଓ କୋଲପାଲ ଜାମ ଠିକ ବନାରସୀ ଜାମ ପରି ଝକମକ ହୋଇ ସେହି କୁଞ୍ଜରେ ରଞ୍ଜିତ ହୋଇ ଥିଲା। ଉପର ପରସ୍ତର କୁଞ୍ଜଟି ପୃଥକ ହୋଇଥିଲେ ମଧ୍ୟ ସର୍ବସ୍ୱତା ଗୋଟିଏ କୁଞ୍ଜ ପରି ଦେଖା ଯାଉଥିଲା। ଉକ୍ତ ପରସ୍ତରେ କର ଜାମରୁ ବାଲଗରମାନେ ଅସାଧାରଣ ପରିଶ୍ରମରେ ପ୍ରସ୍ତୁତ କରି ଦେଇ ଅଛନ୍ତି। ତହିଁ ମଧ୍ୟରେ ଶ୍ରୀ ରାଧାଗୋବିନ୍ଦଙ୍କ ଶ୍ରୀମୂର୍ତ୍ତି ବିରାଜମାନ ହୋଇଥାନ୍ତି ବିଶେଷ ମଣି ମୁକ୍ତା ଜଡ଼ିତ ସ୍ୱର୍ଣ୍ଣାଦି ଅଳଙ୍କାରରେ ଏବଂ ପୁଷ୍ପଦ୍ୱାରା ମୂର୍ତ୍ତି ଦ୍ୱୟ ଯେପରି ବେଶ ଭୂଷିତ ହୋଇଥିଲେ ଦେଖଣାହାରିଙ୍କୁ ଧନ୍ୟବାଦ ଦେବାର ଉଚିତ ଅଟେ। ଅଳଙ୍କାର ବ୍ୟତୀତ କେବଳ କୁଞ୍ଜରେ କାରିଗରମାନଙ୍କ ଦରମା ସହିତ ୩୦ ହଜାର ଟଙ୍କା ଅଟକଳରେ ଖରଚ ହୋଇଥିବାର ଅନୁମାନ ହେଉଅଛି। ଉପରେ ମନୁଷ୍ୟ ଉଚ୍ଚ ଅସ୍ତ୍ରକାଶ ଭାବେ ଯେତେବେଳେ ଏହି ସ୍ଥାନକୁ ଗମନ କରେ ତେତେବେଳେ ସମସ୍ତ କୁଞ୍ଜଟି ଆନ୍ଦୋଳିତ ହୋଇଥିବାରୁ ତାହା ଝୁଲିବାରେ ଯଥା ସ୍ଥାନେ ଯେତେ ଦଳ କୁଟୁଣୀଦ୍ୱାରା ପ୍ରତିମାର୍ଦ୍ଦ ହୋଇଥିଲେ ସେମାନେ ନିଜେ ମନୁଷ୍ୟ ବ୍ୟବହାର ଜଳ ପ୍ରାୟ କୃତକାର୍ଯ୍ୟ କରୁଥିଲେ। ପକ୍ଷୀମାନେ ନୃତ୍ୟ କରିବା କୃଷ୍ଣଙ୍କ ବଂଶୀ ଧ୍ୱନି ହେବା ଅପର ବଡ଼ ବଡ଼ ପ୍ରତିମାମାନେ ଭ୍ରମର ପଙ୍କା ପକାଇବା ହଂସ ଇତ୍ୟାଦି ପକ୍ଷୀମାନେ କ୍ରୀଡ଼ା କରିବା ଶୁକ ଶାରୀମାନେ ସ୍ତୁତି ଗାନ କରି ରାଧେ ରାଧେ ଉଚ୍ଚାରଣ କରିବା ଓ ବ୍ରାହ୍ମଣ ପ୍ରତିମାମାନେ ପ୍ରଭୁଙ୍କ ପାଦପଦ୍ମକୁ ପୁଷ୍ପାଞ୍ଜଳି ନିକ୍ଷେପ କରିବା ବଡ଼ ବଡ଼ ଋଷିପ୍ରତିମାମାନେ ତପସ୍ୟା କରି ଝୁଲୁଥିବା ଇତ୍ୟାଦି ଦେଖି ସବୁ ଲଗିବା ସଙ୍ଗେ କୁଞ୍ଜଟି ଆପାଦ ମସ୍ତକ ଝୁଲିବା ବେଳେ ଯେ ଶୋଭା ଯାହାଙ୍କ ପାଇଥିଲା ତାହା ମୁଁ ସାମାନ୍ୟ ବୁଦ୍ଧିରେ କଣ ବର୍ଣ୍ଣନା କରିବି। ଶ୍ରୀ ରାଜା ମହୋଦୟ ସ୍ୱୟଂ କରଜୋଡ଼ କରି ନିଜର

Digitized by srujanika@gmail.com

Split by PDF Splitter



ଅସମ୍ଭାବ୍ୟ ଗଣକଦ୍ୱୟଙ୍କ ମଙ୍ଗଳସ ହଉଥାନ୍ତି ଗୋଷ୍ଠିପତିଙ୍କ ଓ ବେଶ୍ୟା ନାଚ ଅଭିନୟଗୀତ ହୋଇଥିଲା ଆଉ ଫଳ ଚନ୍ଦନ ଅତର ପାନ ଇତ୍ୟାଦି ମାନ୍ୟ ସମସ୍ତ ଭଦ୍ର ବ୍ୟକ୍ତିମାନଙ୍କ କଣ୍ଠରେ ହେଉଥିଲା ଶ୍ରୀରାଜା ମହୋଦୟଙ୍କ ନିଜର ହସ୍ତରେ ଗୁଞ୍ଜରୀତ ସବୁ ହସ୍ତ ପଣ୍ଡିତ ବ୍ରାହ୍ମଣମାନେ ଐକ୍ୟତା ଭାବେ ସେପରି ଗାୟନ କରୁଥିଲେ ତାହା ଶୁଣି କର୍ଣ୍ଣ ତୃପ୍ତ ହେଉଥିଲା । ତାହାଙ୍କର ଦୃଶ୍ୟ ନୃତ୍ୟ ମନୋହର ଅତି ଉତ୍ତମ ରୂପେ ହୋଇଅଛି ଏହିପରି ଶ୍ରୀ ରାଜା ବୈଦ୍ୟନାଥ ଦେବ ବର୍ମା କେନ୍ଦ୍ରର ଈଶ୍ୱର ଭକ୍ତି ଓ ରାଧାକୃଷ୍ଣଙ୍କ ସମ୍ପର୍କେ ପ୍ରେମୀ ଅଟନ୍ତି ତାହାଙ୍କ ଭକ୍ତିମାନ୍ ପୁରୁଷମାନେ ବୁଝି ପାରିବେ ପରମ ପିତା ପରମେଶ୍ୱରଙ୍କୁ ଏହି ପ୍ରାର୍ଥନା ଯେ ଉକ୍ତ ଶ୍ରୀ ରାଜା ମହୋଦୟ ଦୀର୍ଘଜୀବୀ ହେଉନ୍ତୁ ଏବଂ ଶ୍ରୀ ରାଧାଗୋବିନ୍ଦଙ୍କର ଯାତ୍ରା ଉତ୍ତରୋତ୍ତର ବୃଦ୍ଧି ହେଉଥାଉ । ଅଲମତି ବିସ୍ତରେଣ ।

ତା ୧୦।୯।୧୯୦୦ — ବଶମ୍ବଦ
ଜଣେ କେଉଁଝରର ଦର୍ଶକ
ଶ୍ରୀ ଚକ୍ରମଣି ମହାନ୍ତି
କାରପରଦାଜ ଶ୍ରୀ ରାଜା
। ଶ୍ରୀ ବଳରାମପୁର

### ମୂଲ୍ୟ ପ୍ରାପ୍ତି ।

ଲେଭରେଣ୍ଡ ଜ, ଏଚ, ଯ୍ଲାକବର କାଲେଣ୍ଡର ଟ ୩ ୧
ଶ୍ରୀ ବାବୁ ଗୌରଚନ୍ଦ୍ର ସେନ ଅନୁଗୁଳ ଟ ୫ ୧
„ ମଣିକ ରାୟ ଓ ମାନସିଂହ ରାୟ କଟକ ଟ ୧ ୧
„ ନାରାୟଣପ୍ରସାଦ ଦାସ କଟକ ଟ ୨ ୧
ଶ୍ରୀଯୁକ୍ତ ରାଜା ।୨ । ପାଲଲହଡ଼ା ଟ ୩ ୧
ଶ୍ରୀ ବାବୁ ହରିହର ଜନ ହେଡ ସେକ୍ରେଟରି ସ୍କୁଲ
ବଜାମାଲ ଟ ୧ ୧
„ କୃଷ୍ଣ ସାହୁ କେଶପୁର ଦଳଗୋପା ଟ ୩ ୧
„ ଦେଶେନ୍ଦ୍ରକରଣ ମହାନ୍ତି ଧର୍ମଶାଳା ଟ ୧ ୧
„ ଦିବାକର ସାହୁ ଅନୁଗୁଳ ଟ ୧ ୪
„ ଦର୍ଶନ ମହାପାତ୍ର ଜମିଦାର ଖଲ୍ଲିକୋଟ
ହୋରଲ ଟ ୩ ୧
„ ଈଶ୍ୱରଚନ୍ଦ୍ର ବସୁ ବ, ଲ, କଟକ କୋର୍ଟ ଟ ୩ ୧
„ ସମଜଙ୍କୁ ଧାମଲ ଜମିଦାର । ଗ୍ରା । ଖଡ଼ିପ୍ତ ଟ ୩ ୧
„ ବାସୁଦେବ ମହାପାତ୍ର ମୋହନଭ ସ୍ତ ଟ ୪ ୪
„ ନନ୍ଦନଙ୍କ ହର ଯୋଗେଶ୍ୱ ଟ ୩ ୧
„ ରାସବିହାରୀ ମହାନ୍ତି ଖୋର୍ଦ୍ଧା ଟ ୩ ୧
ମୁନ୍ସି ସେଖ ହେଦାୟେତୁଲ ଧର୍ମଶାଳା ଟ ୨ ୧
ମହନ୍ତ ଗୋପାଳଚରଣ ଦାସ ଗୃହ ଗଞ୍ଜପଡ଼ା ମଠ
ଅନ ଟ ୩ ୧
ବାବୁ ରାଧୁଚରଣ ସାହୁ କଟକ ଟ ୧ ୧

## ବିଜ୍ଞାପନ ।

## NOTICE

Wanted a 2nd teacher for the Asureswar Middle English Board's School on a salary of Rs. 10 a month. Preference will be given to those who have experience in teaching English in the lower classes of middle schools. Applications with testimonials will be submitted to the undersigned up to the 20th instant.

Cuttack District Board office 6—9—1900. — J. C. CHUNDER, *Vice Chairman.*

## ବିଜ୍ଞାପନ ।

ଉଚ୍ଚପ୍ରାଇମେରି ଛାତ୍ରମାନଙ୍କର ଏକାନ୍ତ ପାଠୋପଯୋଗୀ ସୁଲଭ ମୂଲ୍ୟର

## ଜ୍ୟାମିତି କଳିକା ।

ଏହା ୬୬ଟି ପ୍ରତିଜ୍ଞାରେ ସମ୍ପୂର୍ଣ୍ଣ । ଏହାର ସରଳ, ସୁବୋଧ୍ୟ, ଓ ସୁକୌଶଳ ଦୃଷ୍ଟି ପୁସ୍ତକ ଅକ୍ଷରାବ ମୁଦ୍ରିତ ହୋଇ ନ ଥିଲା ।

### ମୂଲ୍ୟ ତିନିଅଣା ମାତ୍ର ।

କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ

ତାଲଚେର
କଟକ — ଶ୍ରୀ ଶଶିଭୂଷଣ ରାୟ ।

## NOTICE.

Wanted a Head Clerk for this office temporarily for 3 months on a salary of Rs. 25 per mensem. There is every hope of the post being permanently filled up as the permanent incumbent goes to Dasspalla as the Head clerk of the Raj office there and has every reason to stick to his new post. The Head clerk of this office remains in charge of the post office here and gets an extra remuneration of Rs. 5 per mensem. This is an advantage which will be enjoyed by the new Head clerk if he can furnish security up to Rs 300

None need apply who are not under-graduates and have no thorough official training in clerical business. Applications with testimonials will be received by the undersigned up to the 30th current.

Pal Lahara, Manager's office, Dated the 11th September 1900 — BHAIRABANY BISWAL, *Manager*

## NOTICE.

TENDERS are hereby invited for the construction of a Visitors' Room at the Garh on the Madhupur Wards' Estate, Cuttack District, at an approximate cost of Rs. 6500.

Intending tenderers can obtain all information from the District Engineer's Office, Collectorate, Cuttack, where plan, quantities, estimate, &c., can be seen during office hours.

Tenders will be on District Board's Form No. 2—"Collector of Cuttack" being substituted for "District Board." These forms will be supplied free of charge on application.

Tenders to be submitted to the District Engineer before the 25th October 1900 in sealed covers superscribed, "Tender for Visitors Room, Madhupur Garh."

Rs. 200 in currency notes must accompany each tender.

The General Specification of Works, Orissa Circle, will be in force.

The Collector of Cuttack does not bind himself to accept the lowest or any tender.

Date of commencement of work, November 1900.

Date for completion, 15th June 1901

CUTTACK DISTRICT ENGINEER'S OFFICE, Dated 9th September 1900. — Sd. LOUIS E. DESGRATOULET, *District Engineer Cuttack.*

## ବିଜ୍ଞାପନ ।

## ଯାଦୁକରୀ ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଡବା ଟ ୦ ।୵ ଓ ଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଗୃଡ଼-ଅଣା ମାତ୍ର ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ବିହୀନ ଅଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ, ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥେ ନାଲିବେ ସୁସ୍ପଷ୍ଟରୂପେ ଗ୍ରାମ, ଥାନା, ଡାକଘର, ଜିଲ୍ଲା ଏବଂ କାହାର ନାମରେ ଡବା ଔଷଧ ଆବଶ୍ୟକ ତା ଲେଖିଲେ ଔଷଧ ପଠାଇବାରେ କାଳ ବିଳମ୍ବ ହେବ ନାହିଁ ।

ପ୍ରାପ୍ତିସ୍ଥାନ
ଶ୍ରୀ ରାମତାରକ ସେନ
ଦେଶ ଉତ୍କଳ ପ୍ରେସ, ବାଲେଶ୍ୱର

Digitized by srujanika@gmail.com

Split by PDF Splitter



## NOTICE.

Tenders are hereby invited for the supply of the undermentioned materials at site of Palace at Ganja, near Chandbali, on the Kanika ward's Estate, Cuttack District.

Intending Tenderers can obtain all information from the District Engineer's office, Collectorate, Cuttack or from the estate sub-overseer at Ganja.

Tenders will be on District Board's Form No. 2 "Collector of Cuttack" being substituted for "District Board."

These forms will be supplied free of charge, on application.

Tenders to be submitted to the District Engineer before the 25th October 1900 in sealed covers superscribed "Tender for Ganja Palace materials."

Rs. 400 in currency notes must accompany each tender.

The general specification of works Orissa Circle, will be in force.

The Collector of Cuttack does not bind himself to accept the lowest or any tender.

| Quantities. | Description of work. | Rate estimated. | Date for commencement of work. | Date for completion. |
|---|---|---|---|---|
| 16,00,000 No. | 1st Class Bricks. | Rs. 10 per 1000. | November, 1900. | 20th March 1901. |
| 1,60,000 No. | 2nd Class Do. | Rs. 5 per 1000. | | |
| 17000 c. ft. | Ghooting (clean) for lime burning | Rs. 22 per 100. | | |

Further large quantities of materials will be wanted in the next official year 1901-1902.

Cuttack District Engineer's Office, Dated 25th August 1900.

Sd, Louis E, Desgratoulet,
District Engineer, Cuttack.

## ବିଜ୍ଞାପନ ।

ଅଛି କଣ୍ଠରେ ଇଂରାଜୀ ଟୀକା ଦେବା ସହାୟେ ଦଶଜଣ ଲାଇସେନ୍‌ସ ଭେକସିନେଟର ଓ ସେମାନଙ୍କ କାର୍ଯ୍ୟ ତତ୍ତ୍ୱାବଧାରଣ କରିବା କାରଣ ଏକଜଣ ହେଡ଼ ଭେକସିନେଟର ମାସିକ ଟ ୭ ୧ ଙ୍କା ବେତନ ଓ ୨ ୧ ଙ୍କା ଗସ୍ତ ଖର୍ଚ୍ଚରେ ଆବଶ୍ୟକ । ଯେଉଁମାନେ ଉକ୍ତ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବେ ସେମାନେ ଅଯଶାନ୍ତ ପ୍ରଶଂସା ପତ୍ର ସହିତ ଚଳିତ ମାସ ତା ୨୦ ଖ ମଧ୍ୟରେ ଆବେଦନ କରିବେ ।

Manager's office Talcher Dated the 4th September 1900

D. Patnaik
*Manager*

## ବିଜ୍ଞାପନ ।

### ନୂତନ ପୁସ୍ତକ ।

ଶ୍ରୀରାମଶଙ୍କର ରାୟଙ୍କ କୃତ

## ବିଚମୋହନ ।

### ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଛ ଅଣା ମାତ୍ର ।

## ବିଜ୍ଞାପନ ।

### ନୂତନ ପୁସ୍ତକ ।

ଗଣିତ ପ୍ରଶ୍ନ ସମାଧାନ ।

ଏଥିରେ ନୂତନ ଧାରାରେ ପ୍ରଶ୍ନ ସନ୍ନିବେଶ୍ଚ କରାଯାଇଅଛି, ନିମ୍ନ ପ୍ରାଇମେରୀଠାରୁ ଭର୍ଣ୍ଣାକ୍ୟୁଲର ପର୍ଯ୍ୟନ୍ତ ସକଳ ଶ୍ରେଣୀସ୍ଥ ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପ୍ରୟୋଜନୀୟ, ମୂଲ୍ୟ ଟ °।

ପଣ୍ଡିତ ଶ୍ରୀ ଶ୍ରୀନିବାସ ଅଭ୍ୟର୍ଥୀଙ୍କ କୃତ ।

## ଶ୍ରୀ ଶ୍ରୀନିବାସ ଦୀପିକା ।

( ଜ୍ୟୋତିଷ ଶାସ୍ତ୍ର ମୂଳଗ୍ରନ୍ଥ )

ଶ୍ରୀ ଭୁବନେଶ୍ୱର ବଳଭଦ୍ରଙ୍କ କୃତ

ନାନା ଛନ୍ଦବନ୍ଧରେ ଅର୍ଥ ରଚିତ ।

ମୂଲ୍ୟ ଟ ० ।୰

ଅଧ୍ୟାତ୍ମରାମାୟଣ (ହଳଧରପଟ୍ଟନାୟକକୃତ ) ଟ୨୧
ରତ୍ନାଭରଣ ଟ°/

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ଲୋୟର ପ୍ରାଇମେରୀ, ଅପର ପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କ ପ୍ରତି ପରିମାଣରେ କମିଶନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ।

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାରକୁ ଟ ୧୬୷ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୷ |
| ୨ ସଭା ପର୍ବ | ଟ ୨୷ |
| ୩ ବନ୍ଦୀ ପର୍ବ | ଟ ୨୷ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୰ |
| ୧୦ ଶଲ୍ୟ ପର୍ବ | ଟ ୦ ॥ |
| ୧୧ ଗଦା ପର୍ବ | ଟ ୦। |
| ୧୨ ସୌପ୍ତିକ ବା ଐଷିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ० ॥ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ०୷ |
| ୧୭ ମୂଷଳୀ ପର୍ବ | ଟ ०।୰ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ०। |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

## ବିଜ୍ଞାପନ ।

ସଙ୍ଗୀତ ଲହରୀ ବା ନୂଆ ସଙ୍ଗୀତ ପୁସ୍ତକ ।

ଏପରି ପୁସ୍ତକ ଆଉ କେବେ ଓଡ଼ିଆ ଅକ୍ଷରରେ ଛପା ହୋଇ ନ ଥିଲା ।

ମୂଲ୍ୟ ଟ ० । ଗୁରୁଅଣା ମାତ୍ର ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ

ସୁପ୍ରସିଦ୍ଧ ଡାକ୍ତର ଏମ୍, ଏ, ପାଲଙ୍କର
ଜଗତ୍ ବିଖ୍ୟାତ ପାଞ୍ଚ ସହାରକ ଓ କ୍ଷତ,
ଚର୍ମ୍ମ ରୋଗ ନାଶକ,

### ଚର୍ମ୍ମେଶ୍ୱର-ତୈଳ ।

ସମଗ୍ର ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, ତେବେ ବ୍ୟବହାର କରନ୍ତୁ, ଏପରି ଜଟିଳ ଓ କୁତ୍ସିତ ରୋଗ-ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଶାନ୍ତସ୍ଥ ଓ ଅନ୍ତରସ୍ଥ ପାଞ୍ଚ, ପାଞ୍ଚର ଘା, ଗାଣ୍ଡ ଘଟା, ଖଜି ଓ ଶୋଲସ ଉଠା, ଗାଇଦାଦ, ବେଦନା ଓ ବାତ ଏବଂ ସର୍ବପ୍ରକାର କ୍ଷତ ଓ ଉପଦଂଶ ବିଷ ଏବଂ କ୍ଷତଆଦ ରୋଗ ସମୂଳେ ଉନ୍ମୂଳକାରକ ଓ ଦେହ ମହ୍ଣ ଉଜ୍ଜ୍ୱଳ କାନ୍ତି ପ୍ରଦାୟକ । ମୂଲ୍ୟ ଛୋଟ ଶିଶି ଟ ୧। ଡାକମାସୁଲ ଟ ୦ ।୵୶ ବଡ଼ଶିଶି ଟ ୬୯ ମାସୁଲ ଟ ୧୵୶

ସର୍ବପ୍ରକାର ଜଟିଳ ରୋଗ ନାଶକ ।

### ଚକ୍ରପାଣି-ସାଲସା ।

ଏହାର ଗୁଣର ବିଷୟ ଅଧିକ କ କହିବା ଡାକ୍ତରଆଦ ଚିକିତ୍ସକଗଣ, ରୋଗ ବିଶେଷରେ ଏହି ମହୌଷଧ ପ୍ରେସ୍କ୍ରିପ୍ସନରେ ବ୍ୟବସ୍ଥା କରୁଅଛନ୍ତି । ଏହା ଦେଶୀ ମତ ଉଦ୍ଭିଦରେ ପ୍ରସ୍ତୁତ, ସେବନର କଷ୍ଟ ଧରା ନିୟମ ପାଳନ କରିବାକୁ ହୁଏ ନାହିଁ, ଅଥଚ ଅନ୍ୟ କେଉଁରକମ ସାଲସା ଅପେକ୍ଷା ଶୀଘ୍ର ଫଳଦାୟକ ଏବଂ ସର୍ବପ୍ରକାର ଜଟିଳ ଓ ପୁରାତନ ରୋଗର ଧନ୍ୱନ୍ତରୀ ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁକ୍ଷୀଣ, ଅମ୍ଳ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ବାତ, ସ୍ନାୟୁବିକ ଦୁର୍ବଳତା, ସ୍ତ୍ରୀଲୋକର ବାଧକ, ପ୍ରଦର ରଜଃଦୋଷ, ବନ୍ଧ୍ୟା, ମୃତବତ୍ସା ଦୋଷ ଆଦ ସମୂଳରେ ଉନ୍ମୂଳକାରକ ଓ ଦୂଷିତ ରକ୍ତ ପରିଷ୍କାରକ । ମୂଲ୍ୟ ଏକ ଶିଶି ଟ ୧। ମାସୁଲ ଟ ୦।୵୶ ଦୁଇଶିଶି ଟ ୬। ମାସୁଲ ଟ ୧୵୶ ତିନଶିଶି ଟ ୩। ମାସୁଲ ଟ୧।୵୶, ୧୬ ଶିଶି ଟ୧୬୯ ମାସୁଲ ଟ୨।୵୶

### ଉକଟ ଦମା ଓ କାସ

ରୋଗର ମହୌଷଧ ।

ଏହା ସେବନ କଲେ ସକଳପ୍ରକାର କାସ, ଦମାକାସ, ଯକ୍ଷ୍ମାକାସ, ରକ୍ତଉଠା କାସ, ଶୁଷ୍କକାସ, ଜୀର୍ଣ୍ଣକାସ, ଓ ନବଧ ଉପସର୍ଗ ଯୁକ୍ତ କାସ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ତଦ୍ଭିନ୍ନ ହୃଦୟରେ ଶ୍ଳେଷ୍ମାବନ୍ଧ, ଗଳା ସାଇଁ ସାଇଁ ଘଡ଼ଘଡ଼, ସ୍ୱରଭଙ୍ଗ, ବେଦନା ଜ୍ୱର, ମୁଖରେ କଫ, ଅରୁଚି, କୋଷ୍ଠବଦ୍ଧ, ଅମ୍ଳ, ଅଜୀର୍ଣ୍ଣ, ଶୋଥଆଦ ଉପସର୍ଗ ସକଳ ଉପଶମିତ ହୁଏ । ମୂଲ୍ୟ ଛୋଟ କୌଟା ଟ ୧୯ ବଡ଼ କୌଟା ଟ୨୧୵ ମାସୁଲ ଟ ୦।୵୶ । (ଅସଂଖ୍ୟ ପ୍ରଶଂସାପତ୍ର ଛାପିବ ।)

ନ ୧୭ ନମ୍ବର ଦୁର୍ଗାଚରଣ ମିତ୍ରର ଷ୍ଟ୍ରିଟ୍,
ଦାଓ୍ୟୁଡ଼ପଡ଼ା, କଲିକତା ।
ଏମ୍, ଏ, ପାଲଙ୍କ ଔଷଧାଳୟରେ ପ୍ରାପ୍ତବ୍ୟ ।






## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମ୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୂଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରିସାରି ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗୁଲେନ୍ସ; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ହ୍ୱାଇଟ୍ ରୋଜ୍; ବସରା ରୋଜ୍; ବେଣାରେଣୁ; ଲୁମ୍ପଦନୀ; ଚିଣ୍ଡିକୁସୁମ; ଦେବାକୁସୁମ; ପାରିଜାତକୁସୁମ; ଉଦ୍ୟୋଗଶ୍ରୀ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଖନ୍ତୁ ନାହିଁ । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

### ପମେଟମ ।

ଗୋଲାପି ପମେଟମ ଅ୍ଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇଦେଲେ ଗୁଣ୍ଡି ମହକପଡ଼ିବ । ମୂଲ୍ୟ ପ୍ରତି ଶିଶି ଅଠଅଣା ।

### ସରବତ ଅଥବା ସିରପ୍ ।

ଗ୍ରୀଷ୍ମକାଳ ସିବାପେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲିମନ ସିରପ୍ ବାରଅଣା । ଅଙ୍ଗୁର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା। ଗୋଲ୍ଡେନ ସିରପ୍ ଏକଟଙ୍କା।

### ଗୋଲାପଜଳ ।

ପ୍ରତି ଶିଶି ଦେଢଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନସ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମ୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା। | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନସ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ତଳଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ପ୍ରତି | ଟ ୦ ୵୶ |
| ଅଧସ୍ତମ୍ଭକୁ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ସ୍ୱଳ୍ପ ହେଲେ ମଧ୍ୟ ତହିଁର ଖର୍ଚ୍ଚ ଟ ୦। ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ କଟକ ପ୍ରିଣ୍ଟିଂକୋମ୍ପାନିର ଯନ୍ତ୍ରରେ ... ସ୍ୱତ୍ୱାଧିକାରୀଙ୍କ ଆଦେଶରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter



REGISTERED No.

# ଉତ୍କଳ ଦୀପିକା

## ସାପ୍ତାହିକ ସମାଦପତ୍ରିକା

ଖଣ୍ଡ ୪୩ ଶ } ତା ୨୨ ଚୈତ୍ର ମା ୫ ଚୈତ୍ରପୂର୍ବ ରଜ ୧୬୨୬ ସନ୍ତି । ୧୦ । ୮ ତ ଅପ୍ରେଲ ସନ ୧୯୦୮ ସାଲ ଶନିବାର { ଅଗ୍ରୀମ ୫ ୬୯
୧୪ ସଂଖ୍ୟା } { ପଶ୍ଚାଦ୍ଦେୟ ୫୬୯

ବାଲେଶ୍ୱରର ଉତ୍ତର ଯେଉଁ ସ୍ଥାନରେ ରେଲବାଟ ଭଙ୍ଗି ଯାଇଥିଲା ତାହା ମରାମତ ହୋଇଅଛି ଏବଂ କଲିକତାର ଡାକଗାଡ଼ ସକାଳ ସା ୬ ଘଣ୍ଟାବେଳେ ପହଞ୍ଚୁଅଛି। ଦକ୍ଷିଣର ଡାକମଧ୍ୟ ନିୟମିତ ସମୟରେ ଆସୁଅଛି।

---

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ମୋଟାମୋଟି ହେଶାବ କରି ଦେଖିଅଛନ୍ତି ତିବ୍ବତକୁ ଚୀନକୁ ସୈନ୍ୟ ପଠାଇବାର ଅତିରିକ୍ତ ବ୍ୟୟ ୩ କୋଟି ୧୩ ଲକ୍ଷ ଟଙ୍କାରୁ କିଛି ଅଧିକ ହେବ ଏବଂ ଭାରତ ଗବର୍ଣ୍ଣମେଣ୍ଟ ତାହା ପ୍ରଦାନ କରିବେ। ଭାରତର ସୈନିକ ବ୍ୟୟ ଯେ ପର୍ଯ୍ୟାପ୍ତ ଊଣା ହୋଇ ନାହିଁ ସେ ପର୍ଯ୍ୟନ୍ତ ଏପରି ଭାବରେ କଷ୍ଟରୁ ମୁକ୍ତ ହେବା ମଧ୍ୟ ଗ୍ରାହ୍ୟର କଥା ବୋଲିବାକୁ ହେବ।

---

ମାନ୍ଦ୍ରାଜର ଶାସନକର୍ତ୍ତା ସର୍ ଅର୍ଥର ହାଭଲକ ଆଗାମୀ ଡିସେମ୍ବର ମାସରେ ଅବସର ଗ୍ରହଣ କରିବେ। ତାହାଙ୍କ ସ୍ଥାନରେ ଲର୍ଡ ଏମ୍ପଥିଲ ମାନ୍ଦ୍ରାଜର ଗବର୍ଣ୍ଣର ନିଯୁକ୍ତ ହୋଇଅଛନ୍ତି। ତାହାଙ୍କର ବୟସ କେବଳ ୩୮ ବର୍ଷ ଏବଂ ସେ ଭାରତର ମନ୍ତ୍ରୀସମାଜଭୁକ୍ତ ଟେମ୍ପଲ ସାହେବଙ୍କର ପ୍ରାଇଭେଟ ସେକ୍ରେଟରୀ ଥିଲେ। ଏତେ ଅଳ୍ପ ବୟସରେ ଏମନ୍ତ ଉଚ୍ଚପଦ ଲାଭ କରିବାର ଉଦାହରଣ ବିରଳ ଅଟେ।

---

ଗତ ଚୈତ୍ରମାସ ତା ୧୪ ରୁଷରେ ଏଠା ମିଉନିସିପାଲିଟି ଡାକ୍ତରଖାନା କମିଟିର ଯେଉଁ ଅଧିବେଶନ ହୋଇଥିଲା ତହିଁରେ ସ୍ୱର୍ଗୀୟ ହରବଲ୍ଲଭ ବସୁ ବାହାଦୁର ସଭାପତି, ବାବୁ ପ୍ରିୟନାଥ ଚଟ୍ଟୋପାଧ୍ୟାୟ ସହକାରୀ ସଭାପତି ଏବଂ ଡାକ୍ତର ଶଶିଭୂଷଣ ଦେ ସେକ୍ରେଟରୀ ପଦରେ ମନୋନୀତ ହେଲେ। ଡାକ୍ତରଖାନାର ଗୃହଦ୍ୱାର ଓ ପଇଖାନା ନିର୍ମାଣ ଓ ଜଣେ ଧାତ୍ରୀ ନିଯୁକ୍ତ କରିବା କାରଣ ଲଟ୍ ମେଡିକାଲ କଲେଜ ମଧ୍ୟ ପ୍ରଦାନ କରିଥିବାରୁ ତାହା କମିଟୀ ଅନୁମୋଦନ କରି ବ୍ୟୟ ନିର୍ବାହାର୍ଥ ସାଧାରଣ ଚାନ୍ଦା ସଂଗ୍ରହର ପ୍ରସ୍ତାବ କରିଅଛନ୍ତି।

---

ଝଡ଼, ତୋଫାନ ବତ୍ୟା ପ୍ରଭୃତି ପୃଥିବୀର ଅନ୍ୟାନ୍ୟ ସ୍ଥାନଠାରୁ ଆମେରିକାରେ ଅନେକ ଥର ଏବଂ ବଡ଼ ପ୍ରବଳ ହେବାର ଜଣାଯାଏ। ଗତ ତା ୧୧ ରିଖରେ ତାରସମ୍ବାଦରୁ ପ୍ରକାଶ ଯେ ଟେକସାସ ପ୍ରଦେଶର ଗାଲଭେଷ୍ଟନ ନଗରରେ ଏକ ପ୍ରବଳ ବାତ୍ୟା ଅକସ୍ମାତ୍ ଉଦୟ ହୋଇ ୧୦,୦୦୦ ଲୋକର ପ୍ରାଣନାଶ କରିଅଛି ଏବଂ ଅଠଶୋଟା ଧୂଆଁକଳ ଜାହାଜ ବୁଡ଼ାଇ ଦେଇଅଛି। ସମ୍ପତ୍ତି ଯେତେ ନଷ୍ଟ ହୋଇଅଛି ତହିଁର ମୂଲ୍ୟ ୧୦ ଲକ୍ଷ ଟଙ୍କା ହୋଇପାରେ। ଏହା ଦୈବଦଣ୍ଡ ହେଲେହେଁ ଏଭଳି ଘଟଣା ଶୁଣିଲେ ମନରେ ଧୈର୍ଯ୍ୟ ରହିପାରେ ନାହିଁ।

---

ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଅନୁମାନ ୭ ଲକ୍ଷ ଊଣା ହୋଇ ୫୮,୭୯,୭୮୧ ରେ ରହିବାର ଏ ସପ୍ତାହରେ ସମ୍ବାଦ ଆସିଅଛି। ତହିଁମଧ୍ୟରୁ ଏକଲକ୍ଷ କାର୍ଯ୍ୟଦ୍ୱାରା ଏବଂ ଦୁଇଲକ୍ଷ ବିନା ପରିଶ୍ରମରେ ସାହାଯ୍ୟ ପାଉଅଛନ୍ତି। ଦୁର୍ଭିକ୍ଷ ପୀଡ଼ିତ ସକଳ ସ୍ଥାନରେ ସାହାଯ୍ୟ ନେଉଥିବା ବ୍ୟକ୍ତି ଊଣା ପଡ଼ିବାର ଦେଖାଯାଏ ଏବଂ ସୁପାଳଙ୍କ ତହିଁର କାରଣ ଅଟେ। ପ୍ରାୟ ସକଳ ସ୍ଥାନରେ ନିୟମିତ ପରିମାଣ ବୃଷ୍ଟି ହୋଇଅଛି କେବଳ ପଞ୍ଜାବ ଓ ଉତ୍ତରପଶ୍ଚିମ ଏହି ଦୁଇ ପ୍ରଦେଶରେ ବୃଷ୍ଟିର ପରିମାଣ କିଛି ଊଣା ଅଛି ମାତ୍ର ଏ ସପ୍ତାହରେ ସେ ପ୍ରଦେଶମାନଙ୍କରେ ଉତ୍ତମ ବୃଷ୍ଟି ହେବାର ସମ୍ବାଦ ଆସିଅଛି।

---

ଦର୍ପଣର ମୃତ ଜମିଦାର କୁମାର ହରନନ୍ଦନାଥ ପଣ୍ଡିତ ଏକ ଉଇଲ କରି ତହିଁରେ ଆପଣାର ପତ୍ନୀଙ୍କୁ ପୋଷ୍ୟପୁତ୍ର ନେବାର ଅଧିକାର ଦେଇ ଅଛନ୍ତି ଏବଂ ବାବୁ ବନମାଳୀ ପଣ୍ଡିତ, ବାବୁ ରାଜନାରାୟଣ ପଣ୍ଡିତ, ବାବୁ ମଧୁସୂଦନ ଦାସ ଏବଂ ବାବୁ ଶରତଚନ୍ଦ୍ର ମୁଖର୍ଜ୍ୟା ଏହି ୪ ଜଣଙ୍କୁ ଏକଜିକ୍ୟୁଟର ନିଯୁକ୍ତ କରିଅଛନ୍ତି। ବାବୁ

Digitized by srujanika@gmail.com

ମଧୁସୂଦନ ଦାସ ଛଡ଼ା ଆଉ ସମସ୍ତ ଏଡଭୋକେଟ୍‌ର ପ୍ରତୋଷ ନିମନ୍ତେ ନଇ ସାହେବଙ୍କଠାରେ ଦରଖାସ୍ତ ଦେଇଥିଲେ ଓ ବାବୁ ବଙ୍କାଉଲାଲ ପଣ୍ଡିତ ତାହାଙ୍କର ସଫଳ ବିଷୟ ଚେଷ୍ଟା ସ୍ପର୍ଦ୍ଧା କରୁଅଛନ୍ତି । ଏପରି ମଧ୍ୟ ଶୁଣା ଯାଏ ଯେ ଉକ୍ତ ସମ୍ପତ୍ତି ସବୁ କୋର୍ଟ ଅଫ୍ ୱାର୍ଡସଙ୍କ ଅଧୀନରେ ଆଣିବାର ପ୍ରସ୍ତାବ ହୋଇଅଛି । ଶେଷଫଳ ଅଳ୍ପ ଦିନରେ ଜଣାପଡ଼ିବ ।

---

କଲିସାହେବ ଆସାମର ଏକ୍‌ଟିଂ ଚିଫ୍‌କମିଶନର ଥିଲେ ଓ ତାହାଙ୍କ ବିରୁଦ୍ଧରେ କେତେକ କଥା ସମ୍ବାଦପତ୍ରମାନଙ୍କରେ ପ୍ରକାଶ ହୋଇଥିଲା । ସମ୍ପ୍ରତି ତାହାଙ୍କ ପକ୍ଷରୁ ଏଟର୍ଣ୍ଣିପିକ୍‌ସାହେବ କଲିକତାର ବେଙ୍ଗଲି, ଇଣ୍ଡିଆନ୍‌ମିରର ଏବଂ ଅମୃତବଜାର ପତ୍ରିକା ଏହି ତିନି ସମ୍ବାଦପତ୍ର ନାମରେ ମାନହାନିର କ୍ଷତିପୂରଣ ସକାଶେ ନ [illegible] ମ୍ବର ହେବାକୁ ମୋକଦ୍ଦମା ହାଇକୋର୍ଟରେ ଉପସ୍ଥିତ କରିଅଛନ୍ତି । ପ୍ରତ୍ୟେକ ନମ୍ବରର ଦାବି ୫୦,୦୦୦ ଟଙ୍କା ଅଟେ । ନାଲିସ ମଞ୍ଜୁର ହୋଇ ବର୍ଣ୍ଣିତାପତ୍ର ଦାଖଲ ସକାଶେ ତାରିଖ ଧାର୍ଯ୍ୟ ହୋଇଅଛି । ଏ ମୋକଦ୍ଦମା ଯୋଗ କଲିକତାରେ ଅବଶ୍ୟ ଧୁମଧାମ ହେବ । ମାତ୍ର ହାଇକୋର୍ଟର ହେବାକୁ ମୋକଦ୍ଦମା ତୈୟାର ହେବାକୁ ଅନେକ ସମୟ ଲାଗିବ ।

---

କାର୍ତ୍ତିକ ଦୁର୍ଗୋତ୍ସବାଦି ପର୍ବ ଉପଲକ୍ଷରେ ହାଇକୋର୍ଟରୁ ଦେବାନୀ ଅଦାଲତମାନ ମା ୧୮ ଦିନ ବନ୍ଦ ହେବ ଏବଂ ଆସନ୍ତା ଶନିବାରଠାରୁ ଅକ୍ଟୋବର ମାସ ତା ୧୦ ରିଖ ବୁଧବାର ପର୍ଯ୍ୟନ୍ତ ଦ ୧୬ ଦିନ କମିଶନର୍ସ କଲେକ୍ଟର ଏବଂ ଅନ୍ୟାନ୍ୟ ସରକାରୀ ଅଫିସମାନ ବନ୍ଦ ହେବ । ସେହି ଦ ୧୬ ଦିନ କଟକ ଟ୍ରେନିଂସ୍କୁଲ ବିଦ୍ୟାଳୟଙ୍କର ଛାପାଖାନା ବନ୍ଦ ରହିବ । ସୁତରାଂ ସେହି ଅବକାଶ ମଧ୍ୟରେ ଉତ୍କଳ ଦୀପିକା ବାହାରିବ ନାହିଁ । ଅତ ଅସ୍ମେମାନେ ପାଠକମାନଙ୍କଠାରୁ ବିଦାୟ ଗ୍ରହଣ କଲୁଁ । ଅବକାଶାନ୍ତେ ଆଗାମୀ ମାସ ତା ୧୩ ରିଖଠାରୁ ସେମାନଙ୍କ ସେବାରେ ଯଥାନିୟମରୂପେ ଉପସ୍ଥିତ ହେବୁଁ । ଭରସା କରୁଁ କାର୍ତ୍ତିକ ପୂଜୋତ୍ସବ କାଳ ସମସ୍ତେ ଆତ୍ମବନ୍ଧୁଙ୍କ ଆନନ୍ଦରେ ଅତିବାହିତ କରିବେ ।

---

ବାବୁ ଅକ୍ଷୟକୁମାର ଜାମର ଏକ ବ୍ୟକ୍ତି ଇଷ୍ଟଇଣ୍ଡିଆ ରେଲୱେ କମ୍ପାନୀ ନାମରେ ଗୋଡ଼ ଭାଙ୍ଗିଯିବାର କ୍ଷେତିସ୍ଥ ସକାଶେ ୫୨୫,୦୦୦ଙ୍କା ଦାବିରେ କଲିକତାର ହାଇକୋର୍ଟରେ ନାଲିସ କରିଅଛନ୍ତି । ନାଲିସର ବିବରଣ ଏହି ଯେ ଗତ ଡିସେମ୍ବର ମାସ ତା ୨୭ ରିଖ ରାତ୍ରରେ ବାଦୀ ହାଓଡ଼ାକୁ ଆସୁଥିବା ରେଲଗାଡ଼ିରେ ମୋକାମାଘାଟ ଷ୍ଟେସନଠାରେ ଓହ୍ଲାଇବାକୁ ଯିବାବେଳେ ଷ୍ଟେସନର ପ୍ଲାଟଫର୍ମ ଅର୍ଥାତ୍ ପିଣ୍ଡାରେ ପ୍ଲଜିଦା ବସ୍ତୀ ଇତ୍ୟାଦି କେତେକ ମାଲ ପଡ଼ିଥିଲା ଅଥଚ ଆଲୁଅ ନ ଥିଲା । ସେଥିପାଇଁ ସେ ପିଣ୍ଡାତଳକୁ ଖସି ଗାଡ଼ି ଉପରେ ପଡ଼ିଗଲେ ଏବଂ ତାହାଙ୍କର ବାମଗୋଡ଼ର ହାଡ଼ ଭାଙ୍ଗିଗଲା । ରେଲ ହାସପାତାଳରେ ସେ ଏକମାସ ଚିକିତ୍ସାରେ ଥିଲେ ମାତ୍ର ହାଡ଼ ଯୋଡ଼ ଯାଇ ନାହିଁ । ସେ ଏ ଜନ୍ମପଣ ଖୋଟା ହୋଇଗଲେ ।

---

"ମଧ୍ୟପ୍ରଦେଶର ଦୁର୍ଭିକ୍ଷ ସାହାଯ୍ୟ କମିଟିର ଅବୈତନିକ ସେକ୍ରେଟେରି ଅମୃତ ଅଲିଖାନ ବାହାଦୁର" ଏହିପରି ଏକ ବ୍ୟକ୍ତି ଆପଣାର ପରିଚୟ ଦେଇ ଏବଂ ସାହାଯ୍ୟ ସଂଗ୍ରହ ନିମନ୍ତେ କମିଟିଦ୍ୱାରା ବିଲାତକୁ ପ୍ରେରିତ ହୋଇଥିବାର କହି ଲଣ୍ଡନ ନଗରରେ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରିବାର ଚେଷ୍ଟା କରୁଅଛି । ଅନୁସନ୍ଧାନରେ ଜଣାଯାଉଅଛି ଯେ ମଧ୍ୟପ୍ରଦେଶର କମିଟି ସେ ଲୋକକୁ ଆଦୌ ଜାଣନ୍ତି ନାହିଁ ଏବଂ କୌଣସି ଲୋକକୁ ସେମାନଙ୍କର ପ୍ରତିନିଧି ସ୍ୱରୂପ ଇଂଲଣ୍ଡକୁ ପଠାଇ ନାହାନ୍ତି । ଏଥିରୁ ବୋଧ ହୁଅଇ ଯେ ଏ ଲୋକ ଜଣେ ପ୍ରତାରକ ଅଟେ ଏବଂ ସେ ସେପରି ଦୁର୍ଭିକ୍ଷ ସାହାଯ୍ୟ ସକାଶେ ଅର୍ଥ ସଂଗ୍ରହ କରି ଆତ୍ମସାତ୍ ନ କରେ କର୍ତ୍ତୃପକ୍ଷମାନେ ତହିଁର ଉଚିତ ଉପାୟ ଅବଲମ୍ବନ କରିବେ । ଠକର ଅସାଧ୍ୟ କିଛି ନାହିଁ ।

---

ଇସାକପଟନ ଜିଲ୍ଲାର କୋଟିଲିବନ୍ଦା ଗ୍ରାମରେ ଗାଇକ୍ୱାଡ ବସ୍ତୁଲବାଡ଼ି ନାମରେ ଏକ ଜଣ ଅବତାରସ୍ୱରୂପ ନାହାଇବାର ପ୍ରକାଶ କଲେ ଏବଂ ଜଙ୍ଗଲି ଲୋକମାନେ ବିଶ୍ୱାସ କଲେ ଯେ ସେ ସେମାନଙ୍କର ଦୁଃଖ ଦୂର ଓ ବସ୍ତୁ ପ୍ରଦାନ କରିବା ଏବଂ ପୃଥିବୀକୁ ଶାସନ କରିବା ନିମନ୍ତେ ଅବତାର ଗ୍ରହଣ କରିଅଛନ୍ତି । ଅତଏବ ତାହାଙ୍କ ସପକ୍ଷରେ ମେଳ କରିବାର ସ୍ଥିର କରି ଜମିଦାରଙ୍କର ସାହାଯ୍ୟ ଲୋଡ଼ିଲେ । ପାଲକୋଣ୍ଡାର ଜମିଦାର ଶ୍ରୀ ବେଙ୍କଟପତି ଏହି ପତ୍ରଦ୍ୱାରା ଏ ସମ୍ବାଦ ପାଇ କର୍ତ୍ତୃପକ୍ଷଙ୍କ ଉଦ୍ୟୋଗ ତାହା ଅର୍ପଣ କରିବାରେ ଇସାକପଟ୍ଟନର କଲେକ୍ଟର ଅଦ୍ଭଲଟମ୍ ଅବକାରିଙ୍କ ଘରଠାରେ ପହଞ୍ଚି ତାହାକୁ ଧରିଅଣିଲେ ଏବଂ ତାହା ପାଖରେ ଏକତ୍ର ହୋଇଥିବା ଲୋକଙ୍କର ଦଳ ଭାଙ୍ଗିଦେଲେ । ମାନ୍ଦ୍ରାଜଗବର୍ଣ୍ଣମେଣ୍ଟ ଏଥିରେ ଆନନ୍ଦିତ ହୋଇ ଶ୍ରୀ ବେଙ୍କଟପତି ରାଜା ଜମିଦାରଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

---

ରେଲୱେ ଆଇନ ଅନୁସାରେ କୌଣସି ଆରୋହୀଠାରେ ରେଲଭଡ଼ା ଅଥବା କିଛି ଅଧିକା ଭଡ଼ା ପାଉଣା ହେଲେ ସେ ଯେବେ ତାଙ୍କ ମତେ ତାହା ଦେବାକୁ ଅସମ୍ମତ ବା ଅକ୍ଷମ ହୁଅଇ ତେବେ କୌଣସି ରେଲ କର୍ମଚାରୀର ପ୍ରାର୍ଥନା ମତେ କୌଣସି ମାଜିଷ୍ଟ୍ରେଟ ଉକ୍ତ ପାଉଣା ଟଙ୍କା ଆରୋହୀଠାରୁ ଜରିମାନା ରୂପେ ଆଦାୟ କରିବେ ଏବଂ ଆଦାୟ ହେଲେ ରେଲୱେ ବାବୁଙ୍କୁ ପଠାଇ ଦେବେ । ଅତଏବ ଭଡ଼ା ନ ଦେଇ ରେଲଗାଡ଼ିରେ ଚଢ଼ିଗଲେ ସେହି ଭଡ଼ା ଦେବା ଭିନ୍ନ ଆଉ କିଛି ଦଣ୍ଡ ନାହିଁ ଏବଂ ସେ ଭଡ଼ା ଜରିମାନା ଆଦାୟ ପରି ତାହାର ଚଳନ୍ତି ସମ୍ପତ୍ତିରୁ ନିଲାମଦ୍ୱାରା ଆଦାୟ ହେବ । ଅତ୍ୟନ୍ତ ଦରିଦ୍ର ଲୋକ ଏବଂ ବୈରାଗୀ ପ୍ରଭୃତିଙ୍କ ପକ୍ଷରେ ଉକ୍ତ ବିଧି ଏକ ପ୍ରକାର ସୁବିଧାଜନକ ହୋଇଅଛି ଏବଂ ପ୍ରାୟ ସମ୍ବାଦରେ ଏ ପ୍ରକାର ଯେତେ ଆରୋହୀ ରେଲ କର୍ମଚାରୀଙ୍କଦ୍ୱାରା ଧୃତ ହେଉଅଛନ୍ତି ସେମାନେ ମାଜିଷ୍ଟ୍ରେଟଙ୍କର ଆଦେଶ ଶୁଣିବା ପର୍ଯ୍ୟନ୍ତ ହାଜତରେ ରହି ଛୁଟି ପାଇ ଚାଲି ଯାଉଅଛନ୍ତି ।

---

ଧାରୱାଡ଼ ମହାଣ ନିକଟ ସେଣ୍ଟ ଅଇଲେଣ୍ଡ ନାମକ ନଡ଼ାକୁ ସମୁଦ୍ର କ୍ରମେ ଗ୍ରାସ କରିବାରୁ ସେଠାରେ ଥିବା ବନ୍ଦରର ସରକାର ଉଠାଇ ନେବାକୁ ବାଧ୍ୟ ହେବାର ଏଥି ପୂର୍ବେ ଜଣାଇଥିଲୁଁ । ସେହି ବନ୍ଦରର ତୋଠ ନିର୍ମାଣରେ ୪୨,୦୦୦ ଟଙ୍କା ଖରଚ ହୋଇଥିଲା । ଏହାକୁ ରକ୍ଷା କରିବା କାରଣ ଗତ ବର୍ଷ ୫୭,୦୦୦ ଟଙ୍କା ବ୍ୟୟରେ ଗୋଟିଏ ପଥର ବନ୍ଧ ପ୍ରସ୍ତୁତ ହୋଇଥିଲା ମାତ୍ର ସମୁଦ୍ର ତାହାକୁ ଭାଙ୍ଗି ପକାଇ ବନ୍ଦି ପାଖରେ ଗୋଟାଏ ଗହ୍ୱର ଯୋଗ କରି ଦେଲା । ସୁତରାଂ ବନ୍ଦରକୁ ରକ୍ଷା କରିବାର ଅନ୍ୟ ଉପାୟ ନ ଦେଖି ସରକାର ତାହାକୁ ପରିତ୍ୟାଗ କଲେ । ଅନୁମାନ ହୁଅଇ ଆଉ କେତେକ ମାସରେ ସେ ଦ୍ୱୀପ ସମୁଦ୍ର ଗର୍ଭରେ ଲୁପ୍ତ ହେବ । ଏହି ବନ୍ଦରର ଅଦୃଶ୍ୟଦ୍ୱାରା ଜାହାଜ ଗମନାଗମନର ଅନେକ ସୁବିଧା

Split by PDF Splitter
Digitized by srujanika@gmail.com

ହୋଇଥିଲା । ସମ୍ପ୍ରତି ସେଠାରେ ଧକ୍କା ଉଡ଼ାଇବାପାଇଁ ଯେଉଁ ମାସ୍ତୁଲ ଅଛି ତହିଁ ଉପରେ ଗୋଟିଏ କ୍ଷୁଦ୍ର ଅଲୁଅ ଦିଆ ଯାଉଅଛି ଏବଂ ତାହା ମା ୫ ଘଲ ପର୍ଯ୍ୟନ୍ତ ଦୃଶ୍ୟ ହୁଅଇ ।

———

ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ମାନ୍ଦ୍ରାଜ ଭ୍ରମଣ ଉତ୍ତାରୁ ଆଗାମୀ ଡିସେମ୍ବର ମାସ ୨ୟ ସପ୍ତାହରେ ଇଷ୍ଟକୋଷ୍ଟ ରେଲ ଏବଂ ବଙ୍ଗାଳ ନାଗପୁରର କଟକ ଶାଖା ରେଲ ବାଟରେ କଲିକତାକୁ ଗମନ କରିବେ । ଗୋଦାବରୀର ବୃହତ୍ ପୁଲ ସେହି ସମୟରେ ସେ ପ୍ରତିଷ୍ଠା କରିବେ ଏବଂ ତାହାଙ୍କର ଶେଷ ମୁକାମ ରମ୍ଭାଠାରେ ହେବ । ସେଠାରେ କଲିକୋଟ ରାଜାଙ୍କ କୋଠୀରେ ରହି ଚିଲିକାରେ ଶିକାର କରିବେ । ବଙ୍ଗାଳ ନାଗପୁରର କଟକ ଶାଖା ରେଲବାଟେ ମହାମାନ୍ୟ ମହୋଦୟ ଓଡ଼ିଶାର ଦକ୍ଷିଣରୁ ଉତ୍ତର ସୀମା ପର୍ଯ୍ୟନ୍ତ ଭ୍ରମଣ କରିବେ ଅଥଚ ଗରିବ ଓଡ଼ିଶାର ଗୌରବ ବର୍ଦ୍ଧନ ଓ ତାହାର ଭକ୍ତି ଓ ସ୍ନେହର ଉପହାର ଗ୍ରହଣ ନିମନ୍ତେ କୌଣସି ସ୍ଥାନରେ କିଛିକାଳ ଅବସ୍ଥାନ କରିବେ ନାହିଁ ଏହା ଅତ୍ୟନ୍ତ ଦୁଃଖର ବିଷୟ ଅଟେ । ଅନ୍ତତଃ ଏକବେଳା ସକାଶେ ଓଡ଼ିଶାର ରାଜଧାନୀ ଏହି କଟକ ନଗରକୁ ବିରାଜମାନ ହୋଇ ସମସ୍ତଙ୍କୁ ଦର୍ଶନ ଦେଇ ଯିବା କାରଣ ତାହାଙ୍କୁ ବିଶେଷ ଅନୁରୋଧ କରୁଅଛୁଁ । ଅସ୍ମମାନଙ୍କର କମିଶ୍ନର ସାହେବ ଏ ବିଷୟରେ ମନୋଯୋଗୀ ହେଲେ ସଫଳ ହେବାର ସମ୍ପୂର୍ଣ୍ଣ ଆଶା ଅଛି ।

———

ଗତବର୍ଷର ଦୁର୍ଭିକ୍ଷରେ ଯେ ସମସ୍ତ ପିଲାଙ୍କର ପିତାମାତା ବା କୁଟୁମ୍ବ ମରିଯିବାରୁ ଅନାଥ ହୋଇଅଛନ୍ତି ସେହି ସମସ୍ତ ପିଲାଙ୍କର ଭରଣପୋଷଣ ସକାଶେ ଗୋଟିଏ ବଡ଼ ଅନାଥାଶ୍ରମ ପିଟାଇବାର ହାଇଦରାବାଦର ସରକାର ସାହୁକାର ପ୍ରଭୃତି ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏକ ସଭାରେ ସ୍ଥିର କରିଅଛନ୍ତି । ସେହି ସଭାରେ ଟ ୮୫,୦୦୦ ଙ୍କା ଚାନ୍ଦା ସଂଗୃହୀତ ହେଲା ଏବଂ ଏହା ପ୍ରଧାନମନ୍ତ୍ରୀ ଟ ୧୧,୦୦୦ ଙ୍କା ଦାନ କଲେ । ହାଇଦରାବାଦ ଦରବାରର ଅଧୀନ ସମସ୍ତ କର୍ମଚାରୀ ଯାହାଙ୍କର ବେତନ ମାସିକ ଟ ୫୦ ଙ୍କାରୁ ଊର୍ଦ୍ଧ୍ୱ ସେମାନେ ପ୍ରତ୍ୟେକେ ଏକମାସର ବେତନ ଉପରେ ଶତକଡ଼ା ଟ୧୦ଙ୍କା ହିସାବରେ ଯାହା ହେବ ତାହା ଦାନ କରିବେ ଏବଂ ତଦ୍ୱାରା ୩ ଲକ୍ଷରୁ ଅଧିକ ଟଙ୍କା ଅନାଥାଶ୍ରମ ପାଣ୍ଠିରେ ଜମା ହେବାର ଆଶା ଅଛି । ଏହାଛଡ଼ା ନିଜାମଙ୍କର ବାର୍ଷିକ ଜନ୍ମୋତ୍ସବରେ ପ୍ରତିବର୍ଷ ଲୋକେ ଯାହା ବ୍ୟୟ କରନ୍ତି ତାହା ଏହି ପାଣ୍ଠିକି ପ୍ରଦାନ କରିବେ । ଏପରି ମହତ୍ ଅନୁଷ୍ଠାନ ହେତୁ ହାଇଦରାବାଦର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ବିଶେଷ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

—୦୦—

ମେମ୍ ବାସ୍କଲଫ୍ ଆପଣା ସ୍ୱାମୀ ବାରକ୍ଲଫ ସାହେବ ନାମରେ ନାଲିସ କରିଥିଲା ଯେ ମଦ୍ୟପ ଅଧର୍ମୀ ଏବଂ ବଡ଼ ମିଛୁଆ, ତାହାକୁ ଯେବେ ତେବେ ଟଙ୍କା ମାଗେ ଓ ନ ଦେଲେ ନିଷ୍ଠୁର ବ୍ୟବହାର କରେ । ସେମାନେ ପୃଥକ୍ ରୂପେ ବାସ କରନ୍ତି ଥରେ ଟଙ୍କା ନ ଦେବାରୁ ଧମକାଇ ଯାଇ ସ୍ତ୍ରୀ ଶେଷପ୍ରହରରେ ବାଇବାଟେ ତାହାର ଶୋଇବାଘରେ ପଶି ଉନ୍ମତ୍ତ ଅବସ୍ଥାରେ କଲମକଟା ଛୁରିଦ୍ୱାରା ତାହା ଦେହର ସ୍ଥାନେ ଫୋଡ଼ିପକାଇବାରୁ ସେ ଉଠି ଡାକପକାନ୍ତେ ମଦ୍ୟପ ପଳାଇଗଲା । ମଦ୍ୟପ ବାଉଦ୍ୱାରା ଆଘାତ କରିବାର ସ୍ୱୀକାର କରି କହିଲା ଯେ ମୁଁ ଦେଇ ଟେଲିଗ୍ରାଫ ଅଫିସର ବନ୍ଧୁ ଲର୍ଣ୍ଣ ସାହେବଙ୍କଙ୍ଗେ ବସାଉଠା କରିବା ଓ ତାହାର କଥା ନ ମାନିବାରୁ ସେ ଦଣ୍ଡଦେବା କାରଣ ଉକ୍ତ କାର୍ଯ୍ୟ କରିଥିଲା । ବିଚାରକର୍ତ୍ତା ରାୟ ଯଜ୍ଞେଶ୍ୱର ଚନ୍ଦ୍ର ବାହାଦୂର ମଦ୍ୟପର ନିଜ ଉକ୍ତିରୁ ତାହାର ଚରିତ୍ର ଭଲ ନ ଥିବାର ବୁଝି ପାରିଲେ ହେଁ ମଦ୍ୟପ ଘୋର ରାତ୍ରରେ ଏକା ଶୋଇଥିବା କ୍ଷୀଣ ସ୍ତ୍ରୀଦ୍ୱାରା ଆକ୍ରମଣ କରି କାପୁରୁଷ ପାଶବିକ କାର୍ଯ୍ୟ କରିଅଛି । ଅତଏବ ତାହାପ୍ରତି ମା ୩ ସ କାରାବାସ ଏବଂ ଟ ୨୫୧ ଙ୍କା ଜରିମାନା ଦଣ୍ଡ ବିଧାନ କଲେ ।

———

ଏ ଜିଲ୍ଲା ସାଲେପୁର ଥାନାରୁ ପ୍ରାୟ ମା ୧୦ ଇଲ ଅନ୍ତର ପାଖିଳପଡ଼ା ଗ୍ରାମରେ ଗୋଟିଏ ସାମାନ୍ୟ ଲଡ଼ୁଆ ମେଞ୍ଚ ହୋଇଥିଲା । ଚୌକିଦାରଠାରୁ ସମ୍ବାଦ ପାଇ ଅସାମୀ ଓ ସାକ୍ଷିମାନଙ୍କୁ ସମନଦ୍ୱାରା ସାଲେପୁର ଥାନାକୁ ସେଠା ସବଇନସ୍ପେକ୍ଟର ତଲବ କରି ନେଇ ମୋକଦ୍ଦମା ତଦନ୍ତ କରି ଅସାମିମାନଙ୍କୁ ଚାଲାନ ଦେଲେ ଓ ସାକ୍ଷିମାନେ ଏଠା ଫଉଜଦାରୀ କଚେରୀରେ ସାକ୍ଷ ଦେଲେ । ଡେପୁଟିମାଜିଷ୍ଟ୍ରେଟଙ୍କ ବିଚାରରେ ନ ୩ ଣ ଅସାମୀ ଉପରେ ଅପରାଧ ପ୍ରମାଣ ହେବାରୁ ଟ ୫୯ ଙ୍କା ଲେଖାଏଁ ଜରିମାନା ହେଲା । ପୁଲିସ ସବଇନସ୍ପେକ୍ଟର ମହାଶୟ ସମନ କରିଥିବା ସାକ୍ଷିଙ୍କ ମଧ୍ୟରୁ ନ ୨ ଣ ତାହାଙ୍କ ନିକଟରେ ଥାନାରେ ଉପସ୍ଥିତ ହୋଇ ନ ଥିବାରୁ ଦଣ୍ଡବିଧିର ଧା ୧୭୪ ଧା ଅନୁସାରେ ସେମାନଙ୍କ ନାମରେ ଫଉଜଦାରୀରେ ନାଲିଶ କଲେ । ଅସାମିମାନେ ସମନ ପାଇଥିବା ମାତ୍ର ପୀଡ଼ିତ ଥିବାରୁ ଉପସ୍ଥିତ ହୋଇ ନ ପାରିବାର ଉତ୍ତର ଦେଲେ । ଗତ ମଙ୍ଗଳବାର ରାୟ ଯଜ୍ଞେଶ୍ୱରଚନ୍ଦ୍ର ବାହାଦୂର ଅନରେରି ମାଜିଷ୍ଟ୍ରେଟଙ୍କ ମେଞ୍ଚରେ ମୋକଦ୍ଦମା ପେସ ହୋଇଥିଲା । ଫରିୟାଦ ପକ୍ଷର ସାକ୍ଷିମାନଙ୍କ ଜୋବାନବନ୍ଦିରୁ ପ୍ରକାଶ ପାଇଲା ଯେ ଅସାମିମାନେ ପ୍ରକୃତରେ ପୀଡ଼ିତ ଥିଲେ ଏବଂ ସବଇନସ୍ପେକ୍ଟରଙ୍କୁ ସେ କଥା ମୌଖିକ ଜଣାଇ ଦିଆ ଯାଇଥିଲା । ସୁତରାଂ ରାୟ ବାହାଦୂର ଅସାମିମାନଙ୍କୁ ଖଲାସ ଦେଲେ ମାତ୍ର ସବଇନସ୍ପେକ୍ଟରଙ୍କ କାର୍ଯ୍ୟ ସମ୍ବନ୍ଧରେ କିଛି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ନା ଅମ୍ଭେମାନେ ଜାଣି ପାରି ନାହୁଁ । ଯେ ସ୍ଥଳେ ମୂଳ ମୋକଦ୍ଦମାରେ ସେହି ଦୁଇଜଣର ସାକ୍ଷ ଆବଶ୍ୟକ ହୋଇ ନ ଥିଲା ଅର୍ଥାତ୍ ସେମାନଙ୍କ ଜୋବାନବନ୍ଦି ବିନା ସେ ମୋକଦ୍ଦମାର ଅସାମିମାନେ ଦଣ୍ଡ ପାଇଥିଲେ ଏବଂ ସେମାନେ ପୀଡ଼ିତ ଥିବା ହେତୁ ଥାନାରେ ଉପସ୍ଥିତ ନ ହେବାର ମୌଖିକ ସମ୍ବାଦ ସବଇନସ୍ପେକ୍ଟର ପାଇଥିଲେ ସେ ସ୍ଥଳେ ବିନା ତଦନ୍ତରେ ସେମାନଙ୍କ ନାମରେ ସମନ ଅମାନ୍ୟର ନାଲିସ କରିବା ଅଥବା ନାଲିସ ଉତ୍ତାରୁ ଅସାମିମାନଙ୍କର ଜୋବାନବନ୍ଦିର ପ୍ରୟୋଜନ ନ ଥିବାର ବୁଝିପାରି ତାହା ଉଠାଇ ନ ନେବା କି ଅନ୍ୟାୟ ନୁହେଁ ? ଅପର ତାହାର ଫଉଜଦାରୀ ନାଲିସରେ ଏହି ଦୁଇଜଣ ଗରିବ ଲୋକ ଟ ୫୦ ୧ ଙ୍କା ଲେଖାଏଁ ହାଜର ଜାମିନ ଦେଇ ଦ ୧୦।୧୨ ଦିନ ଅନର୍ଥକ କଷ୍ଟ ଓ ଯନ୍ତ୍ରଣା ସହିଥିଲେ ବିଚାରକର୍ତ୍ତା ମାଜିଷ୍ଟ୍ରେଟ ତାହାଙ୍କ ମୁଦ୍ଦେଇଠାରୁ କ୍ଷତିପୂରଣ ଦିଆଇଥାନ୍ତେ କିନ୍ତୁ ପୁଲିସ କଷ୍ଟ ଦେଲେ ତହିଁର ପ୍ରତିକାର ନାହିଁ । ଅତଏବ ଏପରି ପୁଲିସ କର୍ମଚାରୀର କାର୍ଯ୍ୟ ଉପରେ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଦୃଷ୍ଟି ରଖିବା ଏକାନ୍ତ ଆବଶ୍ୟକ ।

———

ଯୁଦ୍ଧ ସମାଚାର ।

ବୁଅର ପ୍ରେସିଡେଣ୍ଟ କ୍ରୁଗାର ଲହୁରେଣ୍ଟ ମାର୍କେସରେ ଉପନୀତ । ତତ୍ର ଗବର୍ଣ୍ଣମେଣ୍ଟ ତାଙ୍କର ଯୁଦ୍ଧ ଜାହାଜରେ ହଲଣ୍ଡକୁ ନେଇ ଯିବାପାଇ

Split by PDF Splitter



ତାର ସମ୍ବାଦ ପଠାଇ ଅଛନ୍ତି । ଇଙ୍ଗ୍ଲଣ୍ଡ ଯାଇ ସ୍ଵଳ୍ପ ସମୟରେ ଶକ୍ତିମାନଙ୍କର ସାହାଯ୍ୟ ନେବେ । ସେନାପତି ବୋଥା ପୀଡ଼ିତ ଥିବା ପ୍ରଯୁକ୍ତ ସେନାପତି ପଦରେ ଇସ୍ତଫା ଦେଇଅଛନ୍ତି ଏବଂ ଅନ୍ୟ ଏକ ବୁଅର ରଥୀ ଭିଲ୍‌ଯିଅନ ସେନାପତି ହୋଇଅଛନ୍ତି । ୨ୟ ଷ୍ଟିନ ହେକ୍ଟର ପ୍ରୁଟଙ୍କୁ ପ୍ରତ୍ୟାଗମନ କରୁଅଛନ୍ତି, ସାଙ୍ଗରେ ଗୋ ୧୦ ଟି ତୋପ ଅଛି । ଜେନେରଲ ଡ଼ିୱେଟ ଯୁଦ୍ଧରେ ହତ୍ୟା ହୋଇ ଥିବାର ଜନରବ ଉଠିଅଛି । ଲର୍ଡ଼ ରବାର୍ଟ ଏହି ସମୟରେ ଏକ ଘୋଷଣା ପ୍ରଚାର କରିଅଛନ୍ତି ଯେ କ୍ରୁଗାର ପ୍ରେସିଡେଣ୍ଟ ପଦ ପରିତ୍ୟାଗ କଲେ । ବର୍ତ୍ତମାନ ୧୫,୦୦୦ ବୁଅର ବନ୍ଦୀ ହୋଇଅଛନ୍ତି, ଇଉରୋପର କୌଣସି ଶକ୍ତିଠାରୁ ସାହାଯ୍ୟ ପାଇବାର ଆଶା ମିଥ୍ୟା ସୁତରାଂ ସମସ୍ତ ଦକ୍ଷିଣ ଆଫ୍ରିକା ବ୍ରିଟିଶ ଶାସନ ଅଧୀନରେ ଆସିବା ବିଷୟରେ ଗଭର୍ଣ୍ଣମେଣ୍ଟ ଦୃଢ଼ ହୋଇଅଛନ୍ତି ସୁତରାଂ ଗୋଳମାଳ ଶୀଘ୍ର ସ୍ଥଗିତ ନ ହେଲେ କଠିନତର ଉପାୟ ଅବଲମ୍ବନ କରାଯିବ ଏବଂ କେହି ନିସ୍ତାର ପାଇବ ନାହିଁ । ପ୍ରେସିଡେଣ୍ଟ କ୍ରୁଗାର ତାହାଁର ଉତ୍ତରରେ ଘୋଷଣା କରିଅଛନ୍ତି ଯେ ଇଂରାଜ ବୁଅର ରାଜ୍ୟ ଜୟ କରି ନାହାନ୍ତି ବଶୀଭୂତତା ସ୍ଵୀକାର୍ଯ୍ୟ ନୁହେ । ଇଂରାଜ ପକ୍ଷ ପ୍ରବଳ ଏବଂ ବୁଅରମାନେ ଏକପ୍ରକାର ନିସ୍ତେଜ ହେଲେହେଁ ଏକାବେଳେ ଯୁଦ୍ଧରୁ କ୍ଷାନ୍ତ ହୋଇ ନାହାନ୍ତି ।

ଚୀନ ରାଜ୍ୟର ବକ୍ସରମାନେ ଏ ପର୍ଯ୍ୟନ୍ତ ବଶୀଭୂତ ହୋଇ ନାହାନ୍ତି ସୁତରାଂ ସେମାନଙ୍କ ଦମନ କରିବା କାରଣ ସ୍ଥାନେ ସ୍ଥାନେ ଯୁଦ୍ଧ କରୁଅଛନ୍ତି ମାତ୍ର ସୈନ୍ୟ ସଂଖ୍ୟା ହ୍ରାସ କରିବା ଏବଂ ପେକିନ ନଗରକୁ ତାହାର ଅଧିକାର ବିଷୟରେ ଶକ୍ତିମାନଙ୍କର ମତଭେଦ ନାହିଁ । ସନ୍ଧିର ପ୍ରସ୍ତାବ ଚଳିଅଛି ।

ଏକ ସମ୍ବାଦରୁ ଜଣାଯାଏ ଯେ ଗତ ଜୁଲାଇ ମାସରେ ନ ୧୪୮ ଜଣ ପ୍ରୋଟେଷ୍ଟାଣ୍ଟ ଧର୍ମପ୍ରଚାରକ ହତ୍ୟା, ନ ୪୮ ଜଣ ନିରୁଦ୍ଦେଶ ହୋଇଥିଲେ । ଏପରି ୨୦,୦୦୦ ଦେଶୀୟ ଖ୍ରୀଷ୍ଟିୟାନ ହତ୍ୟା ହୋଇଥିଲେ । ଏପରି ଭୟାନକ ଘଟଣା ଶୁଣିଲେ ସିପାହି ଯୁଦ୍ଧର ଭୀଷଣ କାଣ୍ଡକୁ ବଳ ଯାଇଥିବାର କଥିତ ହୁଅଇ ।

---

ବିସର୍ଜନ ବ୍ୟବସ୍ଥା ।

ଆସନ୍ତା ଦୁର୍ଗାପୂଜାର ବିସର୍ଜନ ଆଗାମୀ ଅକ୍ଟୋବର ମାସ ତା ୩ ଇଣ ବୁଧବାର କିମ୍ବା ତା ୪ ଇଣ ଗୁରୁବାର ହେବ ଏହିକଥା ସେନି ବଙ୍ଗଦେଶରେ ଘୋର ଆନ୍ଦୋଳନ ଚାଲିଅଛି । ଆନ୍ଦୋଳନର କାରଣ ଏହି କି ବଙ୍ଗଦେଶର ପ୍ରଚଳିତ ଗୁପ୍ତ ପ୍ରେସ ଏବଂ ଅନ୍ୟ କେତେକ ବଙ୍ଗଳାପାଞ୍ଜିରେ ଗୁରୁବାର ଦଶମୀ ତିଥି ଦ ୧ । ୫୩ ଲିତା ମାତ୍ର ଅଛି । ତହିଁରେ ଅପରାଜିତା ପୂଜାର କାଳ ଘଟୁ ନାହିଁ । ସୁତରାଂ ତହିଁ ପୂର୍ବଦିନ ବୁଧବାର ଦେବୀଙ୍କର ବିସର୍ଜନ ହେବ । ଅନ୍ୟପକ୍ଷ କହନ୍ତି କି ଅପରାଜିତା ପୂଜା ସମସ୍ତେ କରନ୍ତି ନାହିଁ ଏବଂ ସେ ପୂଜା କାମ୍ୟ ନିତ୍ୟ ନୁହେ । ପ୍ରକୃତରେ ତାହାର ପରେ ଅପରାଜିତା ପୂଜା କରିବାର ନିୟମ ଅଛି ଓ ତାହାଉପରେ ନାହିଁ । ଅତଏବ ଅଧିକାଂଶ ପଣ୍ଡିତଙ୍କ ମତରେ ଏହି ସିଦ୍ଧାନ୍ତ ହୋଇଅଛି କି ଯାହାଙ୍କର ଅପରାଜିତା ପୂଜା କରିବାର ନିୟମ ଅଛି ସେ ବୁଧବାର ଏବଂ ଅନ୍ୟମାନେ ଗୁରୁବାର ଦିନ ବିସର୍ଜନ କରିବେ । କେତେକ ପଣ୍ଡିତଙ୍କ ମତରେ ଅପରାଜିତାପୂଜା ସମସ୍ତଙ୍କର କର୍ତ୍ତବ୍ୟ ମାତ୍ର ପୂର୍ବରୁ ତାହା ହୋଇ ନ ଥିବା ସ୍ଥଳେ ଆଉ ସେ କଥା କହିବାର ବଳ ନାହିଁ । ଫଳତଃ ଏହି ଉଭୟ ଦଳର ପଣ୍ଡିତମାନେ ଗୁପ୍ତ ପ୍ରେସାଦି ପଞ୍ଜିକାର ଗଣନା ଅର୍ଥାତ୍ ଗୁରୁବାର ଦଶମୀ ଦ ୧ । ୫୩ ଲିତା ଥିବାରୁ ସ୍ଵୀକାର କରି ନେଇଅଛନ୍ତି । ମାତ୍ର ସେହିନ ପ୍ରକୃତରେ ଦଶମୀ କେତେକ ଥିବାର ଠିକ ଜଣା ନାହିଁ, ସେମାନେ ବୁଝିବେ ନାହିଁ । ପ୍ରତ୍ୟକ୍ଷ ଉପରେ ନିର୍ଭର ନ କରି ନିଜ ଶାସ୍ତ୍ର ଅନୁସାରେ ଗଣନାରେ ଯେଉଁ ଫଳ ପଡ଼ିବ ତଦନୁସାରେ ଚଳିବା କର୍ତ୍ତବ୍ୟ ଏହାହିଁ ସେମାନଙ୍କର ମତ ସେମାନେ ସଂସ୍କାରର ପକ୍ଷପାତୀ ନୁହନ୍ତି । ଜ୍ୟୋତିଷଶାସ୍ତ୍ର ପ୍ରତ୍ୟକ୍ଷ ପ୍ରମାଣ ଉପରେ ସ୍ଥାପିତ, ତାହା ଯେଉଁମାନେ ନ ମାନିବେ ସେମାନେ ସ୍ଵମତ ରକ୍ଷା କରିବା ଅଧିକ ଦିନ ସମର୍ଥ ହେବେ ନାହିଁ ଏହା ନିଶ୍ଚୟ । ପ୍ରାଚୀନଶାସ୍ତ୍ରର ନିୟମାନୁସାରେ ପାଞ୍ଜିର ଗଣନା ଭ୍ରମାତ୍ମକ ହେବାରୁ ଓଡ଼ିଶା ଖଣ୍ଡପଡ଼ା ନିବାସୀ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖରସିଂହ ସାମନ୍ତ ଏକାକୀ ଅରଣ୍ୟ ମଧ୍ୟରେ ବସି ଅସାଧାରଣ ବୁଦ୍ଧି ବଳରେ ତହିଁର ସଂସ୍କାର ପୂର୍ବକ ସିଦ୍ଧାନ୍ତ ଦର୍ପଣ ନାମକ ଅମୂଲ୍ୟ ଗ୍ରନ୍ଥ ପ୍ରକାଶ କରି ଜଗତରେ ଧନ୍ୟ ୨ ହୋଇଅଛନ୍ତି ଏବଂ ତାହାଙ୍କ ପ୍ରବର୍ତ୍ତିତ ନିୟମାନୁସାରେ କଟକ ପ୍ରିଣ୍ଟିଂ କମ୍ପାନୀ ବର୍ଷେ ହେଲା ଯେଉଁ ଉତ୍କଳପଞ୍ଜିକା ପ୍ରଚାର କରି ଆସୁଅଛନ୍ତି ସମସ୍ତ ଉତ୍କଳବାସୀ ଏକମନରେ ତାହା ଗ୍ରହଣ କରି ନିଜ ୨ ଧର୍ମ ରକ୍ଷା ଏବଂ ସାମନ୍ତ ମହୋଦୟଙ୍କର ଅକ୍ଷୟ କୀର୍ତ୍ତି ଘୋଷଣା କରୁଅଛନ୍ତି । ଉତ୍କଳ ପଞ୍ଜିକାରେ ଉକ୍ତ ଗୁରୁବାର ଦଶମୀ ଦ ୧୩ । ୧ ଲିତା ଅଛି । କଲିକତାରେ ଶ୍ରୀଯୁକ୍ତ ମାଧବଚନ୍ଦ୍ର ଚଟ୍ଟୋପାଧ୍ୟାୟ ଯେଉଁ ବିଶୁଦ୍ଧ ସିଦ୍ଧାନ୍ତପଞ୍ଜିକା ପ୍ରଚାର କରୁଅଛନ୍ତି ତହିଁରେ ସେଦିନ ଦଶମୀ ଦ ୧୫ । ୧୧ ଲିତା ଲେଖା ଅଛି । କଲିକତା ସାରସ୍ଵତ ଜ୍ୟୋତିଷ ଚତୁଷ୍ପାଠୀର ପଣ୍ଡିତ ବିମଳାପ୍ରସାଦ ସିଦ୍ଧାନ୍ତ ସରସ୍ଵତୀଙ୍କ ଗଣନାରେ ମଧ୍ୟ ଦ ୧୫ । ୧୪ ଲିତା ହେଉଅଛି । ସୁତରାଂ ଓଡ଼ିଶାରେ ଏବଂ ବଙ୍ଗଳାରେ ଯେଉଁମାନେ ବିଶୁଦ୍ଧ ସିଦ୍ଧାନ୍ତ ପଞ୍ଜିକା ଗ୍ରହଣ କରିଅଛନ୍ତି ସେମାନଙ୍କ ମଧ୍ୟରେ ମତ ଭେଦ ହେବାର କିଛି କାରଣ ଏ ବର୍ଷ ଘଟି ନାହିଁ ଏବଂ ବଙ୍ଗଳାର ସର୍ବତ୍ର ଯେବେ ତାହା ଗୃହୀତ ହୁଅନ୍ତା ତେବେ ଏ ବର୍ଷ କିଛି ସନ୍ଦେହ ଉପସ୍ଥିତ ହୁଅନ୍ତା ନାହିଁ । ଯେଉଁମାନେ ସେଦିନ ଦଶମୀ ଦ ୧ । ୫୩ ଲିତାରୁ ଅଧିକ ଥିବାର ମାନୁନାହାନ୍ତି ସେହିମାନେ ଧନ୍ଦାରେ ପଡ଼ିଅଛନ୍ତି ।

---

ଖୋର୍ଦ୍ଧା ବନ୍ଦୋବସ୍ତ ।

ଖୋର୍ଦ୍ଧା ବନ୍ଦୋବସ୍ତର ଶେଷ ରିପୋର୍ଟ ପ୍ରତି ବଙ୍ଗୀୟ ଗଭର୍ଣ୍ଣମେଣ୍ଟଙ୍କର ମନ୍ତବ୍ୟ ପ୍ରକାଶିତ ହୋଇଅଛି । ଏଥି ପୂର୍ବର ବନ୍ଦୋବସ୍ତ ସନ ୧୮୮୨ ସାଲରେ ବୁଡ଼ା ଟେଲର ସାହେବଙ୍କଦ୍ଵାରା ହୋଇଥିଲା । ତହିଁର ମିୟାଦ ସନ ୧୮୯୭ ସାଲରେ ଶେଷ ହେଲା । ବର୍ତ୍ତମାନ୍ ବନ୍ଦୋବସ୍ତ ତାହାଙ୍କର ପୁତ୍ର ଯେ, ଏଚ, ଟେଲରଙ୍କଦ୍ଵାରା ସମ୍ପନ୍ନ ହୋଇଅଛି । ସନ୍ ୧୮୯୫ ସାଲର ଡିସେମ୍ବରମାସରେ ଜରିବ କାର୍ଯ୍ୟ ଆରମ୍ଭ ହୋଇ ସନ ୧୮୯୮ ସାଲ ଅକ୍ଟୋବର ମାସରେ ଶେଷ ହେଲା । ସବୁରେ କାର୍ଯ୍ୟ ଶ୍ରୀଯୁକ୍ତ ଇ ବଙ୍ଗସାହେବ ସୁଚାରୁରୂପେ ନିର୍ବାହ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ମୋଟ ଭୂମି ପରିମାଣ ମା ୭,୪୮,୧୬୪ ଣ ମଧ୍ୟରୁ କେବଳ ୨୭,୦୦୦ ମାଣ ଅନ୍ୟମାହାଲର ଛଡ଼ା ଅବଶିଷ୍ଟ ସମସ୍ତ ଖୋର୍ଦ୍ଧା ସବଡିଭିଜନ ଅନ୍ତର୍ଗତ ଅଟେ । ତହିଁମଧ୍ୟରେ ହଳଦିଆ ଓ ଜଗପଡ଼ାର ଖଣ୍ଡାଏତ ଜମି ପ୍ରାୟ ୫ହଜାରମାଣ, ଜଗନ୍ନାଥଙ୍କ ସେବାରେ ଖଞ୍ଜା ୨୮ ହଜାର ମାଣ, ୧୩ ଟା ବାହାର ମୌଜାର ଜମି ପ୍ରାୟ ୩୦୦୦ ମାଣ ଏବଂ ସାର ନରସିଂହପୁର ମୌଜାର ବାହାର ଜମି କେତେ ଅଛି । ଅବଶିଷ୍ଟ ସରକାରଙ୍କର ଖାସ ଦଖଲ ଜମି

Digitized by srujanika@gmail.com

Split by PDF Splitter



ଅଟେ । ସବୁବେ କାର୍ଯ୍ୟ ଏହିପରି ହୋଇଥିଲା ଯେ ଗତ ବନ୍ଦୋବସ୍ତର ନକସାରେ ନୂଆ ଆବାଦ ଜମି ମିଶାଇ ସଂଶୋଧିତ ନକସା ପ୍ରସ୍ତୁତ ହେଲା ମାତ୍ର କାର୍ଯ୍ୟ ଲାଘବକରିବା ଅଭିପ୍ରାୟରେ ଖଣ୍ଡ-ସମାନ ପୂର୍ବାପରି ରହିଲା । ଏଣିକି ଯେ ସବୁର ଯେ ବଦଳ ହୋଇଅଛି ତାହା ନକସାରେ ଉଠି ନାହିଁ । ପ୍ରଥମେ ସରବରାକାରଙ୍କଦ୍ୱାରା ଜରିବ କାର୍ଯ୍ୟ ହେଉଥିଲା ମାତ୍ର ସେମାନେ ନୂଆ ଆବାଦ ଜମି ଲୁଚାଇବାରୁ ସେ ଉପାୟ ସଫଳ ହେଲା ନାହିଁ । ମା ୬୭,୫୭୯ଣ ନୂଆ ଆବାଦ ହୋଇ ଥିବାସ୍ଥଲେ ସେମାନେ କେବଳ ମା ୧୧,୯୧୪ଣ ଦେଖାଇଥିଲେ । ଦାଣ୍ଡିମାଳ, କୁଜଙ୍ଗ ଏବଂ ବାଣପୁରର ସରବରାକାରମାନେ ଏ ବିଷୟରେ ଅଧିକ ତ୍ରୁଟି କରିଥିଲେ ।

ଓଡ଼ିଶାର ସେଟଲମେଣ୍ଟ ଅଫିସର ଶ୍ରୀଯୁକ୍ତ ମାଡକସ ସାହେବଙ୍କ ତତ୍ତ୍ୱାବଧାରଣରେ ଉପର ଲେଖାମତେ ଶ୍ରୀଯୁକ୍ତ ଟେଲର ସାହେବ ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ହୋଇ ଦୁଇବର୍ଷରେ ଶେଷ କରିଥିଲେ । ଉତ୍ପାଦିକା ଶକ୍ତି ଅନୁସାରେ ଜମିର କିସମ ନିର୍ଣ୍ଣୟ କରି ପ୍ରତ୍ୟେକ କଥାର ଜମାବନ୍ଦ କରିବାରେ ଅନେକ ଅସୁବିଧା ଦେଖା-ଯିବାରୁ ପୁରୁଣା ଗ୍ରାମଜମିର ଜମାଉପରେ ଟଙ୍କା ପଡ଼ି ଟ ୦ ।୶ ଖଜଣା ବୃଦ୍ଧି ଏବଂ ନୂଆ ଆବାଦ ଜମିଉପରେ ମାଣପ୍ରତି ଟ ୦ ।୶/ ୧୦ ପାହି ହାରରେ ଜମାବନ୍ଦ କରିବାର ସ୍ଥିର ହୋଇ ତଦନୁସାରେ କାର୍ଯ୍ୟ ହୋଇଅଛି । ଫସଲର ବର୍ତ୍ତମାନ୍ ଦର ଦୃଷ୍ଟିରେ ସାବକ ଖଜଣାପ୍ରତି ଟ ୦।୶ ବୃଦ୍ଧି ହୋଇଅଛି ଏବଂ ସ୍ଥାନୀୟ ପ୍ରଚଳିତ ଦର ଅନୁସାରେ ନୂତନ ଆବାଦ ଜମିର ଖଜଣା ଧାର୍ଯ୍ୟ ହୋଇଅଛି । ଟଙ୍କି ବାହାଲି, ରଘାଟଙ୍କି ଏବଂ ଅନ୍ୟାନ୍ୟ ମଧ୍ୟସତ୍ୱର ଜମିଜମା ପ୍ରାୟ ପୂର୍ବ ବନ୍ଦୋବସ୍ତପରି ରହିଅଛି ଅର୍ଥାତ୍ ସେ ସବୁରେ ସାମାନ୍ୟ ପରିବର୍ତ୍ତନ ଦେଖାଯାଏ । ଯାହାକରି ଜମିଜମାର ବୃଦ୍ଧି ଘଟିଅଛି ଇତ୍ୟାଦି ଏବଂ ସରବରାକାର ଜାଗିର ଓ ଖଣ୍ଡାଏତ ମାହାଲରେ । ଯଥା ।—

ସାବକ

| | ଜମି | ଜମା |
|---|---|---|
| ରୟତ | ମା ୧,୮୦,୭୧୧ | ଟ ୨,୭୭,୩୮୪ |
| ସରବରାକାର ଓ ଖଣ୍ଡାଏତ | ମା ୧୭,୭୮୭ | ଟ ୧୪,୨୮୦ |

ହାଲ

| | ଜମି | ଜମା |
|---|---|---|
| ରୟତ | ମା ୨,୦୪,୧୭୮ | ଟ ୩,୩୪,୭୫୪ |
| ସରବରାକାର ଓ ଖଣ୍ଡାଏତ | ମା ୧୭,୭୭୪ | ଟ ୧୮,୮୭୨ |

ରୟତ ଜମିମଧ୍ୟରେ ଶୃଙ୍ଖଳାର ଦର ସବାପେକ୍ଷା ଅଧିକ ଅର୍ଥାତ୍ ମାଣ ଟ ୬୯ ଙ୍କାରୁ କିଛି ଅଧିକ ପଡ଼ିଅଛି । ମୋଟରେ ସରକାରୀ ଖଜଣା ପୂର୍ବେ ୩ଲକ୍ଷ ଟଙ୍କା ଥିଲା ବର୍ତ୍ତମାନ୍ ତହିଁ ଉପରେ ୭୭ ହଜାର ଟଙ୍କା ବଢ଼ିଅଛି । ରୟତି ଜମିର ମାଣ ପୂର୍ବ ବନ୍ଦୋବସ୍ତରେ ହାରହାରରେ ଟ ୧।୶ ଥିଲା ବର୍ତ୍ତମାନ୍ ଟ ୧୪୶ ହୋଇଅଛି ଏବଂ ତହିଁ ଉପରେ ଟଙ୍କାପ୍ରତି ପଥକର ଦୁଇ ପଇସା, ଜଙ୍ଗଲକର ଦୁଇପଇସା ଏବଂ ଚୌକିଦାରୀ ଟିକସ ୧୦ପାହି ଦେଣ ଅଟେ । ମାନ୍ୟବର ବଙ୍ଗେଶ୍ୱର ରେବିନ୍ୟୁବୋର୍ଡ଼ଙ୍କ ସହିତ ଐକ୍ୟ ହୋଇ କହିଅଛନ୍ତି କି ଏ ବନ୍ଦୋବସ୍ତ କୋମଳ ଅଟେ ଏବଂ ଦୁଇବର୍ଷହେଲା ଲୋକେ ବିନା ଗୁହାରିରେ ଯଥା ସମୟରେ ଦେଇ ଆସୁଅଛନ୍ତି । ଖୋର୍ଦ୍ଧାରେ ବାର୍ଷିକ ବୃଷ୍ଟି ନିୟମିତ ପରିମାଣରେ ହେଉଥିବା, ବା ବସ୍ତର ଗୋଟିଏ ଜମି ଥିବା ଏବଂ ଜମାବନ୍ଦ ନରମ ଥିବାରୁ ଲୋକମାନେ ସୁଖରେ ଅଛନ୍ତି ଏବଂ ନୂତନ ରେଲବାଟ ଯୋଗେ ଆହୁରି ସୁଖ ବଢ଼ିବା ୧,୭୨,୦୦୦ ଯୋଡ଼ ମଧ୍ୟରେ ୬୫ ହଜାର ହିକମି ରୟତ ଥିବା ଅଧିକ ନୁହେଁ ଆଉ ଯଦ୍ୟପି ଏ ଜମିକ ଥିବା ମୂଲ୍ୟମାନ ପ୍ରାୟ ୫୦,୦୦୦ ଅଛନ୍ତି ଏବଂ ସବୁଭଦ୍ରଜନ ହାତମଙ୍କ କବେତନାରେ ବୃତ୍ତି ଉପରେ ଅଛି ମାତ୍ର ରେଲବେ ହେତୁ ସେମାନେ ମୂଲ ଲଗିବାର ନୂଆ ଉପାୟ ପାଇଅଛନ୍ତି ଏବଂ ଅନ୍ୟାନ୍ୟ ସ୍ଥାନରେ ଯାଇ ମୂଲ ଲଗିବାର ସୁବିଧା ହୋଇଅଛି । ବର୍ତ୍ତମାନ୍ ବନ୍ଦୋବସ୍ତ ବ ୧୫ ବର୍ଷ ସକାଶେ ମଞ୍ଜୁର ହୋଇଅଛି ଏବଂ ଏଥିରେ ସରକାରଙ୍କର ଟ ୧,୯୦,୦୦୦ ଙ୍କା ଖରଚ ହୋଇଅଛି । ଏହି ବନ୍ଦୋବସ୍ତ କାର୍ଯ୍ୟ ପ୍ରଶଂସନୀୟରୂପେ ନିର୍ବାହ କରିବା ହେତୁ ଶ୍ରୀଯୁକ୍ତ ଟେଲର ସାହେବ ଉନ୍ନତି ପାଇଅଛନ୍ତି ଏବଂ ବାବୁ ଜଗନ୍ନାଥ ଦତ୍ତ ସୁଖ୍ୟାତି ଲଭିଅଛନ୍ତି । ଖୋର୍ଦ୍ଧାର ଭାବୀ ସୌଭାଗ୍ୟ ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱର ଯେଉଁ ସୁଖସ୍ୱପ୍ନ ଦେଖୁଅଛନ୍ତି ତାହା ଭଙ୍ଗାଇବାର ଭଲ ନୁହେ । ମାତ୍ର ଚାଉଳର ଦର ବଢ଼ିବା କଥା ବର୍ଣ୍ଣନ କଲାବେଳେ ଟଙ୍କାର ଦର ଊଣା ହେବା କଥାଟା ଧରିବା ଉଚିତ ନୁହେଁ କି ? ଆଉ ନିତ୍ୟ ଲଗାହାର ସକଳ ଦ୍ରବ୍ୟର ମୂଲ୍ୟ ବଢ଼ିଥିବା ସ୍ଥଳେ ଏକା ଶସ୍ୟାଦିର ମୂଲ୍ୟ ବୃଦ୍ଧି କଥା ଧରିବା ଉଚିତ କି ? ପ୍ରକୃତରେ ଜମିଦାରୀ ମାହାଲରେ ରୟତି ଜମିର ଖଜଣା ସେତେ ବଢ଼ି ନ ଥିବା ସ୍ଥଳେ ଖାସମାହାଲର ଖଜଣା ଟଙ୍କାରେ ଟ ୦ ।୶ ବଢ଼ାଇବା ଏବଂ ବନ୍ଦୋବସ୍ତର ମିଯାଦ ୩୦ ସ୍ଥଳେ ବ ୧୫ ବର୍ଷ କରିବାଦ୍ୱାରା ପ୍ରଜାଙ୍କପ୍ରତି ଦୟାପ୍ରକାଶ ହେବା ବିଷୟରେ ମନ ମାନ୍ ନାହିଁ

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ଛୁଟିଫେରନ୍ତା ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ମନୋହର ଚକ୍ରବର୍ତ୍ତୀ ମେଦିନୀପୁରର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ପୁରୀ ଜିଲ୍ଲା ବାଣପୁର ଡାକ୍ତରଖାନାର କାର୍ଯ୍ୟ ନିର୍ବାହକ କମିଟିର ସଭ୍ୟପଦରେ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

ଜିଲ୍ଲାର ସିଭିଲସର୍ଜନ
ବାଣପୁର ତହସିଲର କାନୁନ୍‌ଗୋ
ବାବୁ ଚନ୍ଦ୍ରମଣି ପଟ୍ଟନାୟକ ସରବରାକାର
" କପିଳ ସୁରୁବି
" ମୃତ୍ୟୁଞ୍ଜୟ ମହାପାତ୍ର

ମୁନସଫ ବାବୁ ଶ୍ରୀପତି ଚଟ୍ଟୋପାଧ୍ୟାୟ କଟକ ଜଜ ସଦର ମହକୁମାର ମୁନସଫ ପଦରେ ନିଯୁକ୍ତ ହେଲେ ।

ଆଗାମୀ ପୋଲିସ ସବ୍‌ଇନସ୍ପେକ୍ଟର ପରୀକ୍ଷା ଆଗାମୀ ନଭେମ୍ବର ମାସ ତା ୫ ଓ ୭ ରିଖରେ ଗୃହୀତ ହେବ । କଟକ କେନ୍ଦ୍ର ନିମନ୍ତେ ପାଞ୍ଚଜଣ ଦରକାର ।

ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ଅଦ୍ୱୈତଚନ୍ଦ୍ର ସେନ ବାର୍କିଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

କୃଷ୍ଣନଗର କଲେଜିଏଟ ସ୍କୁଲର ୪ର୍ଥ ଶିକ୍ଷକ ବାବୁ ଅଧରଚନ୍ଦ୍ର ବାନାର୍ଜି ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ ହେଲେ, ମାତ୍ର ବର୍ତ୍ତମାନ ଚଳାଇଥିବା ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ରହିବେ ।

ଏ ସପ୍ତାହରେ ଘନ ଘନ ଝଡ଼ ଓ ନିତ୍ୟ ବୃଷ୍ଟି ହୋଇଥିବାରୁ ଅତ୍ୟନ୍ତ ବୃଷ୍ଟି ସଙ୍ଗେ ପବନ ହୋଇଥିଲା ଏବଂ ଗତ ସୋମବାର ସନ୍ଧ୍ୟାବେଳେ ଘନ ଘଡ଼ଘଡ଼ି ହୋଇ କଲିକତାଠାରୁ ପୂର୍ବଦକ୍ଷିଣରେ ଗୋଟାଏ ବଜ୍ର ଶହୀଦପରିଷ୍ଠିକୁ ଭାଙ୍ଗିପକାଇଅଛି ।

ହଠାତ୍ ବଢ଼ି ହୋଇ କାଠଯୋଡ଼ିରେ ପ୍ରାୟ ଫି ୨୪ ଟ ଜଳ ଉଠିଅଛି । ଏହା ଏବର୍ଷର ସର୍ବୋଚ୍ଚ ବଢ଼ି ଅଟେ ଏବଂ ଏଥିରେ ଷଠର ଭୟ ଅଛି ।

ଏଠା କଲେକ୍ଟରିର ଏକଟି ନହାସିଲ ଫାର୍ମିନ ହାଇକୋର୍ଟରେ ଅପିଲ କରିଥିବାର ପାଠକମାନଙ୍କୁ ଜଣାଅଛି । ସେ ଅପିଲ ସଫଳ ହୋଇଅଛି । ହାଇକୋର୍ଟଙ୍କ ବିଚାରରେ ଦଣ୍ଡବିଧି ଅଇନ ଅନୁସାରେ ବିଶ୍ୱାସ ଘାତକତା ଦୋଷ ତାହାପ୍ରତି ଘଟିଲା ନାହିଁ ।

ଅସ୍ମାଙ୍କର ମାନନୀୟ କଲେକ୍ଟର ସାହେବ ଯାଜପୁର ସବ୍‌ଡିଭିଜନ ଦୌରାରେ ଗମନ କରିଅଛନ୍ତି ।

ଚଳିତ ବର୍ଷର ମାଇନର ଭର୍ଣ୍ଣାକ୍ୟୁଲାର ଓ ଉପର ପ୍ରାଇମେରୀ ପରୀକ୍ଷାମାନ ଏହି ସପ୍ତାହର ଆରମ୍ଭ ଓ ଶେଷ ହୋଇଅଛି ।

ଖୋର୍ଦ୍ଧା ସବ୍‌ଡିଭିଜନାଲ ଅଫିସର ହେଡ଼ କ୍ଲର୍କ ଓ ସିରସ୍ତାଦାର ପଦରେ ଏଠା କମିଶ୍ନର ଅଫିସର ଲ୍ୟାଣ୍ଡ ଅକୁଇଜିସନ କିରାଣୀ ବାବୁ ଦେବେନ୍ଦ୍ରନାଥ ଦାସ ନିଯୁକ୍ତ ହୋଇ ଅଛନ୍ତି ।

Digitized by srujanika@gmail.com

Split by PDF Splitter



ମୃତ କୁମାର ଦେବେନ୍ଦ୍ରନାଥ ପଣ୍ଡିତଙ୍କର ଶୋଚନୀୟ ଆତ୍ମହତ୍ୟାମୂଳ ନ ମିଳିବାରୁ ବାବୁ ବିହାରୀଲାଲ ପଣ୍ଡିତ କୁମାରଙ୍କର ଜଣେ ଘରର ଚାକର ଉପରେ ସନ୍ଦେହ କରି ପୁଲିସରେ ଧରାଇଲେ । ସ୍ୱଳ୍ପମୂଲ୍ୟ ମିଳିଲା ନାହିଁ ମାତ୍ର ତାହାର ଭଣ୍ଡାର ଝାଡ଼ିର ଉପସ୍ଥିତ କରି ... ଲୁଗା ବାହାରକର ପୁଲିସ ତାହାକୁ ଗୃହନ ଦେଲେ । ... ନିକଟରୁ ଜାଣିବ ପାଇଥିଲା । ମାତ୍ର ... ତାହାକୁ କଠିନ ପରିଶ୍ରମ ସହିତ ... ଦଣ୍ଡ ଦେଲେ ।

ଗତ ଗୁରୁବାର ... [illegible]

[illegible]

ପତ୍ରପ୍ରେରକଙ୍କ ସ୍ତମ୍ଭ ।

ଲୋକଙ୍କର ଅନ୍ତର୍ଗତ ... ଉଲ୍ଲେଖ ... ଅଗ୍ରାହ୍ୟ ହେଲା ।

ଶ୍ରୀ ମଦନମୋହନ ଚୌଧୁରୀ — ... ପଣ୍ଡା ଶ୍ରୀ ବିନୋଦବିହାରୀ ଠାକୁରଙ୍କ ମନ୍ଦିରରେ ସେବାଏତ ଶ୍ରୀ ଲକ୍ଷ୍ମୀନାରାୟଣ ... ସହିତରେ ଶୋଭିବ ସଙ୍କୀର୍ତ୍ତନ ଦଳ ପ୍ରସ୍ତୁତ ହୋଇଅଛି ଯେ ... ୨୧ ଜଣ ଅଛନ୍ତି

ଏବଂ ବେହେଲା ସିତାର ହାରମୋନିୟମ ମୃଦଙ୍ଗ ପ୍ରଭୃତି ବାଦ୍ୟ ଯନ୍ତ୍ର ବ୍ୟବହାର ପୂର୍ବକ ସୁନ୍ଦର କୀର୍ତ୍ତନ କରିବାର ଶିଖିଅଛନ୍ତି ।

ଶ୍ରୀ ହରନାଥ ସାନ୍ୟାଲ ଅମ୍ବାଲା — ... ଜଣେ ... ବାଳିକା ... ଶିକ୍ଷା କରିବା କାରଣ ମୟୂରଭଞ୍ଜର ମହାରାଜା ମାସିକ ସାହାଯ୍ୟ ଦେବାକୁ ସମ୍ମତ ହେବାରୁ ମହାରାଜାଙ୍କର ଗୁଣ କୀର୍ତ୍ତନ ଓ କୃତଜ୍ଞତା ପ୍ରକାଶ କରଅଛନ୍ତି ।

## ମୂଲ୍ୟ ପ୍ରାପ୍ତି ।

| | |
|---|---|
| ଶ୍ରୀ ବାବୁ ... ପଣ୍ଡା ... | [illegible] |
| " ... ମିଶ୍ର ... କେନ୍ଦୁଝର | [illegible] |
| " ... ଶାଳପୁର | [illegible] |
| " ... ଧର୍ମଶାଳା | [illegible] |
| " ... | [illegible] |
| " ... | [illegible] |
| " ... ହରନାଥ ... | [illegible] |
| " ... | [illegible] |
| " ... | [illegible] |
| " ... ମହାପାତ୍ର | [illegible] |
| " ... କେନ୍ଦୁଝର | [illegible] |
| " ... ଶୀଘ୍ର ... | [illegible] |
| " ... ମହାରଣା ... | [illegible] |
| " ... ଚୌଧୁରୀ ... | [illegible] |
| " ... | [illegible] |
| " ... ମାହାଙ୍ଗା | [illegible] |

## ବିଜ୍ଞାପନ ।

**A LECTURE**
**In English**

in connection with the "chhatra Samaj."

Lecturer— Babu Madhusudan Rao

Subject— The grandest thought of the human mind.

Time— 5 P. M. on Saturday the 22nd instant

Place— Cuttack Brahmo samaj hall. English knowing gentlemen are cordially invited to attend.

Cuttack 20-9-1900. } CHINTAMANI ACHARYA, Secretary.

Digitized by srujanika@gmail.com

Split by PDF Splitter




# FOR SALE.

Handsome pair of sixteen branch cut glass chandeliers. Suitable for Rajahs palace. Cost £ 100 at first class London house. Price Rs. 1000 or offer.

JAMES TAYLOR,
BOROHENA.

---

## ବିଜ୍ଞାପନ ।

ଉତ୍କଳସ୍କୁଲମାନଙ୍କର ଛାତ୍ରମାନଙ୍କର ଏକାନ୍ତ ପାଠ୍ୟୋପଯୋଗୀ ସୁଲଭ ମୂଲ୍ୟର

## ଜ୍ୟାମିତିକଳିକା ।

ଏହା ୨୬ଟି ପ୍ରଭକ୍ଷରେ ସମାପ୍ତ । ଏହା ସରଳ, ସୁବୋଧ୍ୟ, ଓ ସୁକୌଶଳ ପୂର୍ଣ୍ଣ ପୁସ୍ତକ ଆଜଯାଏ ମୁଦ୍ରିତ ହୋଇ ନ ଥିଲା ।

### ମୂଲ୍ୟ ତିନିଅଣା ମାତ୍ର ।

କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

କାଳୀଗଳି }
କଟକ } ଶ୍ରୀ ଶଶିଭୂଷଣ ରାୟ ।


---

## NOTICE.

Wanted a Head Clerk for this office temporarily for 3 months on a salary of Rs. 25 per mensem. There is every hope of the post being permanently filled up as the permanent incumbent goes to Darapalla as the Head clerk of the Raj office there and has every reason to stick to his new post. The Head clerk of this office remains in charge of the post office here and gets an extra remuneration of Rs. 5 per mensem. This is an advantage which will be enjoyed by the new Head clerk if he can furnish security up to Rs 300.

None need apply who are not under-graduates and have no thorough official training in clerical business. Applications with testimonials will be received by the undersigned up to the 30th current.

Pal Lahara, Manager's office, Dated the 11th September 1900 } BHABAGRAHI BISWAL
*Manager*

---

## NOTICE.

TENDERS are hereby invited for the construction of a Visitors' Room at the Garh on the Madhupur Wards' Estate, Cuttack District, at an approximate cost of Rs. 6500.

Intending tenderers can obtain all information from the District Engineer's Office, Collectorate, Cuttack, where plan, quantities, estimate, &c. can be seen during office hours.

Tenders will be on District Board's Form No. 2—"Collector of Cuttack" being substituted for "District Board." These forms will be supplied free of charge on application.

Tenders to be submitted to the District Engineer before the 25th October 1900 in sealed covers superscribed, "Tender for Visitors' Room, Madhupur Garh."

Rs. 200 in currency notes must accompany each tender.

The General Specification of Works, Orissa Circle, will be in force.

The Collector of Cuttack does not bind himself to accept the lowest or any tender.

Date of commencement of work, November 1900.

Date for completion, 15th June 1901.

Sd. LOUIS R. DESGRATOULET
*District Engineer, Cuttack.*

CUTTACK DISTRICT ENGINEER'S OFFICE,
*Dated 9th September 1900.*

---


## ବିଜ୍ଞାପନ ।

## ଯାଦୁତି ଅବ୍ୟର୍ଥ ମହୌଷଧ

ମୂଲ୍ୟ ଛୋଟ ଡବା ଟ ୦ ।୵ ଛ ଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଗୁଡ଼ ଅଣା ମାତ୍ର ।

ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ପୂର୍ଣ୍ଣ ଜ୍ୱାଳା ଯନ୍ତ୍ରଣା ନିବାରକ ଅଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାନଙ୍କୁ ପୃଷ୍ଟାପୂର୍ବକ ୨ ୨ ନାମ, ଧାମ, ଡାକଘର, ଜିଲା ଏବଂ କାହାର କେତେ ଡବା ଔଷଧ ଅବଶ୍ୟକ ନ ଲେଖିଲେ ଔଷଧ ପଠାଇବାରେ ନାନା ବିଘ୍ନ ଉପସ୍ଥିତ ହୁଏ ।

ଶ୍ରୀପୂର୍ଣ୍ଣଚନ୍ଦ୍ର
ଭାଇକ ସେନ
ହୁଲ ଷ୍ଟ୍ରୀଟ, ବାଲେଶ୍ୱର


---

## ବିଜ୍ଞାପନ ।

ଅତ୍ର ଷ୍ଟେଟରେ ଇଂରାଜୀ ଶିକ୍ଷା ଦେବା ନିମନ୍ତେ ଦଶକଣ ଲାଇସେନ୍ସ ଭେକ୍ସିନେଟର ଓ ସେମାନଙ୍କ କାର୍ଯ୍ୟ ତତ୍ତ୍ୱାବଧାରଣ କରିବା କାରଣ ଏକଜଣ ହେଡ଼ ଭେକସିନେଟର ମାସିକ ତ ୭ ୧ କା ବେତନ ଓ ଟ ୨ ୧ କା ଗସ୍ତ ଭତ୍ତାରେ ଅବଶ୍ୟକ । ଯେଉଁମାନେ ଉକ୍ତ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବେ ସେମାନେ ଆପଣା୨ ପ୍ରଶଂସା ପତ୍ର ସହିତ ଚଳିତ ମାସ ତା ୨୦ ଇଖ ମଧ୍ୟରେ ଆବେଦନ କରିବେ ।

Manager's office Talcher Dated the 4th September 1900 } D. Patnaik
*Manager*

---


## ବିଜ୍ଞାପନ ।

### ନୂତନ ପୁସ୍ତକ ।

ଶ୍ରୀରାମଶଙ୍କର ରାୟଙ୍କ କୃତ

## ବିଷମୋଦକ ।

### ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଛ ଅଣା ମାତ୍ର ।

---

## ବିଜ୍ଞାପନ ।

### ନୂତନ ପୁସ୍ତକ ।

ନୃସିଂହପୁରାଣ ପ୍ରଥମ ଭାଗର ମୂଲ୍ୟ ଟ ୦ ୧।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହେଉଅଛି ।

ଅଧ୍ୟାତ୍ମରାମାୟଣ (ଜଗଧରପଟ୍ଟନାୟକକୃତ ) ଟ ୨୧

ବୁଦ୍ଧାଭେଦ ଟ ୦ ୵

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*


Digitized by srujanika@gmail.com

## ବିଜ୍ଞାପନ

ସୁପ୍ରସିଦ୍ଧ କବିରାଜ ଏସ୍, ଲ, ପାଲଙ୍କର
ଜଗତ୍ ବିଖ୍ୟାତ ପାଗ୍ଲ ସଂହାରକ ଓ ଘାଉ,
ଚର୍ମ୍ମ ରୋଗ ନାଶକ,

### ଚନ୍ଦ୍ରେଶ୍ୱର-ତୈଳ ।

ସମସ୍ତ ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, କେବେ ବ୍ୟବହାର କଲନ୍ତି, ଏପରି ଜଟିଲ ଓ କ୍ଷୁଦ୍ର ଗୁଣି ରୋଗ-ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଶାରୀର ଓ ଅନ୍ତରିସ୍ଥ ପାଣ୍ଡି, ପାଶ୍ୱର ଘା, ଗାଏ ଫଟା, ଖଡ଼ି ଓ ଖୋଲିସ ଉଠା, ଗାତ୍ରବାଦ, ବେଦନା ଓ ଦାଉ ଏବଂ ସର୍ବପ୍ରକାର ଘାଉ ଓ ଉପଦଂଶ ବିଷ ଏବଂ ଘାଉଆଦ ରୋଗ ସମୂଳେ ନିର୍ମ୍ମୂଳକାରକ ଓ ଦେହ ମସୃଣ ଉଜ୍ଜ୍ୱଳ କାନ୍ତି ପ୍ରଦାୟକ । ମୂଲ୍ୟ ଛୋଟ ଶିଶି ଟ ୧। ଡାକମାଶୁଲ ଟ ୦ ।୵୶ ବଡ଼ଶିଶି ଟ ୨୧ ମାଶୁଲ ଟ ୧୵୶

ସର୍ବପ୍ରକାର ଜଟିଲ ରୋଗ ନାଶକ ।

### ଚନ୍ଦ୍ରପାଣି-ସାଲସା ।

ଏହାର ଗୁଣରେ, ବିଶେଷ ଅଧିକ କ କହିବା ଡାକ୍ତରଅବ ଚିକିତ୍ସକଗଣ, ରୋଗ ବିଶେଷରେ ଏହି ମହୌଷଧ ପ୍ରିସ୍କ୍ରିପ୍‌ସନରେ ବ୍ୟବସ୍ଥା କରୁଅଛନ୍ତି । ଏହା ଦେଶୀ ଗଛ ଉଦ୍ଭିଦରେ ପ୍ରସ୍ତୁତ, ସେବନରେ କୌଣସି ଧରା ନିୟମ ପାଳନ କରିବାକୁ ହୁଏ ନାହିଁ, ଅଥଚ ଅନ୍ୟ ସକଳଇଙ୍ଗଲିସ ସାଲସା ଅପେକ୍ଷା ଶୀଘ୍ର ଫଳଦାୟକ ଏବଂ ସର୍ବପ୍ରକାର ଜଟିଳ ଓ ପୁରାତନ ରୋଗର ଧନ୍ୱନ୍ତରି ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁକ୍ଷୀଣ, ଅମ୍ଳ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ବାତ, ସମ୍ପୂର୍ଣ୍ଣ ବୃଦ୍ଧ ବ୍ୟସର ଶୀଘ୍ରତାର ବାଧକ, ପ୍ରଦର ଉତ୍ତାପବାତ, ବନ୍ଧ୍ୟା, ମୂତ୍ରକୃଚ୍ଛ୍ର ଦୋଷ ଆଦି ସମୂଳରେ ନିର୍ମ୍ମୂଳକାରକ ଓ ଦୂଷିତ ରକ୍ତ ପରିଷ୍କାରକ । ମୂଲ୍ୟ ଏକ ଶିଶି ଟ ୧। ମାଶୁଲ ଟ ୦।୵୶ ଦୁଇଶିଶି ଟ ୨। ମାଶୁଲ ଟ ୧୵୶ ତିନଶିଶି ଟ ୩। ମାଶୁଲ ଟ୧୵୶, ୬ ଶିଶି ଟ ୬।୧ ମାଶୁଲ ଟ ୨।୵୶

### ଉତ୍କଟ ଦମା ଓ କାସ ରୋଗର ମହୌଷଧ ।

ଏହା ସେବନ କଲେ ସକଳପ୍ରକାର କାସ, କଫକାସ, କ୍ଷୟକାସ, ରକ୍ତଯୁକ୍ତ କାସ, ଶୁଷ୍କକାସ, ଶୀତକାସ, ଓ ବିବିଧ ଉପସର୍ଗ ଯୁକ୍ତ କାସ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ଉତ୍ତର ବୃଦ୍ଧରେ ଶ୍ଲେଷ୍ମାବଦ୍ଧ, ଗଳା ସାଇଁ ସାଇଁ ଘଡ଼ଘଡ଼, ସନସନ, ବେଦନା ଭିତର, ମୁଖରେ ଜଳ, ଅରୁଚି, କୋଷ୍ଠବଦ୍ଧ, ଅମ୍ଳ, ଅଜୀର୍ଣ୍ଣ, ଶୋଥଆଦି ଉପସର୍ଗ ସକଳ ତିରୋହିତ ହୁଏ । ମୂଲ୍ୟ ଛୋଟ କୌଟା ଟ ୧୧ ବଡ଼ କୌଟା ଟ ୧।୵ ମାଶୁଲ ଟ ୦।୵। (ଅସଂଖ୍ୟ ପ୍ରଶଂସାପତ୍ର ଜାଣିବ ।)

ନଂ ୯୭ ନମ୍ବର ଦୁର୍ଗାଚରଣ ମିତ୍ରଙ୍କ ଷ୍ଟ୍ରିଟ,
ବାଗ୍‌ବାଜାରପାଡ଼ା, କଲିକତା ।
ଏସ୍, ଲି, ପାଲଙ୍କ ଔଷଧାଳୟରେ ପ୍ରାପ୍ତବ୍ୟ ।




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧକ କରେ । ଏହାଦ୍ୱାରା କେଶର ଗୋଡ଼ି ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମ୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥାକ୍ରମେ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍‌ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍ତମ ପ୍ରକାର ଏସେନ୍‌ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଶ୍ୱେତୋଲି; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମହିକା; ବେଲଗୋଲାପ; ହ୍ୱାଇଟ୍ ରୋଜ୍; ବସରା ରୋଜ୍; ବେଣାଭେର; ଲୁମୁକସି; ମିଣ୍ଟକୁସୁମ; ହେନାକୁସୁମ; ପାରିଜାତକୁସୁମ; ଇଣ୍ଡୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

ବମ୍ବୁଶ୍ରୀ ଲ୍ୟାଭେଣ୍ଡର [illegible] । ଲ୍ୟାଭେଣ୍ଡର ଓ୍ୟାଟର କଲିକତା [illegible], ଶାଢ଼େଶି ଚାରିଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁଗନ୍ଧି ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଉଭୟ ମିଶାଇଦେଲେ ଗୁଣ୍ଡି ମନୋହର ହେବ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

### ସରବତ ଅଥବା ସିରପ୍ ।

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଜଳ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଜିଞ୍ଜର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍ଡେନ ସିରପ୍ ଏକଟଙ୍କା ।

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯିବ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଲିକା ବିନା ମୂଲ୍ୟରେ ପଠାଯିବ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ ନଂ ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵୶ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ହାର ଟ ୦ ୧ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ହାର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ରିକା କଟକ [illegible] ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା

ଭାଗ ୩୬ ଭାଗ
୪୩ ସଂଖ୍ୟା
ତା ୧୩ ତଣ ମାହେ ଅକ୍ଟୋବର ସନ ୧୯ ... ଶନିବାର । ମା ୧୫ ନ ଅଙ୍କ ସନ ୧୩୦୮ ସାଲ ଶନିବାର
ଅଗ୍ରୀମ ୪ ୩୧
ପଶ୍ଚାଦ୍ଦେୟ ୪୬୯

ଦୁର୍ଗାପୂଜା ଶେଷ ହେଲା । ଆମ୍ଭମାନଙ୍କର ମଧ୍ୟ ଛୁଟି ଶେଷ ହେଲା । ଆମ୍ଭେମାନେ ପୁନର୍ବାର କାର୍ଯ୍ୟରେ ଉପସ୍ଥିତ ହୋଇ ଆମ୍ଭମାନଙ୍କର ପ୍ରିୟ ଗ୍ରାହକ ଅନୁଗ୍ରାହକ ଓ ପାଠକମାନଙ୍କୁ ଯଥାବିଧି ଅଭିବାଦନ କରୁଅଛୁଁ । ଭରସା କରୁଁ ସମସ୍ତେ ଅମ୍ଭମାନଙ୍କ ପ୍ରତି ପୂର୍ବବତ୍ ସହାନୁଭୂତି ପ୍ରଦର୍ଶନ କରି ପ୍ରୋତ୍ସାହିତ କରିବାରେ ତ୍ରୁଟି କରିବେ ନାହିଁ ।

———

ଜନକଲ୍ସନ ନାମକ ଜଣେ ସାହେବ ଗୋଟିଏ କୃତ୍ରିମ ଜାଳ ପ୍ରସ୍ତୁତ କରିଥିବାର ଏବଂ ସେ ଜାଲରୁ ହାତରେ ପକାଇଲେ ବର୍ଷାମାନେ ଶୁଣି ପାରୁଥିବା ମର୍ମରେ ଏକ ବିଜ୍ଞାପନ କୌଣସି ସମ୍ବାଦପତ୍ରରେ ପ୍ରକାଶ ହୋଇଥିବାର ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଥିଲୁଁ ଏବଂ କେତେକ କାଳ ତାହାର ଅନୁସନ୍ଧାନରେ ଥିଲେ । ସମ୍ପ୍ରତି କଲିକତାର ଷ୍ଟେଟ୍ସମ୍ୟାନ ନାମକ ସମ୍ବାଦପତ୍ରରୁ ସର୍ବସାଧାରଣ ଅବଗତ ହୋଇଅଛନ୍ତି ଉକ୍ତ ଜନକଲ୍ସନ ଜଣେ ଠକ ଏବଂ କଳାଚରେ ପ୍ରତାରଣାପୂର୍ବକ ଅର୍ଥ ଉପାର୍ଜନ କରିବା ଲୋକ ଜଣାଯାନ୍ତି ବୋଲି କହନ୍ତି । ଏହିପ୍ରକାର ବିଜ୍ଞାପନ ପ୍ରତି ଲୋକଙ୍କର ସାବଧାନ ହେବା ନିତାନ୍ତ ଆବଶ୍ୟକ ।

———

ମା ଜଗଦ୍ଜନନୀଙ୍କ କୃପାରୁ ସମସ୍ତେ ପୂଜା ଶୁଭବଶତଃ ସୁସମ୍ପନ୍ନରେ ସମାପ୍ତ କଲେ । ପୂଜା ପୂର୍ବରେ ଅତିବୃଷ୍ଟି ଓ ବନ୍ୟା ହେତୁ ସମସ୍ତଙ୍କର କଷ୍ଟ ହୋଇଥିଲେ ହେଁ ମା କୃପାମୟୀଙ୍କ ଅନୁଗ୍ରହରୁ ପୂଜା ଆରମ୍ଭର ଅବ୍ୟବହିତ ପୂର୍ବରୁ ମେଘାଚ୍ଛନ୍ନ ଆକାଶ ସୁନିର୍ମଳ ହେବାରୁ, ଦର୍ଶକ ଓ ପଥିକମାନେ ସଦାନନ୍ଦରେ ଗମନାଗମନ କରିବାକୁ ସକ୍ଷମ ହୋଇଥିଲେ, କେବଳ ରେଲବାଟ ଜଳପୂର୍ଣ୍ଣ ଓ ସ୍ଥାନେ ସ୍ଥାନେ ବାଟ ଖାଇ ହୋଇ ଯାଇଥିବାରୁ କଲିକତାଠାରୁ କଟକ ଆସିବା ରେଳର ଗତାୟାତ ବନ୍ଦ ହୋଇ ଯାଇଥିଲା; ଯାହାହେଉ ପରିଶେଷରେ ବାଲେଶ୍ୱର ପର୍ଯ୍ୟନ୍ତ ରେଲଗାଡ଼ି ସପ୍ତମୀ ପୂର୍ବରୁ ଚାଲିବାରୁ ଅନେକ ଲୋକଙ୍କ ଅସୁବିଧା ଦୂରୀଭୂତ ହୋଇଥିଲା । ମାଙ୍କ ପୂଜା ନିର୍ବିଘ୍ନରେ ସମାପ୍ତ ହେଲା ସତ୍ୟ କିନ୍ତୁ ଦଶହରାଦିବସ ରାତ୍ରିରୁ ପୁଣି ବାତ୍ୟାସହ ବୃଷ୍ଟି ଆରମ୍ଭ ହୋଇଥିଲା, ତଦ୍ୱାରା ମୋଫସଲରେ ଯେଉଁ ଦୁରବସ୍ଥା ହୋଇଥିବ ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ କିନ୍ତୁ ସହରରେ ସବୁ ଲୋକେ ବାହାରିବାର ଦୁର୍ଘଟ ହୋଇଥିଲା । ମାଙ୍କ ଶୁଭାଗମନରେ ଯେପରି ବୃଷ୍ଟି ଓ ପବନ ଗମନରେ ମଧ୍ୟ ତଦନୁରୂପ ହୋଇଅଛି । ଇଚ୍ଛାମୟୀଙ୍କର କି ଇଚ୍ଛା ତାହା ବୁଝିବା ଦୁଃସାଧ୍ୟ ।

———

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କର ଅସନ୍ତା କାର୍ତ୍ତିକ ଓ ମାର୍ଗଶିର ମାସର ଭ୍ରମଣ ଅଧିକାଂଶ ଦକ୍ଷିଣ ଭାରତରେ ହେବ ଏବଂ ସେ ଅଞ୍ଚଳରେ କେତେକ ଦେଶୀୟ ରାଜ୍ୟମାନ ପରିଦର୍ଶନ କରିବେ । ଯେଉଁ ଭାଗ୍ୟବାନ୍ ରାଜାଙ୍କ ରାଜ୍ୟରେ ଲାଟ ମହୋଦୟ ପଦାର୍ପଣ କରିବେ ସେମାନେ ତାହାଙ୍କର ଉଚିତ ଅଭ୍ୟର୍ଥନା ନିମନ୍ତେ ଆଜନ୍ତୁ ବ୍ୟସ୍ତ ହେଲେଣି । ଅନ୍ୟାନ୍ୟ ରାଜ୍ୟ ମଧ୍ୟରେ ତ୍ରିବାଙ୍କୁଡ଼ର ଦରବାର ୫ ଲକ୍ଷ ଟଙ୍କା ବରୋଦା ଦରବାର ୪୬୦,୦୦୦ ଟଙ୍କା ଏବଂ କୋଚିନର ଦରବାର ୮୮୦,୦୦୦ ଟଙ୍କା ବ୍ୟୟ କରିବାର ସ୍ଥିର କରିଅଛନ୍ତି । ସଦାମାନ୍ୟ ଲାଟ ମହୋଦୟ ସେ ଜନ ଦେଶୀୟ ରାଜାଗଣଙ୍କ ମିତବ୍ୟୟିତାର ଉପଦେଶ ଦେଇଥିବା ସ୍ଥଳେ ତାହାଙ୍କ ପକ୍ଷେ ତାହାଙ୍କ ଅଭ୍ୟର୍ଥନାରେ ଏତେ ଟଙ୍କା ବ୍ୟୟର କଳ୍ପନା ଶୁଣି ସେ ଅବଶ୍ୟ ଦୁଃଖିତ ହେବେ ଏବଂ ତାହା ନିବାରଣର ଚେଷ୍ଟା କରିବେ ବୋଲି କେହି୨ ଆଶା କରନ୍ତି । ମାତ୍ର ଆମ୍ଭେମାନେ ଆଶା କରୁଁ କି ଯେଉଁ ରାଜାର ଯେମନ୍ତ ବିଭବ ସେ ତଦୁପଯୁକ୍ତ ଆଡ଼ମ୍ବର ସହିତ ଶ୍ରୀମତୀ ଭାରତେଶ୍ୱରୀଙ୍କର ପ୍ରତିନିଧିଙ୍କୁ ସମ୍ମାନ କରି ନ ପାରିଲେ ତଦାତ ସୁଖୀ ହେବେ ନାହିଁ ବରଂ ଅପମାନ ବୋଧ କରିବେ । ଆଉ ଯେଉଁ ଟଙ୍କା ତହିଁରେ ବ୍ୟୟ ହେବ ତାହା ତଦ୍ଦେଶୀୟ ଦ୍ରବ୍ୟବାନ୍ ଲୋକଙ୍କ ପକ୍ଷରେ ଖରଚ ନ ହେଲେ ଅସମ୍ଭବ ବୋଲି ବିଚାରିବା ନାହିଁ । ଧନାଢ୍ୟ ଲୋକ-

Digitized by srujanika@gmail.com

Split by PDF Splitter



ଙ୍କର ଭୃତ୍ୟବାବଦର ବ୍ୟୟ ବାହୁଲ୍ୟ ଅନେକ କ୍ଷମତାବନ୍ତଙ୍କର ପ୍ରତିପୋଷଣ ଏବଂ ଉନ୍ନତିର ଉପାୟ ଅଟେ ଏବଂ ତହିଁରେ ଦେଶର ଲାଭ ହେବା ଅସମ୍ଭବ ନାହିଁ।

---

ନାନା ସ୍ଥାନରେ ଦୁର୍ଭିକ୍ଷ ହେତୁ ଏତେଦିନ କ୍ଷେତର ଖବର ପଡ଼ିଥିଲା ସେ ଖବରକାଗଜରୁ ସମ୍ପୂର୍ଣ୍ଣରୂପେ ଖଣ୍ଡନ ହେବା ପୂର୍ବରୁ ଲୁଗାର ଖବର ଏକ ମାସରୁ ଅଧିକ ହେଲା ଉପସ୍ଥିତ ହୋଇଅଛି ଏବଂ ବଜାରରେ ଲୁଗାର ମୂଲ୍ୟ ବଢ଼ି ଯାଇଅଛି। ତହିଁର କାରଣ କାର୍ପାସର ଦୁର୍ମୂଲ୍ୟ। ବର୍ତ୍ତମାନ କାଳରେ ଅମ୍ଭମାନଙ୍କର ଦେହ ରକ୍ଷା ଓ ଲଜ୍ଜା ନିବାରଣର ପ୍ରଧାନ ଉପାୟ ବିଲାତି ଲୁଗା ହୋଇଅଛି। ଆମେରିକାରୁ ତୁଳା ଆମଦାନି କରି ବିଲାତର କଳବାଲାମାନେ ସୂତା ଓ ଲୁଗା ପ୍ରସ୍ତୁତ କରନ୍ତି। ଆମେରିକାରେ ଏ ବର୍ଷ କପା ଖୁବ ଭଲ ହୋଇ ନାହିଁ ଏବଂ ସେଠାର ତୁଳା ବେପାରୀମାନେ ଧର୍ମଘଟ କରି ତୁଳାର ମୂଲ୍ୟ ଅତ୍ୟନ୍ତ ବଢ଼ାଇ ଦେଇଅଛନ୍ତି। ଏହା ଛଡ଼ା ଯଦି ମାର୍କିନ ରାଜ୍ୟର ଏକ ପ୍ରଦେଶରେ ଘୋର ତୋଫାନ ହୋଇ ଅନ୍ୟାନ୍ୟ ଜିନିଷ ମଧ୍ୟରେ କପା କ୍ଷେତ ପ୍ରାୟ ସମସ୍ତ ଧୋଇ ନେଇଅଛି। ମିଶର ଦେଶରେ ତୁଳାର ଦର ବୃଦ୍ଧି ହୋଇଅଛି ଏବଂ ଭାରତରେ ଏ ବର୍ଷ କପା ଖୁବ ଭଲ ହେବାର ଆଶା ନାହିଁ। ଫଳତଃ ସର୍ବତ୍ର ତୁଳାର ମୂଲ୍ୟ ବୃଦ୍ଧି ହୋଇଅଛି ଏବଂ ଚୀନ ଯୁଦ୍ଧ ହେତୁ କଳଲୁଗା କାଟତି ମଧ୍ୟ ଅନେକ ଊଣା ପଡ଼ିଅଛି। ଏଥିପାଇଁ ବିଲାତ ଓ ଭାରତ ସୂତା ଓ ଲୁଗା ପ୍ରସ୍ତୁତ କରିବାର କଳବାଲାମାନେ ମହା ବିପଦରେ ପଡ଼ି କେହି କେହି ଏକାବେଳେ କଳ ବନ୍ଦ କରିଅଛନ୍ତି ଏବଂ କେହି କେହି ଅଳ୍ପ ସମୟ କଳ ଚଳାଇବାର ବ୍ୟବସ୍ଥା କରିଅଛନ୍ତି। ଅବଶ୍ୟ ଅଳ୍ପ ଦିନ ଯାଏ ଏହିପରି ଚଳିଲେ ଉଚିତ ନୁହେ ମାତ୍ର କଳ କାରଖାନା ସ୍ଥଗିତ ନ ରହିଲେ ଅନେକ ମଜୁରିଆଙ୍କର ମଜୁରି ବନ୍ଦ ହେବ ଏବଂ ସେମାନଙ୍କର କଷ୍ଟ ସୀମା ନ ହେବ ନାହିଁ।

---

ସନ ୧୮୯୮।୯୯ ସାଲରେ ଓଡ଼ିଶାର ବନ୍ଦରମାନଙ୍କର ଆୟ ଟ ୧୮,୯୦୬୯ ଙ୍କା ଥିଲା ମାତ୍ର ସନ ୧୮୯୯।୧୯୦୦ ସାଲର ଆୟ ଟ୧୦,୧୧୪ଙ୍କା ହୋଇଥିଲା। ଅର୍ଥାତ୍ ଟ ୮,୭୯୧ ୯ ଙ୍କା ଊଣା ପଡ଼ିଲା। ଓଡ଼ିଶାର ସମସ୍ତ ବନ୍ଦରର ଆୟ ଊଣା ପଡ଼ିଲେହେଁ କଟକଜିଲ୍ଲାର ଏକମାତ୍ର ବନ୍ଦର ଫଲସପଏଣ୍ଟର ଆୟ ସର୍ବାପେକ୍ଷା ହ୍ରାସ ହୋଇଅଛି। ତହିଁର କାରଣ ଏହି କି ଅନ୍ୟାନ୍ୟ ବର୍ଷ ଯେଉଁ ସେ ବାଟରେ ଚାଉଳ ରପ୍ତାନି ହୋଇ ନାହିଁ। ମଧ୍ୟପ୍ରଦେଶ ଏବଂ ଅନ୍ୟାନ୍ୟ ସ୍ଥାନରେ ଦୁର୍ଭିକ୍ଷ ପଡ଼ିବାରୁ ଓଡ଼ିଶାର ଚାଉଳ ରେଲବାଟେ ସେ ସମସ୍ତ ଅଞ୍ଚଳକୁ ଚାଲିଯାଇଥିଲା ଏବଂ ପୁରୀ ଓ ବାଲେଶ୍ୱରର ଚାଉଳ ମଧ୍ୟ ସେହି ବାଟେ ଚାଲିଯାଇଥିଲା। ସୁତରାଂ ବଣିକର କମ୍ପା ପୁରୀକୁ ଜାହାଜ ଆସିବାର ଏକପ୍ରକାର ବନ୍ଦ ହୋଇଥିଲା କେବଳ ଚାନ୍ଦବାଲି ଓ କଲିକତା ମଧ୍ୟରେ ଚାରି ଜାହାଜ ଯିବା ଆସିବା ଲାଗିଥିବାରୁ ସେ ବାଲେଶ୍ୱର ଜିଲ୍ଲାର ବନ୍ଦରମାନଙ୍କର ଆୟ ବିଶେଷ ଊଣା ହୋଇ ନାହିଁ। ଫଳତଃ ବନ୍ଦର ଆୟ ଊଣା ହେବାର ପ୍ରଧାନ କାରଣ ରେଲବେ ଅଟେ ଏବଂ ତାହା ଯେତେବେଳେ ଚିରସ୍ଥାୟୀ ହେଲେବେଳେ ବନ୍ଦରର ଅଥବା ଅନ୍ୟ ବନ୍ଦରମାନଙ୍କର ଆୟ କେବେ ପୂର୍ବପରି ହେବାର ଆଶା ନାହିଁ। ମାତ୍ର ଓଡ଼ିଶାର ବନ୍ଦରମାନଙ୍କର ନିଯୁକ୍ତ ବ୍ୟୟ ଊଣା ନ ହୋଇ ବରଂ ବୃଦ୍ଧି ରୂପରେ ଅଛି। ବର୍ତ୍ତିତ ବର୍ଷର ବ୍ୟୟ ଟ ୨୩,୨୬୨୯ ଙ୍କା ଅର୍ଥାତ୍ ତହିଁ ପୂର୍ବବର୍ଷଠାରୁ ଟ ୩୮୦ ୯ ଙ୍କା ଅଧିକ ଥିଲା। ଅତଏବ ଦେଖାଯାଏ ଯେ ବନ୍ଦର ମହକୁମା ଇତ୍ୟାଦିରେ ଯେ ପରିମାଣ ଟଙ୍କା ବର୍ତ୍ତମାନ ଖରଚ ହେଉଅଛି ତାହା ସ୍ଥିର ରଖିଲେ ସରକାରଙ୍କୁ ବାର୍ଷିକ ଅନେକ ଟଙ୍କା ସାହାଯ୍ୟ କରିବାକୁ ବାଧ୍ୟ ହେବେ। ଓଡ଼ିଶାର ବନ୍ଦରମାନଙ୍କୁ ଆସିଥିଲା ଗତବର୍ଷ ୬୩୪ ଜାହାଜ ଏବଂ ଏ ବର୍ଷ ୩୧୧ ଜାହାଜ। ଚାନ୍ଦବାଲି ଓ କଲିକତା ମଧ୍ୟରେ ଗତବର୍ଷ ୧,୮୫,୬୩୬ ଏବଂ ଏ ବର୍ଷ ୧,୦୬,୩୭୪ ଲୋକ ଯାତାୟାତ କରିଥିଲେ। ଏଥିରୁ ପାଠକମାନେ ବୁଝି ପାରିବେ ରେଲବେ ଯୋଗେ ଜାହାଜ ଚାଲିବାର କେମନ୍ତ ବାଧା ପାଇଅଛି। ମାନ୍ୟବର ଷ୍ଟେଟ୍‌ସେକ୍ରେଟରି କହିଅଛନ୍ତି କି ସେ ନିକଟରେ ବାଲେଶ୍ୱରର ମୁଖମଣ୍ଡଳରେ ଅସୁର ତତ୍ତ୍ୱ ଦେଖି ଉଦ୍‌ବେଗ ହୋଇଥିଲେ, ପରନ୍ତୁ ଓ ପ୍ରସଙ୍ଗ ନ ମାନି ପରବ୍ୟକ୍ତି। ଯେଉଁମାନେ ଷ୍ଟେଟ୍‌ଲଟ ମହୋଦୟଙ୍କ ଦେଖାଇବା ଖଣ୍ଡାଶେ ବାଲେଶ୍ୱରକୁ ବନ୍ଦର କରାଇ ନେଇଥିଲେ ସେମାନେ ଏଥିରୁ ବୁଝିପାରିବେ ଯେ ଜାହାଜ ବ୍ୟବସାୟ ବା ସାମୁଦ୍ରିକ ବାଣିଜ୍ୟ ରକ୍ଷା କରି ନ ପାରିଲେ ସେ ନଗରର ପ୍ରକୃତ ଶୋଭା ରହିବ ନାହିଁ।

---

## କଟକରେ ଦୁର୍ଗାପୂଜା।

ଦଶହରା ପର୍ବ ସମ୍ବନ୍ଧରେ ଅତି ସମାରୋହରେ ଅତିବାହିତ ହେବାର ଅନୁମିତ ହୁଏ। ସପ୍ତମୀପୂଜା ପୂର୍ବରୁ ଆକାଶ ନିର୍ମଳ ହୋଇଥିଲା। ମେଘର କୌଣସି ଆପଦା ନ ଥିଲା। ମା ଜଗନ୍ମାତା ଅତି ଆନନ୍ଦରେ ଅଗଣନ କର ସନ୍ତାନ ସନ୍ତତିଙ୍କୁ ସୁଖ-ସାଗରରେ ଭସାଇ ଗମନ କଲେ। ଅମ୍ଭେମାନେ ପୁନର୍ବାର ତାଙ୍କ ଆଗମନ ଅପେକ୍ଷାରେ ବର୍ଷକ ନିମନ୍ତେ ସଂସାର କାର୍ଯ୍ୟରେ ଲିପ୍ତ ରହିଲୁଁ। ତାଙ୍କର କୃପାରେ ପୁଣି ବର୍ଷକେ ସମସ୍ତେ ତାଙ୍କ ସେବାରେ ଉପସ୍ଥିତ ହୋଇ ପାରିବା ଏହି ପ୍ରାର୍ଥନା। କଟକରେ ଯେପରି ପୂଜାକାର୍ଯ୍ୟ ବର୍ଷକୁ ବର୍ଷ ହୋଇଆଏ, ଏ ବର୍ଷ ମଧ୍ୟ ସେଥିରୁ କୌଣସି ବ୍ୟତିକ୍ରମ ଘଟି ନାହିଁ। ପୂଜା ଯଦିଓ ସମସ୍ତ ସମ୍ବନ୍ଧରେ ସମାନ ନ ଥିଲେହେଁ, ମାତ୍ର ପୂଜା ଯଥାବିଧି ହୋଇଥିଲା। କିନ୍ତୁ କଟକର ପ୍ରଧାନ କାର୍ଯ୍ୟ ପ୍ରତିମାଗଠନ ଓ ସାଜସଜ୍ଜା।

ଗତବର୍ଷ ଦଶହରା ରାତିରେ ବୃଷ୍ଟି ହୋଇଥିବାରୁ ମେଢ଼ସବୁର ମିଳନ ହୋଇ ପାରି ନ ଥିଲା। କିନ୍ତୁ ଏ ବର୍ଷ ଆକାଶ ପରିଷ୍କାର ଥିବାରୁ ମିଳନ କାର୍ଯ୍ୟର ସୁବିଧା ଥିଲା ସୁତରାଂ ମେଢ଼ସବୁ ଏକସମୟରେ ନଗର ସନ୍ନିକଟକୁ ଆଗତ ହୋଇଥିଲା, ମାତ୍ର ନଦୀ ବନ୍ୟା ହେତୁ ନଦୀ ବାଲିରେ ସ୍ଥାନର ସଙ୍କୀର୍ଣ୍ଣତା ହେତୁ ଓ ମେଢ଼ ପହଞ୍ଚିବା ବେଳକୁ ସକାଳ ହୋଇଯାଇ ଥିବାରୁ ତଥାପି ମିଳନ ଆଶାନୁରୂପ ହୋଇପାରି ନ ଥିଲା। ସନ୍ଧ୍ୟାକାଳରେ ଚନ୍ଦନଯାତ୍ରା ଠାରେ କେତେକ ପ୍ରଧାନ ମେଢ଼ସବୁର ମିଳନ ହୋଇଥିଲା। ଏ ବର୍ଷ ଦୁର୍ଗାମେଢ଼ ଗତ ବର୍ଷ ପରି ନଅ ମେଢ଼ ହୋଇଥିଲା। ଝଞ୍ଜିରିମଙ୍ଗଳା, ଦରଗାବଜାର, ଚୌଧୁରୀବଜାର, ମଙ୍ଗଳାବାଗ, ହେପାଟି ଓ ... ମଣ୍ଡଳ ଓ ... ବଜାରର ମେଢ଼ସବୁ ଅତି ଉତ୍କୃଷ୍ଟ ହୋଇଥିଲା। ... ଗୋଟି, ... ଶାଳୀ, ବଙ୍କାବଜାର ଓ ... ବଜାରମାନଙ୍କର ମେଢ଼ ସାଜସଜ୍ଜା ତାଦୃଶ ସୁନ୍ଦର ହୋଇ ନ ଥିଲେହେଁ ନିତାନ୍ତ ମନ୍ଦ ହୋଇ ନ ଥିଲା। ସାଜସଜ୍ଜାରେ ଚୌଧୁରୀ ବଜାର କାର୍ଯ୍ୟ ସର୍ବୋତ୍କୃଷ୍ଟ ହୋଇଥିବାର ମନ୍ଦିରରେ ପ୍ରକାଶ ପାଇଥିଲା ଓ ... ଓ ... ଉତ୍ତମ ହୋଇଥିଲା। ଯାଜପୁରର ସଜସଜ୍ଜା କାର୍ଯ୍ୟର ଉତ୍ତରୋତ୍ତର ଉନ୍ନତି ହେଉଥିବାର ଦେଖା ଯାଉଅଛି।

---

Digitized by srujanika@gmail.com

ହାତରେ ମେଢ଼ ଧରିଲେ ମହାଦେବ ମେଢ଼ ସହ ଗୋଟି ହୋଇଥିଲା । ସେ ଧୂମ୍ର ବଜାର, ବଡ଼ ବଜାର ଉପରୁ ଓ ମଙ୍ଗଳାବାଗରେ ମେଢ଼ ଦୁର୍ଗା ମେଢ଼ ପର ହୋଇଥିଲ, ସାନ୍ଧ୍ୟକାର୍ଯ୍ୟରେ ମଧ୍ୟ ଅନେକ ଦୁର୍ଗାମେଢ଼ଙ୍କୁ ଭଳ ଯାଉଥିଲା । ବଡ଼ ବଜାରସ୍ଥ ଭଗତଙ୍କ ମହାଦେବର କାର୍ଯ୍ୟ ସର୍ବୋତ୍କୃଷ୍ଟ ହୋଇଥିଲେ ସୁଦ୍ଧା ଚୌଧୁରୀ ବଜାରସ୍ଥ ମେଢ଼ର କାର୍ଯ୍ୟ ଅତି ନିର୍ମଳ ଓ ପ୍ରତିମାଗଠନ ମଧ୍ୟ ଉତ୍ତମ ହୋଇଥିଲା । ମାଣିକଘୋଷ ବଜାରସ୍ଥ ମହାଦେବ ମେଢ଼ ଅନ୍ୟମାନଙ୍କ ଅପେକ୍ଷା ଛୋଟ ହୋଇଥିଲେ ସୁଦ୍ଧା ସାଜ କାର୍ଯ୍ୟ ଉତ୍ତମ ଥିଲା । ମହାଦେବ ଛତ୍ରା ପାନଚନ୍ଦ୍ର, ପଞ୍ଚପାତ୍ରର ପ୍ରଭୃତି ସୂତ ଗୋଟିଏ ମେଢ଼ ହୋଇଥିଲା । ବଡ଼ ବଜାରସ୍ଥ ସଦାଶିବ କାଠର ନଅର ପ୍ରତିମା ଇତ୍ୟାର ଭଗାରଶିଳ୍ପ ନୈପୁଣ୍ୟଦ୍ୱାର ନୂତନତ୍ୱ ଦେଖାଇବାରେ ତ୍ରୁଟି କରି ନ ଥିଲା ।

---

## ମେଣ୍ଟ ନକଲ ନେବା ଦଣ୍ଡନୀୟ କି ?

ଏଠା କଲେକ୍ଟର ଏବଂ ମହାଫିଜ ସମ୍ପୃକ୍ତ ସମ୍ପାଦ ହାମିମ ନାଗ୍ରଣ୍ଡୋଙ୍କ ଅଦାଲତରେ ଗର୍ଜିତ ହୋଇଥିବା ପ୍ରସଙ୍ଗ ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ କର୍ତ୍ତମାନ ମହାମାନ୍ୟ ହାଇକୋର୍ଟଙ୍କ ବିଚାର ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛୁଁ । ଏ ମକଦ୍ଦମାର ହକିକତ ସରକାର ଦେଖିଛୁ ଓ ଜନସାଧାରଣ ଉଭୟଙ୍କ ପକ୍ଷେ ଗୁରୁତର ଅଟେ କାରଣ ଅଦାଲତ କାଗଜର ମେଣ୍ଟ ନକଲ ଦେବା ଓ ନେବା ଦଣ୍ଡନୀୟ ଅପରାଧ କି ନା, ମାନେ ଅପଦସ୍ଥ ଅଟେ କି ନା ଏଥିର ମୀମାଂସା ସାପେକ୍ଷ ଅଟେ । ଏଥିରୁ ମହାମାନ୍ୟ ବିଚାରପତିମାନେ ବୋଲନ୍ତି ଯେ ଏ ମକଦ୍ଦମାର ବୃତ୍ତାନ୍ତ ପ୍ରକାଶ ଯେ କଟକ କଲେକ୍ଟର ମହାଫିଜ ସମ୍ପୃକ୍ତ ଅଭିଯୁକ୍ତ ହାମିମ ମହାଫିଜଖାନାରେ ଥିବା ସରକାରୀ ମେଣ୍ଟ ନକଲି କଣ୍ଡଚରଣ ମହାନ୍ତି ନାମକ ଏକବ୍ୟକ୍ତିଦ୍ୱାରା କରାଇଥିବାରୁ ସବ୍‌ଡିଭିଜନ ଦଣ୍ଡବିଧି ଆଇନର ୨ ୪୦୯ ଧା ଅନୁସାରେ ଓ କଣ୍ଡଚରଣ ଏଥିର ସାହାଯ୍ୟ କରିବା ହେତୁରେ ଫଉଜଦାରୀ ଅଦାଲତରେ ଦଣ୍ଡନୀୟ ହୋଇଥିଲେ । ଶ୍ରୀଯୁତ ଜଜସାହେବ ଅପିଲରେ ମୀମାଂସା କଲେ କି ମହାଫିଜ ଜାମା କାଗଜ ଯେ ଦ୍ରବ୍ୟ ଅର୍ପିତ ହୋଇଥିଲା ଓ ଯାହା ରକ୍ଷାର୍ଥେ ଦେୟଦାୟୀ ଅଥବା ପ୍ରକୃତ ଚୁକ୍ତି ଦ୍ୱାରା ଅତିକ୍ରମଣ କରିଛନ୍ତି ଅନ୍ୟଥା ବ୍ୟବହାରେ ସେ ଅପରାଧଜନକରେ ଉକ୍ତ ଦ୍ରବ୍ୟ ବ୍ୟବହାର କରିବାର କିମ୍ବା ଅନ୍ୟଦ୍ୱାରା କରାଇବାର ଦୋଷୀ ହୋଇ ଛୁ । ମାତ୍ର ହାଇକୋର୍ଟ ଜଜମାନଙ୍କ ବିଚାରରେ ଅପରାଧୀମାନେ ଦ୍ରବ୍ୟ ବ୍ୟବହାର କରିବା ସ୍ପଷ୍ଟ ଜଣାଯାଏ ନାହିଁ । ଅଧିକ ଏକ କାରଣ ଅଗତ ହୋଇଅଛୁ କି ମହାଫିଜ ମେଣ୍ଟ ନକଲ ଦେବାଦ୍ୱାରା ସେ ତାହାଙ୍କର ବିଧି ଲଙ୍ଘନ କରିଥିଅଛୁ । କିନ୍ତୁ ତାହାର ଏପରି ଅଭିପ୍ରାୟ ଥିବାର କଥାଟି ଫୌଜଦାରି ପ୍ରକାରରେ ଅଟଇ ଓ ଦଣ୍ଡବିଧି ଆଇନର ଧା ୪୦୫ ଘର ମର୍ମାନୁସାରେ ଉକ୍ତ କାଗଜକୁ ଅପରାଧ ଅବା ସଠତା ଭାବେ ବ୍ୟବହାର କରିବାକଥା ଜଣାଯାଏ ନାହିଁ । ସୁତରାଂ ଧା ୪୦୯ ଅନୁସାରେ ବିଶ୍ୱାସଘାତକତା ଅପରାଧ ପାରୁ ନାହିଁ ଅତଏବ ତାହାର ଦଣ୍ଡ ରହିତ କରି ତାହାକୁ ମୁକ୍ତି ଦେଲେ । ଅନ୍ୟ ଆସାମୀ କଣ୍ଡଚରଣ ମହାନ୍ତି ଅପିଲ କରି ନ ଥିବା ଓ ତାହାର କାରାବାସ ସମସ୍ତ ଅତୀତ ହୋଇଥିବାରୁ ତାହାପକ୍ଷେ କିଛି ହୁକୁମ ଆବଶ୍ୟକ ନାହିଁ ।

ଆମ୍ଭମାନଙ୍କ ବିବେଚନାରେ ମହାମାନ୍ୟ ହାଇକୋର୍ଟଙ୍କ ବିଚାର ବଡ଼ ସୂକ୍ଷ୍ମ ଅଟେ । ଶ୍ରୀଯୁତ ଜଜସାହେବ ଯେ ବିଶ୍ୱାସ ଓ ଚୁକ୍ତିର ଉଲ୍ଲେଖ କରିଅଛନ୍ତି ତାହା ସରକାରୀ ମହଲ୍ଲମାନଙ୍କ ଶପଥ କାର୍ଯ୍ୟ ଅଟେ ମାତ୍ର ଏଥିରେ ଭଙ୍ଗ ଦଣ୍ଡନୀୟ ନୁହେଁ । ସେପରି ଦୋଷର ଦ୍ରୁତଗାମୀ ଦଣ୍ଡ ଜରିମାନା ଅଥବା ନାକରି ନିଲମ୍ବନ ସେ ବିଭାଗର କର୍ତ୍ତା । ( ଏସ୍ଥଳେ କଲେକ୍ଟର ) ଙ୍କ ଇଚ୍ଛାର ଉପରେ ନିର୍ଭର କରେ । ଅତଏବ ଫଳ ଏହି ହେଲା ଯେ ମେଣ୍ଟ ନକଲ କେହି ଅପରେ ଦେଲେ ସେ ଦଣ୍ଡବିଧି ମତେ ଦୋଷୀ ନ ହୋଇ କେବଳ କାର୍ଯ୍ୟ ନିୟମର ନିୟମ ଭଙ୍ଗର ଦୋଷୀ ହୋଇପାରିବ ମାତ୍ର ନେବା ବ୍ୟକ୍ତିର କୌଣସି ଦୋଷ ନାହିଁ । କେବଳ ନକଲ ନେବା କାହିଁକି ? କୌଣସି କାଗଜ ଦେଖିବା କିମ୍ବା ତହିଁର ନକଲ ନେବା କାରଣ କୌଣସି ଉପାୟରେ ମହାଫିଜଖାନା ଭିତରେ ପଶିବା ମଧ୍ୟ ବାହାର ଲୋକ ପକ୍ଷେ ଅପରାଧ ନୁହେ । ଏହା ସେହି ମନସ୍ବୀ ହାକିମଙ୍କର ପ୍ରଥମ ମୋକଦ୍ଦମାରେ ଅପିଲରେ ସାବ୍ୟସ୍ତ ହୋଇ ଜଜ ସାହେବଙ୍କଦ୍ୱାରା ନିଷ୍ପତ୍ତି ହୋଇଅଛି । ଏ ନିଷ୍ପତ୍ତି ସରକାରଙ୍କର ମନକୁ ଅସ୍ତୁ ବା ନ ଅସ୍ତୁ ଜନ ସାଧାରଣଙ୍କର ମନକୁ ଅବଶ୍ୟ ତୋଷିବ ଏବଂ ଏତଦ୍ୱାରା ସରକାରୀ ଅମଲାମାନଙ୍କର ସୁବିଧା ହେଉ ନ ହେବ ବୋଲି ଭୟ କରୁ ଥାଉଛ ?

---

## ଅତି ବୃଷ୍ଟି ।

ଗତବର୍ଷ ଦୁର୍ଗାପୂଜାର ଚେତେବେଳେ ଦିନ ପୂର୍ବରୁ ମେଘ ଖଣ୍ଡ ଯାଉଥିବାରୁ କେତେକ ମନୁଷ୍ୟ ଆଶଙ୍କା କରି କାହିଁ ଭାବ ଶୁଣିଥିଲେ ଏବଂ ଦୁର୍ଗୋତ୍ସବର ଅନନ୍ତ ଏକପ୍ରକାର ଉପଦ୍ରବରେ ପରିଣତ ହୋଇଥିଲା । ମାତ୍ର ପୂଜାର ଶେଷ ଦଶମୀ ଦିନ ମା କରୁଣାମୟୀ ଦିନ ପରେ ଅତି ଶାନ୍ତ ମୂଷଳ ଧାରାରେ ଜଳ ଦାନଦ୍ୱାରା ପୃଥିବୀ ଶୀତଳ କରି ଜନମାନଙ୍କ ମନରେ ଆନନ୍ଦ ଆନନ୍ଦ ଓ ଭକ୍ତି ବୃଦ୍ଧି କରିଥିଲେ । ଏ ବର୍ଷ ଦୁର୍ଗୋତ୍ସବରେ ଲୋକଙ୍କର କେଉଁଠି ଭାବ ଭକ୍ତି କ ଶୁଣିବା ଅଭିପ୍ରାୟରେ ଅଥବା ଅନାବୃଷ୍ଟି ଅତି ବୃଷ୍ଟି ଇତ୍ୟାଦି ସମସ୍ତ ଲୋକଙ୍କର ମଙ୍ଗଳ କାମନାରେ ଧ୍ୟାନ କରୁଥିବାରୁ ଏବଂ ତହିଁ କାମନା ତାହାର ଜାଣିବା ଦେବା ଉଚିତ ନୁହେ ଏହି ଶିକ୍ଷା ଦେବା ନିମନ୍ତେ ମା କରୁଣାମୟୀ ତାହାଙ୍କ ବାର୍ଷିକ ପୂଜାର ଏକ ସପ୍ତାହ ପୂର୍ବେ ଗତମାସ ତା ୧୯ ରିଖଠାରୁ ତା ୨୫ ରିଖ ପର୍ଯ୍ୟନ୍ତ ଦିନ ୭ ଘୋର ବୃଷ୍ଟି କରି ଭାରତର ଉତ୍ତରଖଣ୍ଡର ସ୍ଥାନର ଜଳଚନ୍ଦ୍ରା ଏକାବେଳେ ଦୂର କରି ଦେଲେ । ଅବଶ୍ୟ ସକଳ ସ୍ଥାନରେ ସମାନ ପରିମାଣ ଜଳ ହୋଇ ନ ଥିଲା ମାତ୍ର ବଙ୍ଗଦେଶର ଅଧିକାଂଶ ସ୍ଥାନରେ ଅତି ବୃଷ୍ଟି ଏବଂ ତଦ୍ଦ୍ୱାରା ଅନେକ କ୍ଷତି ହେବାର ସମ୍ବାଦ ଆସିଅଛି । କଲିକତାରେ ବାର୍ଷିକ ହାରହାରି ବୃଷ୍ଟିର ପରିମାଣ ପ୍ରାୟ ୬୬ ଇଞ୍ଚ ମାତ୍ର ଏ ବର୍ଷ ଉକ୍ତ ଦିନ ୭ ଦିନରେ [illegible] ଇଞ୍ଚ ବୃଷ୍ଟି ହୋଇଥିଲା ଏବଂ ତହିଁ ମଧ୍ୟରୁ ପ୍ରଥମ ଦିନ ୨ ଦିନରେ ୨୫ ଇଞ୍ଚ ଜଳ ପଡ଼ିଥିଲା । ଏପରି ବୃଷ୍ଟି ଏହି ହାରରେ ଗତ ୧୦୦ ବର୍ଷ ମଧ୍ୟରେ କେବେ ହେବାର ଦେଖା ନ ଥିଲା ଏବଂ କଲିକତାର ନାଳମାନ କେତେ ଜଳ ପାଇବ ଏହି ନେବା ଦୃଷ୍ଟିରେ ପ୍ରସ୍ତୁତ ହୋଇ ନ ଥିଲ । ସୁତରାଂ ସଡ଼କ ଉପରେ ଠାବେ ଠାବେ ଅଣ୍ଟାଏ ଜଳ ପର୍ଯ୍ୟନ୍ତ ଜଳ ଛିଡ଼ା ହୋଇଗଲା ଏବଂ କେତେ ଲୋକଙ୍କର ଘର ଭିତରେ ଜଳ ପ୍ରବେଶ କଲା । ଟ୍ରାମ କିମ୍ବା ଅନ୍ୟ ଘୋଡ଼ାଗାଡ଼ି ଗମନାଗମନ ବନ୍ଦ ହେଲା ଏବଂ ଲୋକେ ଚାଲି ଯିବାର କଷ୍ଟ ହେଲା । ଅନେକ କଦଳୀ ଘର ଓ କେତେକ କୋଠାଘର ଭାଙ୍ଗି ପଡ଼ିଲା ଏବଂ ମନୁଷ୍ୟ ହତ ଓ ଆହତ ହେଲେ । କଲିକତାରୁ ଦୂରସ୍ଥ ସ୍ଥାନରେ ଯେଉଁ ନାଳ ଅଛି ଓ ତହିଁରେ ନୌକା ଯାତାୟାତ କରେ ତାହା ଉଚ୍ଛୁଳି ଉଠି କୂଳ ବୁଡ଼ିଗଲା ଅନେକ

Split by PDF Splitter

Digitized by srujanika@gmail.com

ସଇ ଭାଙ୍ଗି ବା ଉଠାଇ ନେଲା । ପୁଲାସ କମିଶନର ସେଟଂକାର ଦୁଇଦଳ ଡିସ୍ତ୍ରିକ୍ଟ ଅନୁସନ୍ଧାନ କରି ୧୮୬ ଘଣ୍ଟା ଅର୍ଥାତ୍ ଚୋଠାଇର ଏବଂ ୪୦୯ ଜଣ ଜା ଓପରେଲି ଦଳ ଭାଙ୍ଗି ପଡ଼ିବାର ଏବଂ ଜ ୮୬ ଣ ମନୁଷ୍ୟ ହତ ଓ ଜ ୧୭ ଣ ମନୁଷ୍ୟ ଆହତ ହେବାର ବୁଝି ଥିଲେ । ତହିଁରୁ ଅଧିକ କ୍ଷତ ହେବା ଆଶ୍ଚର୍ଯ୍ୟ ନୁହେ । ବିପନ୍ନ ବ୍ୟକ୍ତିଙ୍କର ସାହାଯ୍ୟ ନିମନ୍ତେ ମାନ୍ୟବର ବଙ୍ଗେଶ୍ୱରଙ୍କ ଯତ୍ନରେ ଗତ ତା ୨୪ ଇଖରେ ଗୋଟିଏ ସଭା ଗଠିତ ହୋଇ ସେହି ସଭାରେ ଟ ୮,୦୦୧୯ଙ୍କା ଚେନ୍ଦା ସଂଗୃହୀତ ହୋଇଥିଲା । ସଂଗୃହ ସାହାଯ୍ୟ ଦାନର ବ୍ୟବସ୍ଥା ହୋଇଅଛି । ଗତ ତା ୨୭ ଇଖ ପର୍ଯ୍ୟନ୍ତ ଟ ୪୭,୬୮୧୭ ଚେନ୍ଦା ସଂଗୃହୀତ ହୋଇଅଛି । ଓଡ଼ିଶାରେ ଅତ୍ୟନ୍ତ ବୃଷ୍ଟି ଏବଂ ନଦୀ ବଢ଼ି ହୋଇଥିଲେହେଁ ବାଲେଶ୍ୱର ଜିଲ୍ଲାରେ ଅଧିକ କ୍ଷତିକର ହେବାର ଓ ବୁଢ଼ାବଳଙ୍ଗ ଏବଂ ସୁବର୍ଣ୍ଣରେଖା ମଧ୍ୟସ୍ଥିତ ଭୂମିଖଣ୍ଡ ବନ୍ୟାରେ ଭାସି ଯିବାର ଏବଂ ଅନେକ ଲୋକ ଘର ଓ ଧନ ହରାଇବାର ସମ୍ବାଦ ପାଇଅଛୁଁ । ସେଠା କଲେକ୍ଟର ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଏବଂ ରାଜା ବୈକୁଣ୍ଠନାଥ ଦେ ବାହାଦୂର ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବେସରକାରୀ ଲୋକମାନେ ନୌକା ଷ୍ଟିମର ପ୍ରଭୃତି ପଠାଇ ବିପନ୍ନ ବ୍ୟକ୍ତିଙ୍କ ଉଦ୍ଧାର ଏବଂ ସାହାଯ୍ୟର ବ୍ୟବସ୍ଥା କରି ଯଥେଷ୍ଟ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଯେତେ ଲୋକ ଓ ଗୃହପାଳିତ ପଶୁ ମରି ଭାସିଗଲେ ତହିଁର ସଂଖ୍ୟା କିଏ କହିବ ? ଏହି ଭୀଷଣ ବନ୍ୟାରେ ସେ ଅଞ୍ଚଳର ରେଲବାଟ ଭାଙ୍ଗି ଯାଇ ଦ ୭ ଦ କାଳ କଲିକତାର ଡାକ ବନ୍ଦ ହୋଇଥିଲା । ଅଦ୍ୟାପି ନିୟମିତରୂପେ ରେଲଗାଡ଼ି ଚଳୁ ନାହିଁ । ବ୍ରାହ୍ମଣୀ ବୈତରଣୀ ମଧ୍ୟସ୍ଥିତ ଭୂମିଖଣ୍ଡ ମଧ୍ୟ ବୁଡ଼ି ଯାଇଥିଲା । ମହାନଦୀର ବଢ଼ିରେ ସେପରି ଅନିଷ୍ଟ ହୋଇ ନାହିଁ । କେବଲ କେତେକ ସ୍ଥାନରେ ଫସଲ ନଷ୍ଟ ହୋଇଅଛି । ପୁରୀ ଅଞ୍ଚଳରେ ଦୟାର ଓ ଭାର୍ଗବୀ ପ୍ରଭୃତି ନଦୀ ଉଚ୍ଛୁଳି ଜମିଦାର କଲମନ୍ଦ ଓ ଲୁଣବନ୍ଧ ନଷ୍ଟ ହୋଇ ଖାସମହଲ ବନ୍ଧମାନ ଭାଙ୍ଗି ଯାଇଅଛି । ଚୋଠାଦେଶ, ଗହାଙ୍ଗ, ବାଣାସିଲ୍‌ପୁର ସ୍ଥାନମାନ ଜଳରେ ବୁଡ଼ିଯାଇଅଛି । ଖୋର୍ଦ୍ଧା ଓ କଟକରେ ତଲାମାନ ଦେଶପ୍ରଭୃତି ଉପରେ ଜଳପୂର୍ଣ୍ଣ ହୋଇଅଛି । ବର୍ତ୍ତମାନ ଯେଉଁରୂପ ଅବସ୍ଥା ଫସଲ ପ୍ରଭୃତି ବିନଷ୍ଟ ଆଶଙ୍କା ଉପସ୍ଥିତ ହୋଇଅଛି । ଗତବର୍ଷ ପୁଷ୍କରିଣୀଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଥିଲା ଏ ବର୍ଷ ଫସଲର ସେରୂପ ଆଶଙ୍କା ଉପସ୍ଥିତ ହେଲାଣି, ପୁଣି ଦୁର୍ଭିକ୍ଷର ଆଶଙ୍କା ହେଉଅଛି ।

---

ଭୀଷଣ ବନ୍ୟା ।
( ପ୍ରାପ୍ତ )

ଗତମାସ ତା ୧୫ ଇଖ ସନ୍ଧ୍ୟାରେ ସାମାନ୍ୟ ବୃଷ୍ଟି ଆରମ୍ଭ ହୋଇ ତା ୧୬ ଇଖରେ ପ୍ରବଳ ଝଡ଼ରେ ପରିଣତ ହେଲା ଓ ତା ୨୨ ଇଖ ପର୍ଯ୍ୟନ୍ତ ଅବିଶ୍ରାନ୍ତରୂପେ ମୂଷଳ ଧାରାରେ ବାରିପାତ ହୋଇଥିଲା । ବୃଷ୍ଟି ସଙ୍ଗେ ସଙ୍ଗେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀମାନ ବୃଦ୍ଧି ହେବାକୁ ଲାଗିଲା ଓ ତା ୨୩ ଇଖ ରାତ୍ରିରୁ ନଦୀମାନ ସ୍ଫୀତ ହୋଇ କୂଳବର୍ତ୍ତୀ ଗ୍ରାମମାନଙ୍କ ମଧ୍ୟରେ ବନ୍ୟାଜଳ ପ୍ରବେଶ ହେଲା । ତା ୨୪ ଇଖ ପ୍ରାତଃକାଳରେ ଦେଖାଗଲା ବାଲେଶ୍ୱର ସହର ଗୋଟିଏ କ୍ଷୁଦ୍ର ଦ୍ୱୀପପ୍ରାୟ ଚତୁର୍ଦ୍ଦିଗରେ ବନ୍ୟାଜଳ ଦ୍ୱାରା ବେଷ୍ଟିତ ହୋଇଅଛି । ଭୀଷଣବନ୍ୟା ! ନଗରମଧ୍ୟରେ ଭୀଷଣ ଗୋଳ ପଡ଼ିଗଲା — ଶଯ୍ୟା ତ୍ୟାଗକରି ଆବାଳ ବୃଦ୍ଧ ସମସ୍ତେ ବନ୍ୟା ଦେଖିବାକୁ ଦୌଡ଼ିଲେ । କଥିତ ଅଛି ଏ ପୂର୍ବେ ବାଲେଶ୍ୱରରେ ଏପରି ବନ୍ୟା ଆଉ କେବେହେଁ ହୋଇ ନ ଥିଲା । ଏ ବନ୍ୟାଦ୍ୱାରା ଯେ ନିକଟବର୍ତ୍ତୀ ଗ୍ରାମ ସମୂହର ବିଶେଷ ଅନିଷ୍ଟ ହେବ, ଏ ବିଷୟରେ କାହାରି ସନ୍ଦେହ ରହିଲା ନାହିଁ । ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡ୍‌ର ସୁଯୋଗ୍ୟ ଭାଇସଚେୟାରମ୍ୟାନ ରାଜା ବୈକୁଣ୍ଠନାଥ ଦେ ବାହାଦୂର ଏ ବିଷୟ ଜିଲ୍ଲାର ମାଜିଷ୍ଟ୍ରେଟଙ୍କୁ ଜଣାଇଲେ । ଏହି ସମ୍ବାଦ ଶୁଣି ସହୃଦୟ ମାଜିଷ୍ଟ୍ରେଟ ଅତିଶୟ ବ୍ୟଥିତ ହେଲେ । ଏ ବିପଦର ଆଶୁ ପ୍ରତୀକାର ନ କଲେ ଅସଂଖ୍ୟ ନର ନାରୀ ଜଳୀୟ ସମାଧି ପ୍ରାପ୍ତ ହେବେ ଏ ବିଷୟ ଚିନ୍ତା କରି ତାଙ୍କର ଦୟାର୍ଦ୍ର ହୃଦୟ ଆକୁଳ ହେଲା । ପ୍ରବଳବୃଷ୍ଟିକୁ ଗ୍ରାହ୍ୟ ନ କରି ସେ ତତ୍‌କ୍ଷଣାତ୍ ବିପନ୍ନ ପ୍ରଜାଙ୍କ ସାହାଯ୍ୟାର୍ଥେ ବହିର୍ଗତ ହେଲେ । ନିକଟରେ ଯେତେ ବୋଟ ମିଳିଲା ତାହା ସମୁଦାୟ ସଂଗ୍ରହ କରି ତହିଁରେ ଆବଶ୍ୟକୀୟ ଖାଦ୍ୟଦ୍ରବ୍ୟ ଓ ଅଫିମ, ତମାଖୁ ଆଦି ପ୍ରଚୁର ପରିମାଣରେ ଲଦାଇ ଡିଷ୍ଟ୍ରିକ୍ଟବୋର୍ଡ୍ ଓ ପୋଲିସ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଉକ୍ତ ବୋଟମାନ ନାନା ଦିଗକୁ ପ୍ରେରଣ କଲେ ଓ ରାଜା ବାହାଦୂରଙ୍କ ଉପରେ ଅନ୍ୟାନ୍ୟ ସାହାଯ୍ୟକର୍ମର ଭାର ନ୍ୟସ୍ତ କରି ସ୍ୱୟଂ ଗବର୍ଣ୍ଣମେଣ୍ଟ ଷ୍ଟିମରଯୋଗେ ଉତ୍ତରଦିଗକୁ ଗମନ କଲେ । ବୋଟମାନ ବଳଙ୍ଗନଦୀର ଖରତର ସ୍ରୋତକୁ ଅତିକ୍ରମ କରି ଗ୍ରାମ ଉଦ୍ଦେଶ୍ୟରେ ଚଳିଲା । କିନ୍ତୁ ବନ୍ୟାଜଳରେ ନଦୀ ଓ ଗ୍ରାମମାନ ଏକ ହୋଇଯାଇଥିବାରୁ କେଉଁ ଦିଗରେ ଗ୍ରାମ ତାହା ପ୍ରଥମେ କେହି ନିର୍ଣ୍ଣୟ କରିପାରିଲେ ନାହିଁ । କେତେକଦୂର ଅଗ୍ରସର ହେଲାପରେ ଦୂରରୁ ଆର୍ତ୍ତଜନଙ୍କ ଚୀତ୍କାର ହରିବୋଲ ଶବ୍ଦ, ସ୍ତ୍ରୀଲୋକଙ୍କର ହୁଳହୁଳି ଓ ମଧ୍ୟେ ମଧ୍ୟେ ଶଙ୍ଖନାଦ ଶ୍ରୁତିଗୋଚର ହେଲା । ନାବିକମାନେ ଉକ୍ତ ଶବ୍ଦକୁ ଲକ୍ଷ୍ୟ କରି ଗ୍ରାମମଧ୍ୟକୁ ବୋଟମାନ ଚଳାଇଲେ । ସେଠାରେ ଯେଉଁ ଦୃଶ୍ୟ ଦେଖାଗଲା ତାହା ଅତୀବ ହୃଦୟବିଦାରକ ! କେତେକ ଗୃହ ଭୂମିସାତ ହୋଇଅଛି,-ଅବଶିଷ୍ଟ ପତନୋନ୍ମୁଖ । ଦୁଇ ଦିନ ପୂର୍ବେ ଯେଉଁସ୍ଥାନରେ ସୁନ୍ଦର ଗୃହମାନ ବିରାଜିତ ହୋଇଥିଲା, ସେଠାରେ ବେଗବତୀ ସ୍ରୋତସ୍ୱତୀ କଲକଲ ଶବ୍ଦରେ ପ୍ରବାହିତ ହେଉଅଛି । ଗ୍ରାମବାସୀମାନେ ଗୃହ ପରିତ୍ୟାଗ କରି କେହି ଚାଳ ଉପରେ କେହି ବା ବୃକ୍ଷ ଉପରେ କେହି ବା ଛପର ଉପରେ ଆଶ୍ରୟ ନେଇ ଅଛନ୍ତି । କେହି କେହି ଅର୍ଦ୍ଧମଗ୍ନ ଅବସ୍ଥାରେ ଜଳ ମଧ୍ୟରେ ଦଣ୍ଡାୟମାନ, କେହି ଉଲଙ୍ଗ କେହି ବା ଅର୍ଦ୍ଧଲଗ୍ନ, କେଉଁଠାରେ ସ୍ନେହମୟୀ ଜନନୀ ଆପଣାର ଶିଶୁକୁ ବକ୍ଷରେ ଧାରଣ କରି ପତନୋନ୍ମୁଖ ଏକ ଚାଳ ଉପରେ ବସି ସନ୍ତାନର ଜୀବନ ରକ୍ଷା ଚିନ୍ତା କରି ଅଶ୍ରୁପାତ କରୁଅଛି । ସର୍ପ ଓ ମନୁଷ୍ୟ ତଲ ଶତ୍ରୁତା ଭୁଲି ଏକା ବୃକ୍ଷରେ ଆଶ୍ରୟ ନେଇ ଅଛନ୍ତି । ଅହୋରାତ୍ର ଅବିଶ୍ରାନ୍ତ ବାରିପାତ, ନିମ୍ନରେ ବାରିର ଅନନ୍ତ ଶଯ୍ୟା ପ୍ରସାରିତ, ତହିଁ ଉପରେ ଅନାହାର ଅସଂଖ୍ୟ ନରନାରୀ ଏହିରୂପ ବିପଦଗ୍ରସ୍ତ ହୋଇ ପ୍ରତି ମୁହୂର୍ତ୍ତରେ ମୃତ୍ୟୁର ଅପେକ୍ଷା କରି ରହି ଅଛନ୍ତି । ହାୟ ! ମୃତ୍ୟୁ ଅପେକ୍ଷା ମଧ୍ୟ ଏହା ସହସ୍ରଗୁଣ କଷ୍ଟକର ଅଟେ । ବୋଟମାନ ନିକଟବର୍ତ୍ତୀ ହେବା ମାତ୍ରକେ ହରିବୋଲ ହୁଳହୁଳି ଓ ଶଙ୍ଖ ନାଦର ଉଚ୍ଚ ରୋଳରେ ଆକାଶ ବିଦୀର୍ଣ୍ଣ ହେଲା, ଗୋମହିଷମାନେ ଗଳସ୍ରୋତରେ ଭାସି ଭାସି ନିକଟରେ ବୋଟ ଦେଖି ମସ୍ତକ ଉତ୍ତୋଳନ ପୂର୍ବକ କାତର ସ୍ୱରରେ ହାମ୍ବାରବ କରି ସାହାଯ୍ୟ ପ୍ରାର୍ଥନା କଲେ । ବୋଟରେ ଥିବା କର୍ମଚାରୀମାନେ ପ୍ରଥମେ ସ୍ତ୍ରୀଲୋକମାନଙ୍କୁ ଓ ବାଳକବାଳିକାମାନଙ୍କୁ ବୋଟରେ ଆରୋହଣ କରାଇଲେ । କିନ୍ତୁ ପୁରୁଷମାନେ ଆସିବାକୁ ଅସ୍ୱୀକାର କଲେ, "ଯେବେ ଆମ୍ଭମାନଙ୍କର ଘର ନଷ୍ଟ ହେଲା, ଗୋମେଷାଦି ନଷ୍ଟ ହେଲା, ଜୀବନର ପ୍ରଧାନ ସମ୍ବଳ ଧାନ୍ୟାଦି ବିନଷ୍ଟ ହେଲା ତେବେ

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ବାଳକ ବାଳିକାମାନଙ୍କୁ ପଠନାବସ୍ଥାରେ ନାନାପ୍ରକାର ପୁରସ୍କାର ଦ୍ୱାରା ଉତ୍ସାହିତ କରିବା ବର୍ତ୍ତମାନ ଶିକ୍ଷାନୀତିର ଗୋଟିଏ ପ୍ରଧାନ ଅଙ୍ଗ । ଏଥିନିମନ୍ତେ ଆମ୍ଭମାନଙ୍କର ଦୟାଳୁ ଗବର୍ଣ୍ଣମେଣ୍ଟ ପ୍ରତିବର୍ଷ ଅନେକ ବ୍ୟୟ କରି ଆସୁଥିଲେ । ଗତ କେତେକ ବର୍ଷ ହେଲା ସ୍ୱକୋଷର ଅସ୍ୱଚ୍ଛଳତାର ହେତୁ ବର୍ଣ୍ଣିତ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଶିକ୍ଷାବିଭାଗର ବଜେଟରୁ ପୁରସ୍କାର ପାଣ୍ଠି ବର୍ଜ୍ଜନ କରିଅଛନ୍ତି, ସେହି ହେତୁରୁ ବର୍ତ୍ତମାନ ପ୍ରାୟ ସକଳ ସରକାରୀ ବିଦ୍ୟାଳୟରେ ସାଧାରଣ ଲୋକଦ୍ୱାରା ପୁରସ୍କାର ବଣ୍ଟନ ହୋଇଆସେ । ମାତ୍ର ଅନ୍ୟାନ୍ୟ ବିଷୟପରି ଏ ବିଷୟରେ ମଧ୍ୟ ଅମ୍ଭମାନଙ୍କ ଦେଶର ସାଧାରଣ ଲୋକେ ବହୁପରିମାଣେ ଉଦାସୀନ । ଅମ୍ଭମାନଙ୍କ ଦେଶରେ ସ୍ତ୍ରୀ ଶିକ୍ଷାର ଅବସ୍ଥା ଯେପରି ଶୋଚନୀୟ ସେଥିରେ ବାଳକମାନଙ୍କ ଅପେକ୍ଷା ବାଳିକାମାନଙ୍କୁ ନାନାପ୍ରକାର ପୁରସ୍କାର ବଣ୍ଟନଦ୍ୱାରା ବିଦ୍ୟାଶିକ୍ଷାରେ ପ୍ରଲୁବ୍ଧ କରିବା ଯେ ଅତ୍ୟନ୍ତ ଆବଶ୍ୟକ ତାହା ବୋଲିବା ନିଷ୍ପ୍ରୟୋଜନ । ପୂର୍ବେ ଏହି ନଗରର ବଦାନ୍ୟ ଭଦ୍ରମଣ୍ଡଳୀଙ୍କ ସାହାଯ୍ୟରେ ଏହି ବିଦ୍ୟାଳୟର ଛାତ୍ରୀମାନଙ୍କୁ ପ୍ରତିବର୍ଷ ପୁରସ୍କାର ବଣ୍ଟନ କରାଯାଉଥିଲା । ନଗରର ପ୍ରଧାନ ଭଦ୍ରକର୍ମଚାରୀମାନେ ଆସି ସ୍ୱହସ୍ତରେ ପୁରସ୍କାର ବଣ୍ଟନ କରି ସନ୍ତୁଷ୍ଟଚିତ୍ତରେ ବାଳିକାମାନଙ୍କୁ କେତେ ଉତ୍ସାହ ପ୍ରଦାନ କରୁଥିଲେ । ମାତ୍ର ଦୁଃଖର ବିଷୟ ଗତ ଛଅ ବର୍ଷରୁ ନଗରବାସୀ ଅବସ୍ଥାପନ୍ନ ଭଦ୍ରଲୋକମାନଙ୍କର ବଦାନ୍ୟତା ଅଭାବରୁ ଏହି ବ୍ୟାପାରଟି ବନ୍ଦ ହୋଇ ଯାଇଅଛି । ଏହା ସେମାନଙ୍କ ପକ୍ଷରେ ଅବଶ୍ୟ ପ୍ରଶଂସାର ବିଷୟ ନୁହେଁ ।

କେତେକ ସପ୍ତାହ ପୂର୍ବେ ଏହି ନଗର ମାହାଙ୍ଗା ଗ୍ରାମନିବାସୀ ଉତ୍କଳ ଗୌରବ ଶ୍ରୀଯୁକ୍ତ ଜଗନ୍ମୋହନ ଲାଲ ମହୋଦୟ ତାଙ୍କର ପରଲୋକଗତା ଗୋଟିଏ କନ୍ୟାଙ୍କ ନାମରେ ଏହି ବିଦ୍ୟାଳୟରୁ ପ୍ରତିବର୍ଷ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରୀମାନଙ୍କୁ ପୁରସ୍କାର ଦେବାନିମନ୍ତେ ପଚିଶ ଟଙ୍କା ଦାନ କରିଥିବା ବିଷୟ ସାପ୍ତାହିକରେ ପ୍ରକାଶ କରିଥିଲୁଁ ଏବଂ ତାଙ୍କର ନାନା ହିତକର ବିଷୟରେ ଯୁବକୋଚିତ ଉତ୍ସାହ ଓ ଉଦ୍ୟମଶୀଳତାର ପ୍ରଶଂସା କରି ତାହା ଅନେକଙ୍କର ଅନୁକରଣୀୟ ଥିବାର ଉଲ୍ଲେଖ କରିଥିଲୁଁ । ବର୍ତ୍ତମାନ ଅତ୍ୟନ୍ତ ଆନନ୍ଦର ସହିତ ପ୍ରକାଶ କରୁଅଛୁଁ ଯେ ପୂର୍ବୋକ୍ତ ଲାଲ ମହୋଦୟ ଅମ୍ଭମାନଙ୍କ ନିକଟରୁ ଏହି ବିଦ୍ୟାଳୟର ପୁରସ୍କାର ବଣ୍ଟନ ପ୍ରଥା ବନ୍ଦ ହୋଇ ଯାଇଥିବାର ଅବଗତ ହୋଇ ତାଙ୍କର କନ୍ୟା ନାମରେ ନାମିତ ବାଳକୁ ବାର୍ଷିକ ଦେଉଅଛନ୍ତି ଏବଂ ତାହାର ପନ୍ଦରମାସ ପାଣ୍ଠି ଦେଇଅଛନ୍ତି । କି ହୃଦୟସ୍ପର୍ଶୀ ଏବଂ କି ବଦାନ୍ୟତା !! ତାଙ୍କର ଏହି ନିଃସ୍ୱାର୍ଥ ଦାନ ଭଦ୍ରଙ୍କ ହୃଦୟରେ ପ୍ରବେଶ କରୁ । ଏହି ବିଦ୍ୟାଳୟର କର୍ତ୍ତୃପକ୍ଷମାନେ ପୂର୍ଣ୍ଣ ଭାବରେ ତାହାଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ଏବଂ ତାଙ୍କର ଦୀର୍ଘାୟୁ ଓ ଅଟଳ ସ୍ୱାସ୍ଥ୍ୟ ନିମନ୍ତେ ମଙ୍ଗଳମୟ ବିଧାତାଙ୍କ ନିକଟରେ ପ୍ରାର୍ଥନା କରୁଅଛନ୍ତି । ଇତି ।

ରେଭେନ୍‌ସା ଗର୍ଲସ୍ ସ୍କୁଲ ବିଦ୍ୟାଳୟ କଟକ ୧୮।୯।୦୦ } ଅନୁଗତବଶମ୍ବଦ ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀ ପ୍ରଧାନ ଶିକ୍ଷକ

---

### ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ପଦ୍ମନାଭ ହରିଚନ୍ଦନ ମହାପାତ୍ର ରଣପୁର | ରାଇଚୌଧୁରୀ | ଟ ୩ ୧ |
| ମହମ୍ମଦ ମିର୍ଜ୍ଜା ଜଉନ ବେଗ | ଥାନା | ଟ ୩ ୯ |
| " ମେଡ଼ ଏଲ୍ଫିନ୍ଷ୍ଟୋନ ଜୁନିୟର ସ୍କୁଲ | | ଟ ୧ ୯ |
| ଶ୍ରୀ ବାବୁ ବୈକୁଣ୍ଠ ଚୌଧୁରୀ | | ଟ ୩ ୯ |
| " ଉଦୟଚରଣ ମହାନ୍ତି | | ଟ ୬ ୯ |
| " ପଦ୍ମନାଭ ନାରାୟଣ ଦେବ ମହାଜେନା | | ଟ ୩ ୯ |
| " ଗୋପାଳକୃଷ୍ଣ ଦାସ | ନେଭାଗୀର | ଟ ୩ ୯ |
| ଶ୍ରୀମୁକ୍ତ ରଙ୍ଗା । ବ । ନରସିଂହପୁର | | ଟ ୩ ୧ |
| ଶ୍ରୀ ବାବୁ ରମେଶଚନ୍ଦ୍ର ବସୁ | | ଟ ୩ ୧ |
| " ବଦନ ପାତ୍ର | | ଟ ୩ |
| " ସଦାଶିବ ଶର୍ମା | ମାହାଙ୍ଗା | ଟ ୩ |
| " କାନ୍ତ ଚରଣ ମଙ୍ଗରାଜ | ଅଠଗଡ଼ | ଟ ୬ ୩ |
| ଚୌଧୁରୀ ଶ୍ରୀ ଲୋକନାଥ ଦାସ ଜମିଦାର | ରଘୁନାଥପୁର | ଟ ୩ |
| ମହମ୍ମଦ ନିଶାର ଖାଁ | ଜଳେଶ୍ୱର | ଟ ୩ |
| ପଣ୍ଡିତ ଶ୍ରୀ ରାମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ | ମୁକ୍ତେଶ୍ୱରପୁର | ଟ ୩ |
| ଶ୍ରୀ ବାବୁ ରାମଚରଣ ବସୁ | କେନ୍ଦ୍ରାପଡ଼ା | ଟ ୯ |
| ମହମ୍ମଦ ମହମ୍ମଦ ମଣ୍ଡଳ | | ଟ ୨ |
| ଶ୍ରୀ ବାବୁ ସଚ୍ଚିଦାନନ୍ଦ ଦେବ | ମୟୂରଭଞ୍ଜ | ଟ ୩ |
| " ପୂର୍ଣ୍ଣଚନ୍ଦ୍ର ମହାନ୍ତି | ଚମ୍ପୁଆ | ଟ ୬ |
| ଶ୍ରୀଯୁକ୍ତ ରଙ୍ଗା । ବ । ଭଗବାନ | | ଟ ୯ |
| ଶ୍ରୀ ବାବୁ କୃଷ୍ଣଚନ୍ଦ୍ର ଦାସ | କନ୍ଥାପଡ଼ା | ଟ ୩ । |
| " କେଶବଚନ୍ଦ୍ର ମହାନ୍ତି | ଧାମନଗର | ଟ ୩ |
| " ମଧୁସୂଦନ ଦାସ | କୁଜଙ୍ଗ | ଟ ୩ |
| " ଗୋପବନ୍ଧୁ ସେଠ | | ଟ ୩ |
| " ଜାନକୀବଲ୍ଲଭ | ଲକ୍ଷ୍ମୀପୁର | ଟ ୩ |
| " ବାସୁଦେବ ସିଂହ ମହାପାତ୍ର | | ଟ ୬/ |
| " ହରେକୃଷ୍ଣ ଦାସ | ବାଲେଶ୍ୱର | ଟ ୨ |

---

## ବିଜ୍ଞାପନ ।

## NOTICE.

Miss Shoilabala Hazra is the daughter of the late Mrs. Hazra, who was my late wife's god-daughter. After her mother's death I took over Shoilabala with the consent of her father Mr. A. O. Hazra, and since then she has lived all these years under my protection and guardianship. During this period she has been educated by me and enjoyed the position and rights of a daughter in my house. With a view to avoid any mistake after my death about her position and rights it is my wish that she should adopt my family name-Das.

CUTTACK, 21—9—1900 } M. S. DAS

I have hitherto been brought up and educated and am being still educated by Hon. M. S. Das, it is my wish as much as his that I should change my family name into Das. I request my friends and the public to adress me henceforth as Miss Shoilabala Das.

CUTTACK, 21—9—1900 } S. B. HAZRA.

## NOTICE.

The Twenty-ninth Anniversary of the Cuttack Total Abstinence Society will be held in the Baptist Chapel, on Friday, the 19th October 1900, at 6-30 P.M.

The Chair will be taken by Babu Nilkantha Mazumdar, M.A.

Babu Benjamin Mahanty will address the meeting in Oriya, G. H. WHITE Esqr. in English and Babu Janikinath Bose, B. L. in Bengalee.

The presence of the public is respectfully solicited.

A. O DASS,
*Hon. Secretary.*

Digitized by srujanika@gmail.com

## WANTED

An experienced Teacher for the 4th Mastership of the Mourbhanj High English School. He will have also to serve as Librarian of the Diamond Jubilee Library in the mornings and evenings. The salary of both these posts combined is Rs. 31 a month.

F. A. preferred

All applications to reach the undersigned by the 25th October 1900.

R. D. Chakerburtty,
*Offg. Superintendent of Public Instruction*
Mourbhanj State, Baripada
26—9—1900.

---

## ନୃସିଂହପୁରାଣ ।

ଏ ଗ୍ରନ୍ଥ ପାଠ କଲେ ପାଠକବୃନ୍ଦ ସାଂସାରିକ ଯାବତୀୟ କର୍ତ୍ତବ୍ୟ କାର୍ଯ୍ୟ ଉତ୍ତମରୂପେ ବୁଝି ପାରିବେ । ବିଷୟ ଗୁଡ଼ିକ ସ୍ମରଣ ରଖି ତଦନୁଯାୟୀ ଚଳଲେ ମୋହମାୟାକୁ ଅତିକ୍ରମ କରି ପରମପଦ ଲଭି ପାରିବେ । ସମସ୍ତ ପୁରାଣର ସାର ବିଷୟମାନ ସରଳଭାଷାରେ ସୁସଙ୍ଗତରୂପେ ଏଥିରେ ସନ୍ନିବେଶିତ ହୋଇଅଛି । ଏହା ଗୃହୀମାନଙ୍କର ସୁଦ୍ଧା ରହସ୍ୟରୂପ ଅଟେ । ଅତଏବ ଗୃହୀମାନଙ୍କେ ଏଥିରୁ ଖଣ୍ଡିଏ କିଣି କରି ପଢ଼ିବା ଓ ପଢ଼ାଇ ଶୁଣିବା ଉଚିତ । ଏହା ୭ ଖଣ୍ଡରେ ବିଭକ୍ତ । ପ୍ରତ୍ୟେକ ଖଣ୍ଡର ନାମ ଗ୍ରନ୍ଥକାର ତହିଁର ନାମରେ ଉଲ୍ଲେଖ କରିଅଛନ୍ତି । ଏଥିର ୧ମ ତହିଁର ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ମୂଲ୍ୟ ୧ ଖଣ୍ଡ ଟ ୧।    ଡାକମାସୁଲ ଟ ୦ ✓

ଦରଗାବଜାର } ପୁରାଣପ୍ରକାଶକ କମ୍ପାନୀ ।
କଟକ }

---

ଜନ୍ମପ୍ରାଇମେରୀ, ଅପରପ୍ରାଇମେରୀ, ବର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କ ପ୍ରତି ଅଳ୍ପମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୋସ୍ୱାମୀଙ୍କର ସମ୍ପା ।
ସେକ୍ରେଟେରୀ ।

---

## NOTICE.

Tenders are hereby invited for the construction of a Visitors' Room at the Garh on the Madhupur Wards' Estate, Cuttack District, at an approximate cost of Rs. 6500.

Intending tenderers can obtain all information from the District Engineer's Office, Collectorate, Cuttack, where plan, quantities, estimate, &c. can be seen during office hours.

Tenders will be on District Board's Form No. 2—"Collector of Cuttack" being substituted for "District Board." These forms will be supplied free of charge on application.

Tenders to be submitted to the District Engineer before the 25th October 1900 in sealed covers superscribed, "Tender for Visitors Room, Madhupur Garh."

Rs. 200 in currency notes must accompany each tender.

The General Specification of Works, Orissa Circle, will be in force.

The Collector of Cuttack does not bind himself to accept the lowest or any tender.

Date of commencement of work, November 1900.

Date for completion, 15th June 1901

CUTTACK DISTRICT ENGINEER'S OFFICE,
*Dated 9th September 1900.*

*Sd.* LOUIS E. DESGRATOULET
*District Engineer, Cuttack.*

---

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL,
*Agent,*
*Cuttack.*

---

### ବିଜ୍ଞାପନ ।

### ନୂତନ ପୁସ୍ତକ ।

ଅଧ୍ୟାତ୍ମରାମାୟଣ (କବିଧରଭଞ୍ଜରାଜଙ୍କ କୃତ) ଟ ୨୯
ରୁଦ୍ରାଭିଷେକ    ଟ ୦ ✓

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ
ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ବିଜ୍ଞାପନ

### ନୂତନ ପୁସ୍ତକ ।

ଶ୍ରୀରାମଶଙ୍କର ରାୟଙ୍କ କୃତ

## ବିଷମୋଦକ ।

### ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଛ ଅଣା ମାତ୍ର ।

---

## ବିଜ୍ଞାପନ ।

ଉଚ୍ଚପ୍ରାଇମେରୀ ଛାତ୍ରମାନଙ୍କର ଏକାନ୍ତ ପାଠୋପଯୋଗୀ ସୁଲଭ ମୂଲ୍ୟର

## ଜ୍ୟାମିତି କଳିକା ।

ଏହା ୨୭ଟି ପ୍ରତିଜ୍ଞାରେ ସମ୍ପନ୍ନ । ଏପରି ସରଳ, ସୁବୋଧ୍ୟ, ଓ ସୁକୌଶଳ ପୂର୍ଣ୍ଣ ପୁସ୍ତକ ଆଜିଯାଏ ମୁଦ୍ରିତ ହୋଇ ନ ଥିଲା ।

### ମୂଲ୍ୟ ତିନିଅଣା ମାତ୍ର ।

କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

କାଳୀଗଳି }
କଟକ } ଶ୍ରୀ ଷଡ଼ିଭୂଷଣ ଗୁପ୍ତ ।

---

## ବିଜ୍ଞାପନ ।

## ଯାଦୁତିଃ ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଡିବା ଟ ୦ ।୵ ଛ ଅଣା ମାସୁଲ ଏକଡିବାଠାରୁ ଛ ଡିବା ପର୍ଯ୍ୟନ୍ତ ଟ ୦ । ଦୁଇ ଅଣା ମାତ୍ର ।

ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ଅବ୍ୟର୍ଥ ଜ୍ୱାଲା ଯନ୍ତ୍ରଣା ରହିତ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶହ ଶହ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥ ମାନଙ୍କେ ସୁସ୍ପଷ୍ଟରୂପେ ସ୍ୱ ସ୍ୱ ନାମ, ଧାମ, ଡାକଘର, ଜିଲା ଏବଂ କାହାର କେତେ ଡିବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାରେ ନାନା ବିଘ୍ନ ଉପସ୍ଥିତ ହୁଏ ।

ସ୍ୱତ୍ୱାଧିକାରୀ
ଶ୍ରୀ ରାମତାରକ ସେନ
ଦେଶ ଉତ୍କଳ ପ୍ରେସ, ବାଲେଶ୍ୱର

Split by PDF Splitter

Digitized by srujanika@gmail.com

## ବିଜ୍ଞାପନ

ସୁପ୍ରସିଦ୍ଧ ଡାକ୍ତର ଏଚ୍, ବି, ପାଲଙ୍କର
ଜଗତ୍ବିଖ୍ୟାତ ଯାଗ ମହାଭୃଙ୍ଗରାଜ ତୈଳ,
ଚର୍ମ୍ମ ରୋଗ ନାଶକ,

## ଚର୍ମ୍ମରୋଗ-ତୈଳ ।

ସମଗ୍ର ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, ଚେବେ ବ୍ୟବହାର କରନ୍ତି, ଏପରି ଜଟିଳ ଓ କୁତ୍ସିତ ରୋଗ-ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଗାଈସ୍ତ ଓ ଅନ୍ୟ ରସ୍ତ ପାଶ, ପାଶର ଘା, ଗାଢ଼ ଫଟା, ଖଣ୍ଡି ଓ ଖୋଲସ ଉଠା, ଗାତ୍ରଦାହ, ବେଦନା ଓ ବାତ ଏବଂ ସର୍ବପ୍ରକାର କ୍ଷତ ଓ ଉପଦଂଶ ବିଷ ଏବଂ କ୍ଷତଆଦି ରୋଗ ସମୂଳେ ନିର୍ମୂଳକାରକ ଓ ଦେହ ମହଣ ଉଜ୍ଜ୍ୱଳ କାନ୍ତି ପ୍ରଦାୟକ । ମୂଲ୍ୟ ଛୋଟ ଶିଶି ଟ ୧। ଡାକମାସୁଲ ଟ ୦ ୶୰ ବଡ଼ଶିଶି ଟ ୨୧ ମାସୁଲ ଟ ୧୶୰

ସର୍ବପ୍ରକାର ଜଟିଳ ରୋଗ ନାଶକ ।

## ଚତୁଷ୍ପାର୍ଣ-ପାଳିଷ ।

ଏହାର ଗୁଣର ବିଷୟ ଅଧିକ କ କହିବା ଭାଲୁଆଦ ଚିକିତ୍ସକଗଣ, ରୋଗ ବିଶେଷରେ ଏହ ମହୌଷଧ ପ୍ରିସ୍କ୍ରିପସନରେ ବ୍ୟବସ୍ଥା କରୁଅଛନ୍ତି । ଏହା ଦେଶୀ ଗଛ ଉଦ୍ଭିଦରେ ପ୍ରସ୍ତୁତ, ସେବନର କଡ଼ା ଧରା ବାନ୍ଧ ପାଳନ କରିବାକୁ ହୁଏ ନାହିଁ, ଅଥଚ ଅନ୍ୟ ସକଳ ଉତ୍କୃଷ୍ଟ ପାଲିସା ଅପେକ୍ଷା ଶୀଘ୍ର ଫଳଦାୟକ ଏବଂ ସର୍ବପ୍ରକାର ଜଟିଳ ଓ ପୁରାତନ ରୋଗର ଅମୋଘ ଔଷଧ ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁକ୍ଷୀଣ, ଅମ୍ଳ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, କାଶ, ସ୍ନାୟବିକ ଦୁର୍ବଳତା, ସ୍ତ୍ରୀଲୋକର ବାଧକ, ପ୍ରଦର ରଜଃଦୋଷ, ବନ୍ଧ୍ୟା, ମୃତବତ୍ସା ଦୋଷ ଆଦି ସମୂଳରେ ନିର୍ମୂଳକାରକ ଓ ଦୂଷିତ ରକ୍ତ ପରିଷ୍କାରକ । ମୂଲ୍ୟ ଏକ ଶିଶି ଟ ୧। ମାସୁଲ ଟ ୦ ୶୰ ଦୁଇଶିଶି ଟ ୨। ମାସୁଲ ଟ ୧୶୰ ତିନିଶିଶି ଟ ୩। ମାସୁଲ ଟ ୧୶୰, ୧୨ ଶିଶି ଟ ୨୧ ମାସୁଲ ଟ ୮।୶୰

## ଉତ୍କଟ ଦମା ଓ କାଶ

ରୋଗର ମହୌଷଧ ।

ଏହା ସେବନ କଲେ ସକଳପ୍ରକାର କାସ, ଦମାକାସ, ଯକ୍ଷ୍ମାକାସ, ରକ୍ତଉଠା କାସ, ଶୁଷ୍କକାସ, ଜୀର୍ଣ୍ଣକାସ, ଓ ବିବିଧ ଉପସର୍ଗ ଯୁକ୍ତ କାସ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ତଜ୍ଜନିତ ହୃଦୟରେ ଶ୍ଳେଷ୍ମାବଦ୍ଧ, ଗଳା ଘାଇଁ ଘାଇଁ ଘଡ଼ଘଡ଼, ସ୍ୱରଭଙ୍ଗ, ବେଦନା, ଜ୍ୱର, ମୁଖରେ ଜଳ, ଅରୁଚି, କୋଷ୍ଠବଦ୍ଧ, ଅମ୍ଳ, ଅଜୀର୍ଣ୍ଣ, ଶୋଥଆଦି ଉପସର୍ଗ ସକଳ ଉପଶମିତ ହୁଏ । ମୂଲ୍ୟ ଛୋଟ କୌଟା ଟ ୧୯ ବଡ଼ କୌଟା ଟ୧୰ ମାସୁଲ ଟ ୦।୶୰ । (ଅସଂଖ୍ୟ ପ୍ରଶଂସାପତ୍ର ଲକ୍ଷିତ ।)

ନ ୧୨ ନମ୍ବର ଦୁର୍ଗାଚରଣ ମିତ୍ରର ଷ୍ଟ୍ରିଟ,
ବାଓ୍ୟାନପାଡ଼ା, କଲିକତା ।
ଏଚ୍, ବି, ପାଲଙ୍କ ଔଷଧାଳୟରେ ପ୍ରାପ୍ତବ୍ୟ ।




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଲୀନ

ଏହି ତୈଳ କେଶ ସମ୍ବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚତୁର୍ବିଧ ଏବଂ ମୂଲ୍ୟ ସୁଲଭ:—

ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା,
ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା,
ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା,
ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରିଆଇ ଏହି ଉତ୍ତମ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗୁଲମେଣ୍ଡି; ମଲ୍ଲିକା; ଜାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ହ୍ୱାଇଟ୍ ରୋଜ୍; ବସରା ରୋଜ୍; ବେଣାଚେର; କୁମୁଦିନୀ; ନିଶିକୁସୁମ; ହେନାକୁସୁମ; ପାରିଜାତ କୁସୁମ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

## ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁରଭି ପମେଟମ ପାଞ୍ଚଅଣା ।

## ତାମ୍ବୂଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ପାନରେ କିଛି ମିଶାଇଦେଲେ ଗୁଣ୍ଡି ମହକିପଡ଼ିବ । ମୂଲ୍ୟ ପ୍ରତି ଶିଶି ଅଠଅଣା ।

## ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ସମୟରେ ଏହାଠାରୁ ଉଲ୍ଲେଖଯୋଗ୍ୟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଜିଞ୍ଜର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲାପ ସିରପ୍ ଏକଟଙ୍କା ।

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଇକା ଓ ଖାଏର ବନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶୰ |
| ଅଧସ୍ତମ୍ଭକୁ | ଟ ୨ ୨ |
| ପୃଷ୍ଠା ଏକ ସ୍ତମ୍ଭକୁ | ଟ ୩ ୧ |

ପାଞ୍ଚ ଟୋଣିଏ ବିଜ୍ଞାପନ ଛୋଟ ହେଲେ ହେଲେ ଛପାଇ ଖର୍ଚ୍ଚ ୪୦ ୰ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥରୁ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ କଟକ ପ୍ରିଣ୍ଟିଂ କମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com